RNI REGD NO: 42041/83 · www.sakalaepaper.com · /thesakalanews · www.thesakala.in · /TheSakala



ବୀର ପ୍ରସବିନୀ ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କ ନିରନ୍ତର ଉଦ୍ୟମ ବଳରେ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା । ସେଦିନର ସେଇ ଅଭୁଲା ସ୍ମୃତିକୁ ମନେ ପକାଇ ଆମେ ପ୍ରତିବର୍ଷ ଏହି ଦିନକୁ **'ଓଡ଼ିଶା ଦିବସ'** ଭାବେ ପାଳି ଆସୁଛୁ । ଏହି ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ **'ସକାଳ'** ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।



# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-273 ◆BHUBANESWAR ◆TUESDAY ◆1 APRIL 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧ ଏପ୍ରିଲ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦

सत्यमेव जयते

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି ।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ । ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି । ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ । ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି ।

(ଦ୍ରୌପଦୀ ମୁର୍ମୁ)

OIPR-15001/13/0478/2425

DADLS-04

सत्यमेव जयते

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା ।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି । ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି ।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି ।

ଜୟ ହିନ୍ଦ୍ । ଜୟ ଓଡ଼ିଶା ।

(ଜଗଦୀପ ଧନଖଡ଼)

सत्यमेव जयते



## ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

OIPR-15001/13/0468/2425

DADLS-01

## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଆଇପିଏଲ୍ ପଦାର୍ପଣରେ ଅଶ୍ୱିନିଙ୍କୁ ୱିକେଟ୍

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-273 ♦BHUBANESWAR ♦TUESDAY ♦1 APRIL 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୭୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧ ଏପ୍ରିଲ୍ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


# କୋଟିଆରେ ଓଡ଼ିଆ ବିଲୋପ ପାଇଁ ଆନ୍ଧ୍ରର ଷଡ଼ଯନ୍ତ୍ର

■ **ପଟ୍ଟାଙ୍ଗି, ୩୧।୩ (ସମିସ):** ବିବାଦୀୟ କୋଟିଆ ପଞ୍ଚାୟତ ଓ ଆଖପାଖ ଅଞ୍ଚଳରୁ ପୂରା ଓଡ଼ିଆ ଭାଷାକୁ ବିଲୋପ ପାଇଁ ଆନ୍ଧ୍ର ସରକାର ନୂଆ ଚକ୍ରାନ୍ତ ଆରମ୍ଭ କରିଛି। ସୀମାନ୍ତବର୍ତ୍ତୀ ଏହି ଗାଁଗୁଡ଼ିକର ଲୋକଙ୍କୁ ଟଙ୍କା ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ଲୋଭ ଦେଖାଇ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ତେଲୁଗୁ ପଢ଼ିବା ଓ ଶିଖିବାକୁ ପ୍ରଲୋଭିତ କରୁଛି। ନୂଆ ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ କରି ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସେଠାରେ ପାଠ ପଢ଼ାଇବାକୁ ଏକପ୍ରକାର ଜାଲ ବିଛାଉଛି। ଓଡ଼ିଶା ସରକାର ଛାତ୍ରଛାତ୍ରୀଙ୍କ ନିମନ୍ତେ ସମସ୍ତ ପ୍ରକାର ସୁବିଧା ସେଠାରେ ଯୋଗାଇଥିବା ସତ୍ତ୍ୱେ ଲୋକଙ୍କ ଗରିବୀର ଫାଇଦା ନେଇ ଆର୍ଥିକ ପ୍ରୋତ୍ସାହନ ଦେଇ ଓଡ଼ିଆ ପିଲାଙ୍କୁ ସେଠାରେ ପଢ଼ାଉଛି। ପ୍ରତି ପିଲା ପିଛା ଆନ୍ଧ୍ର ବାର୍ଷିକ ୧୫ ହଜାର ଟଙ୍କାର ପ୍ରୋତ୍ସାହନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଦେଉଥିବା ଜଣାଯାଇଛି। ଆନ୍ଧ୍ରର ଏଭଳି ଷଡ଼ଯନ୍ତ୍ରକୁ ଓଡ଼ିଶା ସରକାର ତୁରନ୍ତ ପ୍ରତିରୋଧ ନ କଲେ, ଆଗାମୀ ଦିନରେ କୋଟିଆ ଅଞ୍ଚଳରୁ



## ଟଙ୍କା ଲୋଭ ଦେଖାଇ ଛାତ୍ରଛାତ୍ରୀଙ୍କୁ ଟାଣି ନେଉଛି ପଡ଼ିଶା

## ପିଲା ପିଛା ୧୫ ହଜାର ପ୍ରୋତ୍ସାହନ ଦେଉଛି

ସମ୍ପୂର୍ଣ୍ଣ ରୂପେ ଓଡ଼ିଆ ଭାଷା ଲୁପ୍ତ ହେବା ସହ କୋଟିଆର ୨୧ଟି ବିବାଦୀୟ ଗ୍ରାମ ମଧ୍ୟ ସମ୍ପୂର୍ଣ୍ଣ ଆନ୍ଧ୍ରପ୍ରଦେଶରେ ମିଶିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ପୂର୍ବ ସରକାର ଅମଳରେ କୋଟିଆର ବିବାଦୀୟ ୨୧ ଖଣ୍ଡ ଗ୍ରାମର ପିଲାଙ୍କ ପାଠପଢ଼ା ପାଇଁ ପ୍ରତ୍ୟେକ ଗ୍ରାମରେ ସ୍କୁଲ ନିର୍ମାଣ କରାଯାଇଥିଲା। କିଛି ବିଦ୍ୟାଳୟରେ ଛାତ୍ରାବାସର ମଧ୍ୟ ବ୍ୟବସ୍ଥା ହୋଇଛି। ଛାତ୍ରଛାତ୍ରୀଙ୍କୁ ମାଗଣା ବହି, ଡ୍ରେସ୍, ଜୋତା, ଖାତା କଲମ, ଖାଇବାର ସୁବିଧା ସହ ସାଇକେଲ ମଧ୍ୟ ପ୍ରଦାନ କରାଯାଉଛି। କିନ୍ତୁ ଆନ୍ଧ୍ରର ଷଡ଼ଯନ୍ତ୍ର ଯୋଗୁଁ ଏବେ ଏଠାରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ସ୍କୁଲ, ଶିକ୍ଷକ ଓ ଅନ୍ୟାନ୍ୟ ସୁବିଧା ଥାଇ ମଧ୍ୟ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ତେଲୁଗୁ ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲକୁ ପଠାଉଛନ୍ତି। ଆନ୍ଧ୍ର ସରକାର ଅଭିଭାବକଙ୍କୁ ଟଙ୍କା ଲୋଭ ଦେଖାଉଥିବାରୁ ଏଭଳି ବିଭ୍ରାଟ ସୃଷ୍ଟି ହୋଇଛି।

ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି କୋଟିଆ ପଞ୍ଚାୟତର ନେରେଡିବାଲାସା ଗ୍ରାମକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ଓଡ଼ିଶା ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ନିର୍ମାଣ କରିଛନ୍ତି। କିନ୍ତୁ ଏଥିରେ ବାଦ କରି ଆନ୍ଧ୍ର ମଧ୍ୟ ଏଠାରେ ଏକ ବିଦ୍ୟାଳୟ ନିର୍ମାଣ କରି ପିଲାଙ୍କୁ ତେଲୁଗୁ ଭାଷାରେ ଶିକ୍ଷାଦାନ କରୁଛି। ପ୍ରତିଦିନ ନିୟମିତ ଆନ୍ଧ୍ରରୁ ଶିକ୍ଷକ ଆସି ଏଠାରେ ପିଲାଙ୍କୁ ତେଲୁଗୁରେ ଶିକ୍ଷାଦାନ କରୁଛନ୍ତି। ପିଲାଙ୍କୁ ପୁଷ୍ଟିଯୁକ୍ତ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଉଛି। ଖଟା ଭାତ, ତରକାରୀ, ଅଣ୍ଡା ସହ ବାଦାମ ମିଠା ଭଳି ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ଖାଲି ଶିକ୍ଷା ନୁହେଁ, ପ୍ରତି ପିଲା ପିଛା ଆନ୍ଧ୍ର ୧୫ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି, ବହି ଖାତା ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରୁଛି ବୋଲି ଶିକ୍ଷକ ଓ ଗ୍ରାମବାସୀ କହିଛନ୍ତି। ସେହିପରି ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପ୍ରାପ୍ତି କରିବା ପରେ ଛାତ୍ରଙ୍କୁ ଆନ୍ଧ୍ର ବିଦ୍ୟାଳୟକୁ ନେଇ ଛାତ୍ରାବାସରେ ରଖି ସେମାନଙ୍କୁ ଶିକ୍ଷାଦାନ ଦେଉଥିବା ଜଣାପଡ଼ିଛି। କେବଳ ବିଦ୍ୟାଳୟ ନୁହେଁ, ଏଠାରେ ଆନ୍ଧ୍ରର ଏକାଧିକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଗଢ଼ି ଉଠିଛି। ଏନେଇ ନେରେଡିବାଲାସା ଗ୍ରାମରେ ▶ପୃଷ୍ଠା-୭

### ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣା

# ପୁରୁଷବନ୍ଧୁ ପ୍ରୀତିମାନ ଗିରଫ

■ **ସମ୍ବଲପୁର, ୩୧।୩ (ସମିସ):** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ପାସ୍-ଆଉଟ୍ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ ମୃତ୍ୟୁ ଘଟଣାରେ ସୋମବାର ବୁର୍ଲା ଥାନା ପୁଲିସ୍ ତାଙ୍କ ପୁରୁଷ ବନ୍ଧୁ ପ୍ରୀତିମାନ ଦେ (୨୭)ଙ୍କୁ ଗିରଫ କରିଛି। ଏହି ଘଟଣାରେ ଓଡ଼ିଶା ହାଇକୋର୍ଟ ସମ୍ବଲପୁର ଏସ୍‌ପିଙ୍କୁ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ସୂଚନାଯୋଗ୍ୟ, ୨୦୨୩ ଫେବୃଆରୀ ୨୮ ତାରିଖରେ ଭିସୁଟ୍‌ରେ ସମାବର୍ତ୍ତନ ଉତ୍ସବ ହୋଇଥିଲା। ରାତି ପ୍ରାୟ ୮ରୁ ୯ଟା ମଧ୍ୟରେ ଚିନ୍ମୟୀ ଓ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ ବୁର୍ଲା ପାୱାରଚ୍ୟାନାଲ ବ୍ରିଜ୍‌କୁ ବୁଲିବାକୁ ଯାଇଥିଲେ। କିଛି ସମୟ ପରେ ଚିନ୍ମୟୀ ପାଣିରେ ପଡ଼ି ଯାଇଥିଲେ। ଏହାର ପରଦିନ (ମାର୍ଚ୍ଚ ୧)ରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଚିନ୍ମୟୀଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ମା' ସେତେବେଳେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୁଲିସ୍ ଚିନ୍ମୟୀଙ୍କ ପୁରୁଷ ବନ୍ଧୁ ପ୍ରୀତିମାନଙ୍କ ମିଛଧରା (ଲାଏ ଡିଟେକ୍ସନ୍) ପରୀକ୍ଷା କରିଥିଲା। ତଦନ୍ତ କରି ପୁଲିସ୍ କହିଥିଲା ଯେ ପାଣିରେ ପଡ଼ି ଚିନ୍ମୟୀଙ୍କ ମୃତ୍ୟୁ ହୋଇଛି। ପୁଲିସ୍ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଚିନ୍ମୟୀଙ୍କ ମା' ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପୁଣିଥରେ ଏହି ମାମଲାର ଖୋଳତାଡ଼ ଆରମ୍ଭ କରି ଆଜି ପ୍ରୀତିମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଚିନ୍ତା ବଢ଼ାଇଲେଣି କେକେବିଏନ୍, ଛତିଶଗଡ଼ୀ ମାଓବାଦୀ

■ **ଭୁବନେଶ୍ୱର,୩୧।୩(ସମିସ):** ଆସନ୍ତା ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାକୁ ମାଓମୁକ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅବଧି ଶେଷ ପାଇଁ ମାତ୍ର ଗୋଟିଏ ବର୍ଷ ବାକିଥିବାବେଳେ କେକେବିଏନ୍ ଓ ଛତିଶଗଡ଼ ମାଓବାଦୀ ଏବେ ରାଜ୍ୟ ପାଇଁ ଆହ୍ୱାନ ସୃଷ୍ଟି କରିଛନ୍ତି। ଓଡ଼ିଶାରେ ଏବେ ୧୦ଟି ଜିଲ୍ଲାରେ ମାଓ ଗତିବିଧି ଲାଗି ରହିଛି। କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, ନବରଙ୍ଗପୁର, ନୂଆପଡା, ରାୟଗଡା, ବରଗଡ, କୋରାପୁଟ ଓ ବୌଦ୍ଧରେ ମାଓବାଦୀଙ୍କ କାର୍ଯ୍ୟକଳାପ ଲାଗି ରହିଛି। ବିଶେଷକରି ଏହି ମାଓ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଗମନାଗମନ, ମୋବାଇଲ ସେବା ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ସବୁ ଅଞ୍ଚଳରକୁ ଛୁଇଁ ପାରିନି। ଯାହାଫଳରେ ମାଓବାଦୀମାନେ ସୁରକ୍ଷାବାହିନୀ ତଥା ପ୍ରଶାସନକୁ ଚକ୍‌ମା ଦେବାରେ ସଫଳ ହେଉଛନ୍ତି। ତେଣୁ ଏହି ମୌଳିକ ଭିତ୍ତିଭୂମିଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସୁଦୃଢ଼ୀକରଣ କରିବା ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ ଲାଗି ଆହ୍ୱାନ ରହିଛି।

ଓଡ଼ିଶାରେ କେକେବିଏନ୍ (କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ) ଡିଭିଜନ୍‌ର କ୍ୟାଡର ମାଓବାଦୀମାନେ ସକ୍ରିୟ ରହି ହିଂସାକାଣ୍ଡ ଘଟାଉଛନ୍ତି। ଛତିଶଗଡ ସଂଲଗ୍ନ ନୂଆପଡ଼ା ଜିଲ୍ଲାରେ ଏବେ ମେନ୍‌ପୁର ଡିଭିଜନ୍ ବି ସକ୍ରିୟ ରହିଛି। କେବଳ ଏତିକି ନୁହେଁ, ଓଡ଼ିଶାରେ ୯୦ ପ୍ରତିଶତ ଛତିଶଗଡୀ ମାଓବାଦୀ ରହିଛନ୍ତି। ଗୋଟିଏ ପଟେ କେକେବିଏନ୍, ନୟନପୁରୀ ଡିଭିଜନ୍ ଓ ଅନ୍ୟପଟେ ଛତିଶଗଡୀ ମାଓବାଦୀଙ୍କ ସକ୍ରିୟତା ସୁରକ୍ଷାକର୍ମୀଙ୍କୁ ଅଡୁଆରେ ପକାଇଛି। ଅନୁରୂପ ଭାବେ ଛତିଶଗଡରୁ ମାଓବାଦୀମାନେ ଆସି ଓଡ଼ିଶାରେ ଦବ୍‌ଦବା ଜାହିର କରିବା ସହ ବଡଧରଣ ହିଂସା ଘଟାଇବା ଲାଗି ଷଡଯନ୍ତ୍ର ରଚୁଛନ୍ତି। ଓଡ଼ିଶାରେ ଏବେ ଛତିଶଗଡୀ ମାଓବାଦୀ ସକ୍ରିୟ ରହିଥିବା ବେଳେ ଆନ୍ଧ୍ର କ୍ୟାଡର ମାଓବାଦୀ ଏହାର ନେତୃତ୍ୱ ନେଉଛନ୍ତି। ସେମାନେ ଆନ୍ଧ୍ରପ୍ରଦେଶରେ ରହି ଏହାକୁ ଅପରେଟ୍ କରିବା ସହ ଓଡ଼ିଶାରେ ମାଓହିଂସା ଘଟାଇବା ଲାଗି ଯୋଜନା କରୁଛନ୍ତି। କ୍ୟାଡର ମାଓବାଦୀ ମୁରଲୀ ଓ ମୋଦମ୍ ବାଲା କ୍ରିଷ୍ଣା ଓଡ଼ିଶା ଜୋନାଲ କମିଟିର ନେତୃତ୍ୱ ନେଉଛି ଉଭୟସିପିଆଇଏମ୍ କେନ୍ଦ୍ରୀୟକମିଟିର ସଦସ୍ୟ ରହିଛନ୍ତି। ଓଡ଼ିଶାରେ ମାଓ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ଛତିଶଗଡ ମାଓବାଦୀଙ୍କ ସହ ମିଶି ବଡ଼ଧରଣ ହିଂସାକାଣ୍ଡ ଭିଆଇବାକୁ କମିଟି ଯୋଜନା ପ୍ରସ୍ତୁତ କରୁଛି। କାରଣ ଛତିଶଗଡରେ ମାଓ ବିରୋଧୀ ଅପରେସନ୍ ଜାରି ରହିଥିବାରୁ ଓଡ଼ିଶାକୁ ଛତିଶଗଡୀ ମାଓବାଦୀମାନେ ଅନୁପ୍ରବେଶ କରୁଛନ୍ତି।

ଓଡ଼ିଶାରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୁରକ୍ଷା ନିମନ୍ତେ ୭୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷାବଳ, ୩୫ଟି ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍, ୬୦୦ ଡିଭିଏଫ୍ ଯବାନ, ୭୫ ପ୍ଲାଟୁନ ଆଇଆର୍‌ବି, ସ୍ୱତନ୍ତ୍ର ସୁରକ୍ଷା ବଳୟ ୩୨ ପ୍ଲାଟୁନ ଓ ୩୫୦ରୁ ଅଧିକ ଅବସରପ୍ରାପ୍ତ ଯବାନଙ୍କୁ ମାଓ ବିରୋଧ ଅପରେସନ୍‌ରେ ମୁତୟନ କରାଯାଉଛି। ସେହିପରି ମାଓ ବିରୋଧ ଲଢ଼େଇରେ ▶ପୃଷ୍ଠା-୭



ପବିତ୍ର ଇଦ୍ ଉପଲକ୍ଷେ ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ

## ଲଜ୍ଜା

# ସାଙ୍ଗ ସହ ମିଶି ନାବାଳିକା ପ୍ରେମିକାକୁ ଗଣଦୁଷ୍କର୍ମ

■ **ତେଲକୋଇ, ୩୧।୩(ସମିସ):** ଯାହାକୁ ନିଜର ଭାବି ମନ ଦେଇଥିଲେ, ସେ ହିଁ ସଇତାନ ସାଜିଲା। ପ୍ରେମିକାକୁ ସାଙ୍ଗମାନଙ୍କ ସହ ମିଶି ଜୋରଜବରଦସ୍ତ ଗଣଦୁଷ୍କର୍ମ କଲା। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରୁ ଆଜି ଏଭଳି ଏକ ଚାଞ୍ଚଲ୍ୟକର ତଥା ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ଏହି ଘଟଣାରେ ତେଲକୋଇ ପୁଲିସ୍ ଦୁଇ ନାବାଳକଙ୍କ ସହ ଅନ୍ୟ ଦୁଇଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଗତ ଶନିବାର ଏହି ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି।

ସୂଚନାନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଥିଲା। ଗତ ଶନିବାର ସଂଧ୍ୟାରେ ସେ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ଡାକି ସେଠାରେ ତାଙ୍କ ସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ପରେ ତା' ସହ ଥିବା ଅନ୍ୟ ତିନିଜଣ ମଧ୍ୟ ନାବାଳିକାଙ୍କୁ ଡରାଇ ଧମକାଇ ଦୁଷ୍କର୍ମ କରିଥିଲେ। ତେବେ ନାବାଳିକାଜଣଙ୍କ କୌଶଳକ୍ରମେ ସେଠାରୁ ଖସି ଆସି ପରିବାରଲୋକଙ୍କୁ ଜଣାଇବା ପରେ ଘଟଣା ପ୍ରଘଟ ହୋଇଥିଲା। ଏନେଇ ନାବାଳିକାଙ୍କ ପରିବାରଲୋକ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଚାରିଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଅପରପେକ୍ଷ, ପୁଲିସ୍ ନାବାଳିକାଙ୍କ ଡାକ୍ତରୀମାଇନା କରାଇଥିବା ଜଣାଯାଇଛି।

# ଜାତୀୟ ସାଂସ୍କୃତିକ ଐତିହ୍ୟ ସୂଚୀରେ ରଥଯାତ୍ରା ଓ ବାଲିଯାତ୍ରା

■ **ଭୁବନେଶ୍ୱର,୩୧।୩(ସମିସ):** ଜାତୀୟ ଅତୁଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଓଡିଶାର ରଥଯାତ୍ରା ଓ ବାଲିଯାତ୍ରା ସାମିଲ ହୋଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତର ସର୍ବୋଚ୍ଚ ସାଂସ୍କୃତିକ ସଂସ୍ଥା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ତାଲିକା ପ୍ରକାଶ ପାଇଛି। ଯେଉଁଥିରେ କଟକର ଐତିହାସିକ ବାଲିଯାତ୍ରା ୪୫ତମ ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୫୪ତମ ସ୍ଥାନରେ ରହିଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେବା ସହ ଖୁସି ପ୍ରକଟ କରିଛନ୍ତି।

### 'ଏକ୍ସ'ରେ ଖୁସି ପ୍ରକଟ କଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନେଇ ଆରମ୍ଭ ହୋଇଥିବା ପ୍ରକ୍ରିୟାର ପ୍ରଥମ ସୋପାନରେ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସଙ୍ଗୀତ ନାଟକ ଅକାଦେମୀର ଜାତୀୟ ଐତିହ୍ୟ ତାଲିକାରେ ରଥଯାତ୍ରା ସାମିଲ ହୋଇଥିବା ଖବର ଜାଣି ମୁଁ ବିଶେଷ ଆନନ୍ଦିତ। ଏହି ଅବସରରେ ମହାପ୍ରଭୁଙ୍କ ସେବକଗଣ, ଅଗଣିତ ଜଗନ୍ନାଥ ପ୍ରେମୀଭକ୍ତ ତଥା ଶ୍ରୀମନ୍ଦିର ପ୍ରଶାସନଙ୍କୁ ▶ପୃଷ୍ଠା-୭

# ଦଣ୍ଡନାଚରେ ଗଡ଼ିଲା ମୁଣ୍ଡ

## ଗଞ୍ଜେଇ ବ୍ୟବସାୟୀଙ୍କ ଗଳା କାଟିଲେ ବାପା-ପୁଅ

■ **ବ୍ରହ୍ମପୁର, ୩୧।୩ (ସମିସ):** ଗଞ୍ଜାମ ଜିଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଦଣ୍ଡନାଟ ବେଳେ ବଡ଼ବଜାର ଥାନା ଅନ୍ତର୍ଗତ ଜେନା ସାହିରେ ରବିବାର ବିଳମ୍ବିତ ରାତିରେ ଜଣଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ବେଲଗାଁର ଜଗଦୀଶ ପାଣିଗ୍ରାହୀ ଓରଫ କୋକ (୩୪)। ଏହି ଘଟଣାରେ ଆକ୍ରମଣକାରୀ ବାପା ଓ ପୁଅକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବାପା ଓ ପୁଅ ହେଲେ, ବେଲଗାଁର ତ୍ରିନାଥ ପାଣିଗ୍ରାହୀ (୭୩) ଓ ତାଙ୍କ ପୁଅ ପ୍ରଦୀପ କୁମାର ପାଣିଗ୍ରାହୀ(୪୦)। ହତ୍ୟାରେ ବ୍ୟବହୃତ ଛୁରୀ ଓ କାର ଜବତ କରିଛି ପୁଲିସ।

### ଭୋଗ ବଣ୍ଟନରେ ପାଟିତୁଣ୍ଡ, ନାଟ ଆରମ୍ଭରେ ହତ୍ୟା

### ଛୁରି ଓ କାର୍ ଜବତ, ବେଲଗାଁ ପାର୍ଟିର ସାମାଜିକ ନାଟକ ବନ୍ଦ

ସୂଚନାଯୋଗ୍ୟ, ରବିବାର ଜେନାସାହିର ଶାନ୍ତନୁ କୁମାର ସାହୁଙ୍କ ଦାଣ୍ଡରେ ବେଲଗାଁର ଦଣ୍ଡନାଚ ଚାଲିଥିଲା। ରାତିରେ ଭୋଗ ବଣ୍ଟନ ବେଳେ କୋକ ଓ ଦଣ୍ଡନାଚର ନାଟ ଅଧିକାରୀ ତ୍ରିନାଥ ପାଣିଗ୍ରାହୀଙ୍କ ମଧ୍ୟରେ ବଚସା ହୋଇଥିଲା। ରାତି ପ୍ରାୟ ସାଢ଼େ ୨ଟାରେ ଉକ୍ତ ସାହିରେ ଦଣ୍ଡନାଟ ଆରମ୍ଭ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଷ୍ଟେଜକୁ ନେଇ ପୁଣି ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ କୋକ ଉତ୍‌କ୍ଷିପ୍ତ ହୋଇ ତ୍ରିନାଥକୁ ଗାଳିଗୁଳଜ କରି ମାରଣାସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଖବର ପାଇ ତ୍ରିନାଥଙ୍କ ପୁଅ ପ୍ରଦୀପ ସେଠାରେ ପହଞ୍ଚିବାରୁ ଘଟଣା ଉଗ୍ରରୂପ ନେଇଥିଲା। ପ୍ରଦୀପ ଏକ ଧାରୁଆ ଛୁରିରେ କୋକଙ୍କ ଗଳାକାଟି ଦେଇଥିଲା। ପାଲଟା ଆକ୍ରମଣରେ ପ୍ରଦୀପ ବି ଆହତ ହୋଇଥିଲା। ନାଟକର ଅନ୍ୟ କର୍ମକର୍ତ୍ତାମାନେ ୩ଜଣଙ୍କୁ ଆହତ ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର କୋକଙ୍କୁ ମୃତ ଘୋଷଣା କରିଥିଲେ। ମୃତ କୋକଙ୍କ ଗଳା, ▶ପୃଷ୍ଠା-୭

## କାର୍ଯ୍ୟାନୁଷ୍ଠାନକୁ ନେଇ ଉତ୍ତେଜନା

# ପୁଲିସକୁ ପିଟିଲେ; ପିସିଆର୍ ଭାଙ୍ଗିଲେ

■ **ଭୁବନେଶ୍ୱର, ୩୧।୩ (ସମିସ):** ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଭରତପୁରରେ ଘଟିଛି ତୁମୁଳ କାଣ୍ଡ। ସାନଭାଇ ଓ ବୋହୂକୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ପୁଲିସ ଉତ୍ୟକ୍ତ ଲୋକଙ୍କ ଶିକାର ହୋଇଛି। ଏଥିରେ ଅତିରିକ୍ତ ଆଇଆଇସି ମାଧବାନନ୍ଦ ବସ୍ତିଆଙ୍କ ସହ ଜଣେ ମହିଳା ଏଏସ୍‌ଆଇ ଓ ଡ୍ରାଇଭର ଆହତ ହୋଇଛନ୍ତି। ଏପରିକି କ୍ରୋଧାନ୍ୱିତ ଲୋକମାନେ ପିସିଆର୍ ଭ୍ୟାନକୁ ମଧ୍ୟ ଭଙ୍ଗାରୁଜା କରିଛନ୍ତି।



ସୂଚନା ଅନୁସାରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଭାସ୍କର ମହାରଣାଙ୍କ ଦୁଇ ପୁଅ ସୂର୍ଯ୍ୟ ଓ ଅଶୋକ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୁଇ ଦିନ ପୂର୍ବେ ଉଭୟପକ୍ଷ ହାତାହାତି ହୋଇ କଥା ଥାନା ପର୍ଯ୍ୟନ୍ତ ଯିବା ପରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ବନଦୁର୍ଗା ସାହି ସ୍ଥିତ ଘରେ କେବଳ ଭାସ୍କର ରହିବେ ବୋଲି ନିଷ୍ପତ୍ତି ହୋଇଥିଲା; କିନ୍ତୁ ଗତକାଲି ରାତିରେ ସୂର୍ଯ୍ୟ ଓ ତାଙ୍କ ପରିବାର ଲୋକେ ସେଠାରେ ରହିବାକୁ ଜିଦ୍ କରିବାରୁ ଅନ୍ୟତ୍ର ରହୁଥିବା ସାନଭାଇ ଅଶୋକ ଓ ତାଙ୍କ ପତ୍ନୀ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ସୂର୍ଯ୍ୟ ହଠାତ୍ ଏକ ଖଣ୍ଡାରେ ଅଶୋକ ଓ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରିଥିଲେ। ପତିପତ୍ନୀ ଆହତ ହେବାପରେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ପଠାଇଥିଲେ।

ଖବରପାଇ ଭରତପୁର ଥାନାର ଅତିରିକ୍ତ ଆଇଆଇସି ମାଧବାନନ୍ଦ ବସ୍ତିଆ, ଏଏସ୍‌ଆଇ ସଙ୍ଘମିତ୍ରା କର ଓ ଅନ୍ୟ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଥାନାକୁ ଉଠାଇ ନେଉଥିଲେ। ସେହି ସମୟରେ କିଛି ଲୋକ ସେଠାରେ ପହଞ୍ଚି ପୁଲିସକୁ ଆକ୍ରମଣ କରିବା ସହିତ ପୁଲିସ ଗାଡ଼ି ଭଙ୍ଗାରୁଜା କରିଥିଲେ। କେବଳ ପୁଲିସ ଗାଡ଼ି ନୁହଁ, ଅଟୋ, ମୋଟରସାଇକେଲ ଯାହା ପାରିଲେ ତାହା ଭାଙ୍ଗିଥିଲେ। ପୁଲିସକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ ହେଉଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା ଓ ଲୋକମାନେ ଅଭିଯୁକ୍ତଙ୍କୁ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଲୋକଙ୍କ ଆକ୍ରମଣରେ ଅତିରିକ୍ତ ଆଇଆଇସି, ମହିଳା ଏଏସ୍‌ଆଇ ଓ ଡ୍ରାଇଭର କାର୍ତ୍ତିକ ବେହେରା ଆହତ ହୋଇଥିଲେ। ସମାନ ବିବାଦରୁ ଦୁଇ ଦିନ ପୂର୍ବେ ▶ପୃଷ୍ଠା-୭

# ଏପ୍ରିଲରେ ବର୍ଷିବ ନିଆଁ

## ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଆଶଙ୍କା

■ **ଭୁବନେଶ୍ୱର,୩୧।୩(ସମିସ):** ଏଥର ଏପ୍ରିଲ୍ ମାସରେ ଆକାଶରୁ ବର୍ଷିବ ନିଆଁ। ଅସମ୍ଭାଳ ତାତିରେ ସାଂଗକୁ ଗ୍ରୀଷ୍ମ ଲହରୀ ଜନଜୀବନକୁ ଅଥୟ କରିବ। ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବାର ଆଶଙ୍କା ହେତୁ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ। ଆଇଏମ୍‌ଡି ଜାରି କରିଥିବା ରିପୋର୍ଟରେ ଦର୍ଶାଇଛି ଯେ ଏପ୍ରିଲ୍ ମାସରେ ଓଡ଼ିଶାରେ ଉଭୟ ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବ। ଏହାସହିତ ବର୍ଷାର ଅଭାବ ହେତୁ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ କମ୍ ରହିବ। ଅନ୍ୟପଟେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବୌଦ୍ଧରେ ତାପମାତ୍ରା ୪୨.୧ ଡିଗ୍ରୀ ରେକର୍ଡ ହୋଇଛି। ଝାରସଗୁଡ଼ାରେ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବଲାଙ୍ଗିର ୪୧.୨, ଟିଟଲାଗଡ଼ ୪୧, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୪୦.୬ ଓ ଭାବନୀପାଟଣାରେ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନ ଥିବା ବେଳେ ଆସନ୍ତା ୫ ଦିନ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ହୋଇପାରେ। ଏହି କ୍ରମରେ ମଙ୍ଗଳବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ବୌଦ୍ଧ ଓ ଅନୁଗୁଳରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ବହିବା ନେଇ ଆଶଙ୍କା କରାଯାଇଛି। ମାତ୍ର ଏହାପରେ ରାଜ୍ୟରେ ତାତି ଅସମ୍ଭାଳ ହେବ ବୋଲି କୁହାଯାଇଛି।




THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-273 ◆BHUBANESWAR ◆TUESDAY ◆1 APRIL 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧ ଏପ୍ରିଲ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦



ଭିତର ପୃଷ୍ଠା

ଟ୍ରମ୍ପଙ୍କ ବୋମା ଧମକ: ଇରାନର କ୍ଷେପଣାସ୍ତ୍ର ସାଜସଜ୍ଜା

କୁମାରୀତ୍ୱ ପରୀକ୍ଷା ପାଇଁ ମହିଳାଙ୍କୁ ବାଧ୍ୟ କରାଯାଇପାରିବ ନାହିଁ

ପାକିସ୍ଥାନରେ ହାଫିଜ୍ ସୟିଦ ଘନିଷ୍ଠକୁ ଗୁଳିକରି ହତ୍ୟା


## ୨ରେ ସଂସଦରେ ଉପସ୍ଥାପନ ହୋଇପାରେ ୱାକଫ୍ ବିଲ୍

■ **ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି):** ସଂସଦର ଚଳିତ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଏହାପୂର୍ବରୁ କେନ୍ଦ୍ର ସରକାର ଏପ୍ରିଲ୍ ୨ରେ ୱାକଫ୍ ସଂଶୋଧନ ବିଲ୍ ଲୋକସଭାରେ ଆଗତ କରିପାରନ୍ତି ବୋଲି ସୂଚନା ମିଳିଛି। କିନ୍ତୁ ଏହି ବିଲ୍କୁ ବିରୋଧ କରି ଆସିଥିବା ବହୁ ବିରୋଧୀ ଦଳ ସେମାନଙ୍କ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଥିଲା ବେଳେ ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀଙ୍କୁ ସମାଲୋଚନା କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୱାକଫ୍ ବିଲକୁ ବିରୋଧ କରୁଥିବା ବ୍ୟକ୍ତି ବିଶେଷ ବଳଶାଳୀ ହୋଇଥିବାରୁ ସେମାନେ ନିରୀହ ଲୋକଙ୍କ ମଧ୍ୟରେ ଭ୍ରାନ୍ତି ସୃଷ୍ଟି କରୁଛନ୍ତି। ୱାକଫ୍ ସଂଶୋଧନ ବିଧେୟକ ଗରିବ ମୁସଲମାନ, ପିଲା ଓ ମହିଳାଙ୍କ ହିତରେ ରହିଛି। ସେ କହିଛନ୍ତି ଯେ ଏହି ବିଲ୍ ୱାକଫ୍ ବୋର୍ଡର ସମ୍ପତ୍ତି ପରିଚାଳନା ମାମଲାରେ ଉତ୍ତରଦାୟୀ ରହିବା ସହିତ ବୋର୍ଡ ପାରଦର୍ଶିତାକୁ ସୁନିଶ୍ଚିତ କରିବ। ଏହି ବିଲ୍ ମାଧ୍ୟମରେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କ କଲ୍ୟାଣ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।







## ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ରାଜ୍ୟରେ ମା' ଓ ସୀମା ଉଭୟ ଅସୁରକ୍ଷିତ

ଭୁବନେଶ୍ୱର,୩୧।୩(ସମିସ): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ; ସୀମା ଅବସ୍ଥା ଅସମ୍ଭାଳ। ଅସୁରକ୍ଷିତ ମହିଳାଙ୍କୁ ସୁରକ୍ଷା ଦେବା ବଦଳରେ ପୁଲିସ ଲଗାଇ ସରକାର ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ଅନ୍ୟପକ୍ଷରେ ଟ୍ରିପଲ ଇଞ୍ଜିନ୍ ଆନ୍ଧ୍ରକୁ ଡ଼ବଲ ଇଞ୍ଜିନ ଓଡ଼ିଶା



ସରକାର କୋଟିଆକୁ ଯୌତୁକ ଦେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ।

ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଏହି ସରକାରର ୯ ମାସ ମଧ୍ୟରେ ରାଜ୍ୟର ମା, ଝିଅ, ଭଉଣୀ ଅସୁରକ୍ଷିତ। ସବୁ ଜିଲ୍ଲାରେ ମହିଳା ନିର୍ଯ୍ୟାତନା ବଢ଼ିଚାଲିଛି, ଛାତ୍ରୀମାନେ ଗର୍ଭବତୀ ହେଉଛନ୍ତି। ଏହାକୁ ବିରୋଧ କରି ୨୭ ତାରିଖରେ କଂଗ୍ରେସ ଦଳର ବିଧାନସଭା ଘେରାଉ ବେଳେ ପୁଲି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବ ସରକାର ସମୟରେ ବିଜେପି ଆନ୍ଦୋଳନ କରିଛି; ବିଧାନସଭାରେ ଡାଲି ଚପଲ ଫିଙ୍ଗିବା ସହ ଘଣ୍ଟ ପିଟିଛି। ହେଲେ ଏବେ ଶାସକ ଦଳରେ ଥିବାବେଳେ ବିଜେପି ଆନ୍ଦୋଳନକୁ ସହ୍ୟ କରିପାରୁନାହିଁ। ବିଜେପି ସରକାର କିଛି ଏଜେଣ୍ଡା ନେଇ ଆସିଛନ୍ତି। ଓଡ଼ିଶାରେ ଖଣିପାଣି ଲୁଟ ହିଁ ବିଜେପିର ଏଜେଣ୍ଡା। ମୁଖ୍ୟମନ୍ତ୍ରୀଙ୍କୁ

**■ ପୁଲିସ୍ ଲଗାଇ ଗଣତନ୍ତ୍ରକୁ ହତ୍ୟା କରାଯାଉଛି**
**■ ଆନ୍ଧ୍ରକୁ ଡ଼ବଲ ଇଞ୍ଜିନର କୋଟିଆ ଯୌତୁକ**

ଅସ୍ତ୍ର କରି ଏହି ଲୁଟ ହେଉଛି। ଓଡ଼ିଶାର ଅଧାରୁ ଅଧିକ ଖଣିରୁ କିଛି ଗୁଜୁରାଟ ଖଣି ନିଗମକୁ ଦିଆଯାଇଛି । ସେହିପରି ପୁଲିସ ଡ଼ିଜିଙ୍କ କାମ ବିଜେପି କର୍ମୀଙ୍କ କାମକୁ ବି ବଳି ଯାଇଛି। ପୁଲିସ ଡିଜି ଶାସକ ଦଳର ସଂଗଠକ ଭାବେ କାର୍ଯ୍ୟ କରୁଥିବା ମନେ ହେଉଛି। ରାଜନୈତିକ ନେତାଙ୍କ ପରି ସେ ମନ୍ତବ୍ୟ ଦେଉଛନ୍ତି। ପୁଲିସ ଡିଜି ରାଜ୍ୟର ଆଇନଶୃଙ୍ଖଳା ରକ୍ଷା କରିବା ବଦଳରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ସୁରକ୍ଷା ପାଇଁ କାମ କରୁଛନ୍ତି। ମହିଳାଙ୍କ ବିରୋଧରେ ଅପରାଧ ବେଳକୁ ଡ଼ିଜିଙ୍କ ତଣ୍ଟି ଫିଟୁନାହିଁ, ମାତ୍ର ମହିଳାଙ୍କ ପାଇଁ ଆନ୍ଦୋଳନ କରିବାକୁ ଆସିଥିବା କଂଗ୍ରେସ କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ବେଶ୍ ତତ୍ପର। ଏହାକୁ କଂଗ୍ରେସ ଡରିବ ନାହିଁ। ମା ମାନଙ୍କୁ ସୁରକ୍ଷା ଯେ ପର୍ଯ୍ୟନ୍ତ ନିଆ ନ ଯାଇଛି କଂଗ୍ରେସ ପଛକୁ ହଟିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି।

କୋଟିଆ ପ୍ରସଙ୍ଗରେ ମଧ୍ୟ ଶ୍ରୀ କାଡାମ୍ ସରକାରଙ୍କ ଉପରେ ବର୍ଷିଛନ୍ତି। ବର୍ତ୍ତମାନ କୋଟିଆରେ ଆନ୍ଧ୍ର ପାଣି ଟାଙ୍କି ନିର୍ମାଣ କରୁଛି, ଆଧାରକାର୍ଡ଼ ବାଣ୍ଟୁଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଚୁପ ବସିଛନ୍ତି। କେନ୍ଦ୍ରରେ ସରକାରକୁ ବଞ୍ଚାଇବା ପାଇଁ ବିଜେପିର ଡବଲ ଇଞ୍ଜିନ ସରକାର ଯୌତୁକ ହିସାବରେ କୋଟିଆର ୨୧ ଅଞ୍ଚଳକୁ ଆନ୍ଧ୍ର ହାତକୁ ଟେକିଦେବାକୁ ଯୋଜନା କରୁଛନ୍ତି। ଓଡ଼ିଶାବାସୀ ବିଜେପିକୁ ୨୦ ସାଂସଦ ଦେଇଛନ୍ତି। ବିଜେପି ଇସ୍ତାହାରରେ କହିଥିଲା ଡବଲ ଇଞ୍ଜିନ ସରକାର ହେଲେ ଓଡ଼ିଶାର ସ୍ୱତନ୍ତ୍ର ବିକାଶ ହେବ; କିନ୍ତୁ ଓଡ଼ିଶାର ଯିଏ କ୍ଷତି କରୁଛନ୍ତି କେନ୍ଦ୍ର ସରକାରକୁ ବଞ୍ଚାଇବା ପାଇଁ ତାଙ୍କୁ ପୁରସ୍କାର ଦିଆଯାଉଛି। ରାଜ୍ୟର ସୀମା ଓ ମା ମାନେ ଅସୁରକ୍ଷିତ। ତେଣୁ ଓଡ଼ିଆ ପକ୍ଷ ପାଳନ କଣ ପାଇଁ ବୋଲି ପ୍ରଶ୍ନ ଶ୍ରୀ କାଡାମ୍ ପ୍ରଶ୍ନ ଉଠାଇଛନ୍ତି।

## ଶ୍ରୀମନ୍ଦିରରେ ଛୁଟିଦିନ ଭିଡ଼

# ଡହଡହ ଖରାରେ କଲବଲ ଭକ୍ତ

ପୁରୀ, ୩୧।୩ (ସମିସ): ଭକ୍ତଙ୍କ ମୁଣ୍ଡକୁ ଅଣ୍ଟୁନି ଛାଉଣୀ। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି କଲବଲ ହେଉଛନ୍ତି। ଡହଡହ ଖରାରେ ବଡ଼ଦାଣ୍ଡରେ ସିଝୁଛନ୍ତି। ଓଃ... କି ଅବସ୍ଥା! ଲାଗୁଛି ପାଦ ପୋଡ଼ିଯିବ, ନ ହେଲେ ଫୋଟକା ହେଇଯିବ, କିନ୍ତୁ ଉପାୟ ବା କ'ଣ? ପାଦ ଟେକି ଡେଇଁ ଡେଇଁ ଚାଲୁଛନ୍ତି। ଅଧିକ କଷ୍ଟ ଭୋଗୁଛନ୍ତି ଛୋଟପିଲା। ଦିବ୍ୟାଙ୍ଗଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ସୋମବାର ଏମିତି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା ଶ୍ରୀମନ୍ଦିର ନିକଟରେ। ପ୍ରଶାସନ ଯେତିକି ସେଡ୍ ବା ଛାଉଣୀ କରିଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଶନିବାର, ରବିବାର ପରେ ସୋମବାର ବି ଛୁଟିଦିନ ଥିବାରୁ ଲମ୍ବା ଲାଇନରେ ଖରାରେ ଦୀର୍ଘ ସମୟ ଛିଡା ହୋଇଥିଲେ ଭକ୍ତ। ମୋଟାମୋଟି ଶ୍ରଦ୍ଧାଳୁଙ୍କୁ ମନ୍ଦିର ବାହାରେ ଏବଂ ଭିତରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛି ପ୍ରଶାସନ।

ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥାଏ। ଏଠି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କିନ୍ତୁ ଏ ଦିଗରେ ନା ପ୍ରଶାସନ ନା ସରକାର କେହି ବି ଚିନ୍ତିତ ନୁହଁନ୍ତି। ଫଳସ୍ୱରୂପ ଦର୍ଶନ ପାଇଁ ଆସୁଥିବା ଭକ୍ତ ବଡ଼ଦାଣ୍ଡରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ କଲବଲ ହେଉଛନ୍ତି। ପୂର୍ବ ସରକାର ସମୟରେ ଭକ୍ତଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଉଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଯେମିତି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଫଳସ୍ୱରୂପ ବଡ଼ଦାଣ୍ଡରେ ମୁଣ୍ଡ ଟେକି ଛିଡା ହୋଇଥିଲା ଏସି ସେଡ୍। ଅର୍ଥାତ୍ ଶୀତତାପ ନିୟନ୍ତ୍ରିତ ଏହି ଶେଡ୍‌ରେ ଶ୍ରଦ୍ଧାଳୁମାନେ ଦୀର୍ଘ ସମୟ ଅପେକ୍ଷା କଲେ ବି କୌଣସି ପ୍ରକାର ଅସନ୍ତୋଷ ବ୍ୟକ୍ତ କରୁନଥିଲେ। ଏଥିରେ ସେମାନଙ୍କ ପାଇଁ ବସିବା ଲାଗି ମଧ୍ୟ ବ୍ୟବସ୍ଥା ହୋଇଥିଲା। ପିଇବା ପାଣି ମଧ୍ୟ ଯୋଗାଇ ଦିଆଯାଉଥିଲା। ଭିତରେ ନୀତିକାନ୍ତି ଯୋଗୁ ଦର୍ଶନ ବିଳମ୍ବ ହେଲେ ମଧ୍ୟ ଅପେକ୍ଷା କଷ୍ଟକର ନ ଥିଲା। ହେଲେ ନୂଆ ସରକାର ଆସିବା ପରେ ଭକ୍ତଙ୍କ ଅଧିକାର ଉପରେ ପାହାର ପକାଇଥିଲେ। ବଡ଼ଦାଣ୍ଡରୁ ହଟାଇ ଦେଇଥିଲେ ଏସି ଶେଡ୍ ସୁବିଧା ଜରୁରୀ। ହେଲେ ସେମିତି ବ୍ୟବସ୍ଥା ନାହିଁ। ଫଳସ୍ୱରୂପ ଭକ୍ତମାନେ ଖରାରେ ଠିଆ ହୋଇ ରହୁଛନ୍ତି। ବିଜେଡି ସରକାର ସମୟରେ ଶୃଙ୍ଖଳିତ ଦର୍ଶନ ପାଇଁ ଏସି ସେଡ଼ର ବ୍ୟବସ୍ଥା ରହିଥିବାବେଳେ ଦୀର୍ଘ ସମୟ ଧରି ଅପେକ୍ଷା କଲେ ମଧ୍ୟ ସୁବିଧାରେ ଯାଇ ବିନା କଷ୍ଟରେ ଦର୍ଶନ



କରିପାରୁଥିବା ଭକ୍ତମାନେ ମତ ଦେଇଥିବାବେଳେ ଏଥିପ୍ରତି ନୂଆ ସରକାର ବିଶେଷ ଧ୍ୟାନ ଦେବାକୁ ଦାବି କରିଛନ୍ତି।

ସେଡ୍। ରଥଯାତ୍ରା ପାଇଁ ଯଦିଓ ଏହାକୁ ଖୋଲାଯାଇଥିଲା ଚାହିଁଥିଲେ ପୁନଶ୍ଚ ଏହାକୁ ଛିଡ଼ା କରିପାରିଥାନ୍ତେ। ହେଲେ ନିଜର ବଡ଼ିମା ଯୋଗୁ ଗତ ସରକାରଙ୍କ ଏହି ପ୍ରକଳ୍ପକୁ ଉଚ୍ଛେଦ କରି ଚୁପ୍ ହୋଇଯାଇଥିଲେ ନୂଆ ସରକାର। ଫଳସ୍ୱରୁପ ଏବେ ବଡ଼ଦାଣ୍ଡରେ ଭକ୍ତ କଲବଲ ହେଉଛନ୍ତି।

ପ୍ରଶାସନ ଶ୍ରଦ୍ଧାଳୁଙ୍କ ପାଇଁ ଯେଉଁ ସେଡ୍ କରିଛି, ତାହା ପର୍ଯ୍ୟାପ୍ତ ନୁହେଁ। ବିଶେଷକରି ଛୁଟିଦିନ ଏବଂ ପର୍ବପର୍ବାଣିରେ ଏମିତି ଭିଡ଼ ହେଉଛି ଯେ, ବଡ଼ଦାଣ୍ଡ ଏବଂ ଅନ୍ୟ ତିନିଦ୍ୱାରରେ ଲମ୍ବା ଲାଇନରେ ଭକ୍ତ ଦୀର୍ଘ ସମୟ ଛିଡା ହେଉଛନ୍ତି। ତେଣୁ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ

ନୂଆ ସରକାର ଆସିବା ପରେ ନୂଆ ନିୟମ କରିଥିଲେ। ଚାରିଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଯାଉଛନ୍ତି। ମାତ୍ର ସିଂହଦ୍ୱାରରେ ପ୍ରବେଶ କରି ଦର୍ଶନ କରିବାର ମହତ୍ତ୍ୱ ରହିଥିବାରୁ ଅଧିକାଂଶ ଭକ୍ତ ସିଂହଦ୍ୱାର ଦେଇ ପ୍ରବେଶ କରିବା ଲାଗି ଇଚ୍ଛା ପ୍ରକଟ କରିଥାନ୍ତି। ହେଲେ ପର୍ଯ୍ୟାପ୍ତ ସେଡର ଅଭାବ ଯୋଗୁ ଭକ୍ତଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ତୁରନ୍ତ ସରକାର ଓ ପ୍ରଶାସନ ଏ ଦିଗରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

# ସହିଦ ରାଜକିଶୋରଙ୍କ ଶେଷକୃତ୍ୟ ସମ୍ପନ୍ନ



କେନ୍ଦୁଝର/ଭୁବନେଶ୍ୱର,୩୧।୩(ସମିସ): ଅରୁଣାଚଳପ୍ରଦେଶ ତାୱାଙ୍ଗଠାରେ ବିହାର ରେଜିମେଣ୍ଟର ଷଷ୍ଠ ବାଟାଲିୟନ ହାବିଲଦାର କେନ୍ଦୁଝର ସଦର ବ୍ଲକ୍ ନୂଆଗାଁର ବୀରପୁତ୍ର ରାଜକିଶୋର ମୁଣ୍ଡା କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଗତ ମାର୍ଚ୍ଚ ୨୯ ତାରିଖରେ ସହିଦ ହୋଇଛନ୍ତି। ଆଜି ସହିଦଙ୍କ ମରଶରୀର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦଙ୍କ ଶେଷଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅପରାହ୍ନରେ ସହିଦଙ୍କ ମରଶରୀର କେନ୍ଦୁଝରରେ ପହଞ୍ଚିବା ପରେ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ଅବସରପ୍ରାପ୍ତ ସେନା କର୍ମଚାରୀ, ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପରେ ସହିଦଙ୍କ ମରଶରୀରକୁ ପୈତୃକ ଗ୍ରାମ ନୂଆଗାଁକୁ ଶେଷକୃତ୍ୟ ନିମନ୍ତେ ନିଆଯାଇଥିଲା। ସହିଦ ରାଜକିଶୋର ମୁଣ୍ଡା ଅମର ରହେ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠିଥିଲା।

**ବିମାନ ବନ୍ଦରରେ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ**

ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝର ସଦର ବିଡିଓ ବିନୋଦ କୁମାର ପଣ୍ଡା, ତହସିଲଦାର ଶୁଭେନ୍ଦୁ କୁମାର ସାହୁ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ତଥା ପୁଲିସ ଅଧିକାରୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ପୁଲିସ ପକ୍ଷରୁ ବିଧି ଅନୁଯାୟୀ ତୋପ ସଲାମୀ ପ୍ରଦାନ କରାଯାଇଥିଲା।

## ବିଜେପି କର୍ମୀ ଲକ୍ଷ୍ମୀ ନାରାୟଣ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ମିଟୁ ପଲାଇ ସହ ୫ ଗିରଫ



କବିସୂର୍ଯ୍ୟନଗର,୩୧।୫(ସମିସ): ପଥରାପଲ୍ଲୀଠାରେ ଆଠଗଡ଼ପାଟଣାର ବିଜେପି କର୍ମୀ ତଥା ଠିକାଦାର ଲକ୍ଷ୍ମୀନାରାୟଣ ଓରଫ୍ କୁନା ପାଇକରାୟ ହତ୍ୟା ଘଟଣାରେ ପୁଲିସ୍ ଆଜି ମୁଖ୍ୟ ଅଭିଯୁକ୍ତ ଆଠଗଡ଼ର ସୁନୀଲ ପଲାଇ ଓରଫ୍ ମିଟୁଙ୍କ ସମେତ ଅନ୍ୟ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ, ଆଠଗଡ଼ ପାଟଣାର ଜିତେନ୍ଦ୍ର ଓରଫ ଜିତୁ ସାହୁ, ସୁନାପଲ୍ଲୀର ରୋହିତ ପରିଡ଼ା, ମର୍ଦ୍ଦରାଜପୁରର ଶ୍ରୀକାନ୍ତ ଜେନା ଓ ପଥରାପଲ୍ଲୀର ଶ୍ରୀକାନ୍ତ ଗୌଡ଼। ଅଭିଯୁକ୍ତମାନଙ୍କଠାରୁ ୬ଟି ମୋବାଇଲ ସହ ମୃତକଙ୍କ ବୁଲେଟ୍ ଓ ଚଷମା ଜବତ ହୋଇଛି। ସୋମବାର ସନ୍ଧ୍ୟାରେ ପୁଲିସ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଏହି ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପିଙ୍କ

**ହତ୍ୟା ପାଇଁ ଦିଆଯାଇଥିଲା ସୁପାରି**

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୦ ତାରିଖରେ ମିଟୁଙ୍କ ନେତୃତ୍ୱରେ ୫ଜଣ ଅଭିଯୁକ୍ତ ମେଳି ହୋଇ ଲକ୍ଷ୍ମୀନାରାୟଣଙ୍କୁ ରାସ୍ତାରୁ ହଟାଇବା ଲାଗି ଯୋଜନା କରିଥିଲେ। ରବିବାର ଦିନ ତାହାକୁ ରୂପରେଖ ଦେଇଥିଲେ। ଏହି ହତ୍ୟାକାଣ୍ଡରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନଙ୍କୁ ଏପର୍ଯ୍ୟନ୍ତ ପୁଲିସ୍ ଗିରଫ କରିପାରିନାହିଁ। ହତ୍ୟାକାଣ୍ଡ ଘଟଣା ପଛର ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଜାରି ରହିଥିବା ବେଳେ ପୂର୍ବ ଶତ୍ରୁତାରୁ ହିଁ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରପକ୍ଷେ ମୃତକ ଲକ୍ଷ୍ମୀନାରାୟଣଙ୍କ ନାମରେ ବିଭିନ୍ନ ଥାନାରେ ୧୬ଟି ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

## ଶ୍ରୀମନ୍ଦିରରେ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ,୩୧।୩(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ସମ୍ପନ୍ନ ହୋଇଛି। ଏହି ନୀତି ପାଇଁ ଅପରାହ୍ନ ୫ଟା ୨୫ରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ସାଢ଼େ ୫ଟାରେ ଖସାପଡ଼ା ଲାଗିକୁ ଦଇତାପତିମାନେ ପ୍ରବେଶ କରିଥିଲେ। ନୀତି ଶେଷ ପରେ ମହାସ୍ନାନ କରାଯାଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତନୀତି। ଏହି ନୀତି ପାଇଁ ପୂର୍ବ ଦିନରୁ ଦେଉଳକରଣ ଧଳାକନା ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି। ମଧ୍ୟାହ୍ନ ଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ ହୁଏ। ବେହେରଣ ଦ୍ୱାର ଦେଇ ଦଇତାପତି ସେବକମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସଜାଇଥାନ୍ତି।

# ରେଙ୍ଗାଲିରେ ଆରମ୍ଭ ହେଲା ଇକୋ ଟୁରିଜମ୍ ପାର୍କ

ପାଲଲହଡ଼ା,୩୧।୩(ସମିସ): ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଲହଡ଼ା ଉପଖଣ୍ଡ କରଡ଼ାପାଳ ପଞ୍ଚାୟତ ମାହାଳସରୁଆଠାରେ ଥିବା ରେଙ୍ଗାଲି ଜଳଭଣ୍ଡାର ନିକଟ ସବୁଜିମାମୟ ପରିବେଶ ମଧ୍ୟରେ ଅବସ୍ଥିତ 'ଦ୍ୱିତୀୟ ଚିଲିକା'ରେ ଆରମ୍ଭ ହୋଇଛି ଇକୋ ଟୁରିଜମ୍ ପ୍ରକଳ୍ପ। ବନବିଭାଗ ଦ୍ୱାରା ନିର୍ମିତ ଏହି ପ୍ରକଳ୍ପକୁ ସୋମବାର ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଡିଏଫଓ ମଗର ଧନଜୀ ରାଓସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଚିଲିକା ଭାରତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏଠାକୁ ଆସୁଥିବା ପର୍ଯ୍ୟଟକ ଏଣିକି ନୌକାବିହାରର ମଜା ଉଠାଇ ପାରିବେ ବୋଲି କହିଥିଲେ।

ଦ୍ୱିତୀୟ ଚିଲିକା ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୭୩.୮୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ସେହିପରି ପାଲଲହଡ଼ା ପଞ୍ଚାୟତ ସମିତି ପକ୍ଷରୁ ରାସ୍ତାଘାଟର



ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଉନ୍ନୟନ ଅନୁଦାନ ଯୋଗାଇ ଦିଆଯାଇଥିଲା। ତେବେ ସେହି ଅଞ୍ଚଳ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ପର୍ଯ୍ୟଟନର ବିକାଶ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ବନ ବିଭାଗ ପକ୍ଷରୁ ଏହାର ବିକାଶର ରୂପରେଖ ପ୍ରସ୍ତୁତ କରାଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ପର୍ଯ୍ୟଟକଙ୍କ ପାଇଁ ନୌକାବିହାର ବ୍ୟବସ୍ଥା କରାଯାଇଛି। ସେହିପରି


**ନୌକାବିହାରର ମଜା ଉଠାଇବେ ପର୍ଯ୍ୟଟକ**

ପାଲଲହଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜଙ୍ଗଲ ସୁରକ୍ଷା ସଚେତନତା ସଭା ସହ ବିଭିନ୍ନ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଡିଏଫଓ ପ୍ରମୁଖ ଯୋଗଦେଇଥିଲେ।

**■ ଏସ୍‌ପିଙ୍କ ହସ୍ତକ୍ଷେପ ପରେ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ଘଟଣାରେ ନୂଆ ମୋଡ଼**

# ବିଜେପି ନେତାଙ୍କ ନାଁରେ ଥାନାରେ ମାମଲା

ବଲାଙ୍ଗିର, ୩୧।୩ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲରେ କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ (ଜେଇ) ଲୋହିତ କିଶୋର ବଳଙ୍କୁ ବିଜେପି ନେତା ଆକ୍ରମଣ କରିବା ଘଟଣା ନୂଆ ମୋଡ଼ ନେଇଛି। ଏହି ଘଟଣାରେ ଏସ୍‌ପି ଅଭିଳାଷ ଜି ତତ୍ପରତା



ପ୍ରକାଶ କରିବା ସହ ମାମଲା ରୁଜୁ ପାଇଁ ଟାଉନ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ବିଜେପି ନେତା ତଥା ସାହାଜବାହାଲ ପଞ୍ଚାୟତର ସମିତି ସଭ୍ୟ ଉପେନ୍ଦ୍ର ଭୋଇ ଏକ ପ୍ରକଳ୍ପ କାମର ମିଥ୍ୟା ବିଲ୍ କରାଇବାକୁ ଜେଇ ଶ୍ରୀ ବଳଙ୍କୁ ବାଧ୍ୟ କରିଥିଲେ। କିନ୍ତୁ ଶ୍ରୀ ବଳ ମନା କରିଦେବାରୁ ଗତ ଶୁକ୍ରବାର ଅପରାହ୍ନରେ ଉପେନ୍ଦ୍ର କିଛି ଅସାମାଜିକ ଯୁବକଙ୍କୁ ଲଗାଇ ଯନ୍ତ୍ରୀ ଶ୍ରୀ ବଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଶ୍ରୀ ବଳ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ୍ ଏତଲା ରଖିବାକୁ ମନା କରିଦେଇଥିଲା। ଓଲଟି, ଆପୋଷ ବୁଝାମଣା କରିବାକୁ କହିଥିଲା। ତେବେ, ରବିବାର ଶ୍ରୀ ବଳ ଏସ୍‌ପିଙ୍କୁ ଏନେଇ ଫେରାଦ ହୋଇଥିଲେ।

# ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର,୩୧।୩(ସମିସ): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିଛି। ବର୍ତ୍ତମାନ ରାଜ୍ୟରେ ଏମିତି ଏକ ବିଚିତ୍ର ଶାସନ ବ୍ୟବସ୍ଥା ଚାଲିଛି ଯେଉଁଠାରେ ଅପରାଧୀମାନେ ବିଜେପି ନେତାଙ୍କ ପୃଷ୍ଠପୋଷକତାରେ ରହି ଖୋଲାଖୋଲି ଭାବେ ଆଇନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଏହା ସତ୍ତ୍ୱେ ପୁଲିସ ନିଦାବିଷ୍ଟୁ ସାଜିଛି ବୋଲି କହିଛି ବିଜେଡ଼ି।

**■ ବିଜେପି ନେତାଙ୍କ ହାତରେ ପୁଲିସ ସଖୀ କଣ୍ଢେଇ**
**■ ବର୍ଷକ ମଧ୍ୟରେ ଦୁଷ୍କର୍ମ ସଂଖ୍ୟା ୮ ପ୍ରତିଶତ ବୃଦ୍ଧି**

ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତକାଲି ରାଜ୍ୟର ରାଜଧାନୀ ସମେତ କବିସୂର୍ଯ୍ୟନଗର, କୋରେଇ, ପୁରୁଷୋତ୍ତମପୁରରେ ଘଟିଥିବା ଘଟଣା ରାଜ୍ୟରେ ଆଇନଶୃଙ୍ଖଳା ପରସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ରାଜ୍ୟରେ ପୁଲିସର ଗୈରିକୀକରଣ ଆରମ୍ଭ ହୋଇଛି। ପୁଲିସ ବିଭାଗ ବିଜେପି ଦଳର ନେତାମାନଙ୍କ ଦ୍ୱାରା ଚାପଗ୍ରସ୍ତ ହେଉଥିବା ବେଳେ ଅସାମାଜିକ ବ୍ୟକ୍ତିମାନେ ସରକାରୀ ଦଳର ପୃଷ୍ଠପୋଷକତାରେ ରହି ପୁଲିସକୁ ଖାତିର କରୁନାହାନ୍ତି। ପୁଲିସ ବିଜେପି ନେତାଙ୍କ ହାତରେ ସଖୀ କଣ୍ଢେଇ ସାଜିଛି। ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ୱେତପତ୍ର ହିଁ ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ଅସଲ ମୁଖା ଖୋଲିଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଦୁଷ୍କର୍ମ ସଂଖ୍ୟା ୮ ପ୍ରତିଶତ ବୃଦ୍ଧି ପାଇଛି। ଦେଶରେ ଦୁଷ୍କର୍ମ ସଂଖ୍ୟା ବୃଦ୍ଧି ପାଉଥିବା



ହାର ଅପେକ୍ଷା ଓଡ଼ିଶାରେ ଦୁଷ୍କର୍ମ ବୃଦ୍ଧି ହାର ଯଥେଷ୍ଟ ଅଧିକ।

ରାଜ୍ୟରେ ବର୍ତ୍ତମାନ ସାମ୍ପ୍ରଦାୟିକ ଦଙ୍ଗା ବଢୁଥିବା ବେଳେ ହତ୍ୟା, ଚୋରି, ରାହାଜାନିର ମାତ୍ରା ମଧ୍ୟ ବୃଦ୍ଧି ପାଇଛି। ହୋଲି ଦିନ ରାଜ୍ୟରେ ୮ ଜଣଙ୍କ ହତ୍ୟା ପୁଲିସ ପାରିବାପଣିଆକୁ ପଦାରେ ପକାଇଛି। ଗତକାଲି ରାଜଧାନୀର ଭରତପୁର ଅଞ୍ଚଳରେ ସୁପାରୀକିଲରଙ୍କୁ ଡାକି ସ୍ଥାନୀୟ ଯୁବକ ଆତଙ୍କରାଜ କରିବା ସହିତ କମିଶନରେଟ୍ ପୁଲିସ ଉପରେ ଆକ୍ରମଣ କରିବା ଘଟଣା ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି। ସେହିଭଳି କୋରେଇ ଅଞ୍ଚଳରେ ଚୋର ଧରିବାକୁ ଯାଇ ନିଜେ ପୋଲିସ୍ ଅଧିକାରୀ ମହିଳାଙ୍କ ଠାରୁ ମାଡ଼ ଖାଇବା ଘଟଣା ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି।

କବିସୂର୍ଯ୍ୟନଗରରେ ଖୋଦ୍ ବିଜେପି ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ ପୁରୁଷୋତ୍ତମପୁରର ହତ୍ୟା ଘଟଣା ରାଜ୍ୟରେ ମୁକୁଳା ଆଇନ ବ୍ୟବସ୍ଥାର ଚିତ୍ରକୁ ସ୍ପଷ୍ଟ କରିଛି। ଯଦି ନିଜେ ପୁଲିସ ସୁରକ୍ଷିତ ନୁହେଁ, ସାଧାରଣ ଲୋକେ କିପରି ସୁରକ୍ଷିତ ରହିବେ ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବାରିପଦା, ୩୧।୩(ସମିସ): ପୋଖରୀରେ ବୁଡ଼ି ଏକ ୪ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟାଜଣଙ୍କ ହେଲେ, ଭଞ୍ଜପୁର ଥାନା ଅନ୍ତର୍ଗତ ଭଞ୍ଜପୁର ନିବାସୀ ଗୋପାଳ ବାରିକଙ୍କ ସାନ ଝିଅ ଧାନି। ସ୍ଥାନୀୟ ରିଜର୍ଭ ପୁଲିସ ଲାଇନ ଶିବ ମନ୍ଦିର ପାଖ ପୋଖରୀରୁ ଶିଶୁ କନ୍ୟାର ମୃତଦେହ ଉଦ୍ଧାର ହୋଇଛି। ସୋମବାର ବଡ଼ ଭଉଣୀ ସହ ଧାନି ମନ୍ଦିରକୁ ପୂଜା କରିବାକୁ ଆସିଥିଲା। ବଡ଼ ଭଉଣୀ ପୂଜାରେ ବ୍ୟସ୍ତ ଥିବା ବେଳେ ସେ ପୋଖରୀରେ ବୁଡି ଯାଇଥିଲା। ପରେ ଖୋଜାଖୋଜି କରିବା ପରେ ବି ତାକୁ ପାଇ ନଥିଲେ। ତେବେ କିଛି ଲୋକ ପୋଖରୀ କୂଳରେ ଶିଶୁ ଖେଳୁଥିବାର ଦେଖିଥିବା ନେଇ କହିଥିଲେ। ଯାହାକୁ ନେଇ ସନ୍ଦେହ ହେବାରୁ ବାରିପଦା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ଟିମ ଅନେକ ଖୋଜାଖୋଜି କରିବା ପରେ ଶିଶୁକୁ ପୋଖରୀରୁ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁ କନ୍ୟାକୁ ମୃତ ଘୋଷଣା କରିଥିଲେ।

**■ ଅଲିଭ୍‌ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ପର୍ବ ଶେଷ**

# ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଅଣ୍ଡାଦାନ

ଗଞ୍ଜାମ,୨୩।୩(ସମିସ): ଋଷିକୁଲ୍ୟା ମୁହାଁଣରେ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ଶେଷ ହୋଇଛି। ୬ଦିନରେ ୨ ଲକ୍ଷ ୫ ହଜାର ୭୯୯ଗୋଟି ମା'କଇଁଛ ଗଣ ଅଣ୍ଡାଦାନ କରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୯୮ ହଜାର ୭୧୮ ସାମୁହିକ ଗଣ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଓ ପ୍ରଥମ ପର୍ଯ୍ୟାୟ ମିଶି ୯ ଲକ୍ଷ ୪ ହଜାର ୫୧୭ ମାଆ କଇଁଛ



ସମୁଦ୍ରର ନୀଳ ଜଳରାଶୀ ମଧ୍ୟରୁ ବେଳାଭୂମି ଉପରକୁ ଉଠିଆସି ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ କରିଥିବା ବନ ବିଭାଗ ଅଧିକାରୀ ଦିବ୍ୟ ଶଙ୍କର ବେହେରା କହିଛନ୍ତି। ଚଳିତ ବର୍ଷ ଗଣ ଅଣ୍ଡାଦାନକୁ ନେଇ ବନ ବିଭାଗ, ପର୍ଯ୍ୟଟକ, ପରିବେଶବିତ ଓ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅନ୍ୟପଟେ ଡିଏଫଓ ସନି ଖୋଖରଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷାକୁ କଡାକଡ଼ି କରାଯାଇଛି। ପୁରୁଣାବନ୍ଧ ମା'ଗଙ୍ଗାଦେବୀ ସମ୍ମୁଖ ବେଳାଭୂମି ଠାରୁ ପ୍ରୟାଗିର ଅଳେଶ୍ୱର ବେଳାଭୂମି ପର୍ଯ୍ୟନ୍ତ ସାମୁହିକ ଗଣ ଅଣ୍ଡାଦାନ ହୋଇଥିବା ଲକ୍ଷ୍ୟ କରାଯାଇଛି।

DADLS-06



ସ୍ୱର୍ଣ୍ଣିମ ସକାଳର ସୂର୍ଯ୍ୟୋଦୟ

# ସମୃଦ୍ଧି ପଥେ ଆମ ଓଡ଼ିଶା



## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- **'ସୁଭଦ୍ରା'**ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାଣ୍ଟ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍‌ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- **'ଆମେ ପଢିବା ଆମ ଭାଷାରେ'** ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- **'ଆମ ଶିମିଳିପାଳ ଯୋଜନା'** ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

VISION DOCUMENT
2036 | 2047














**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

OIPR-15001/13/0490/2425

## ଯାଜପୁର ଜିଲ୍ଲା ବିଜେପି ରାଜନୀତି, ଦଳୀୟ ଅସନ୍ତୋଷକୁ ନେଇ ଚର୍ଚ୍ଚା

# ମା' ବିରଜାଙ୍କୁ ଦର୍ଶନ କଲେ ଦେବଯାନୀ; ଗୌତମଙ୍କ ଟିମ୍‌ର ଦେଖା ମିଳିଲାନି

**ଯାଜପୁର, ୩୧।୩(ସମିସ)**

ଗତ ଫେବୃଆରୀ ୧୬ ତାରିଖରେ ଯାଜପୁର ଜିଲ୍ଲା ବିଜେପି ସଭାପତି ଭାବେ ଦେବଯାନୀ ପ୍ରଧାନଙ୍କ ନାମ ଘୋଷଣା କରିଥିଲା ରାଜ୍ୟ ବିଜେପି। ଏହି ନାମ ଘୋଷଣା ଦିନଠାରୁ ପୂର୍ବତନ ସଭାପତି ତଥା ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ନେତା ଗୌତମ ରାୟଙ୍କ ସମର୍ଥକଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିଲା। କାରଣ ଗୌତମଙ୍କ ସଭାପତି ଆସନ ଛାଡ଼ିବାକୁ ଇଚ୍ଛା ନ ଥିବାବେଳେ ବିଜେପିର ସାମ୍ବିଧାନିକ କଟକଣା ଯୋଗୁଁ ତାଙ୍କୁ ଏହି ପଦବୀ ଛାଡିବାକୁ ପଡ଼ିଲା। ତଥାପି ସେ ଏହି ପଦବୀ ପାଇଁ ବିଂଝାରପୁର ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକଙ୍କ ପାଇଁ ଲବି ଜୋରଦାର କରୁଥିଲେ। କିନ୍ତୁ ରାଜ୍ୟ ନେତୃତ୍ୱ ଗୌତମଙ୍କ ଉପରେ ଆସ୍ଥା ହରାଇ ଦେବଯାନୀଙ୍କୁ ଏହି ସୁଯୋଗ ଦେଇଛି। ଏହି ନିଷ୍ପତ୍ତି ପରଠାରୁ ଗୌତମଙ୍କ ସମର୍ଥକ ଦେବଯାନୀଙ୍କୁ ଭଲରେ ଗ୍ରହଣ କରିପାରୁ ନ ଥିବା ଦେଖିବାକୁ ମିଳୁଛି। ସେଥିପାଇଁ ଦେବଯାନୀ ବିଗତ ମାସେରୁ ଊର୍ଦ୍ଧ୍ୱ କାଳ ହେଲା ସଭାପତି ଦାୟିତ୍ୱ ନେଇଥିଲେ ମଧ୍ୟ ସେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବାକୁ ଆସିପାରୁ ନ ଥିଲେ। ଆଜି ତାଙ୍କର ଗସ୍ତ ସମୟରେ ଗୌତମ କିମ୍ବା ତାଙ୍କର କୌଣସି ଦଳୀୟ ସମର୍ଥକ ସାମିଲ ନ ହେବା ଦଳୀୟ କନ୍ଦଳକୁ ପଦାକୁ ଆସିଛି।



ଦେବାଯାନୀଙ୍କୁ ସ୍ୱାଗତ କରିବା ପାଇଁ ଯାଜପୁରର ଯୁବ ନେତା ସଂଗ୍ରାମ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ଥିବାବେଳେ ଖୋଦ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମଧ୍ୟ ଆସିଥିଲେ। ଦଳୀୟ ପ୍ରୋଟୋକଲ ଅନୁଯାୟୀ ସ୍ଥାନୀୟ ନେତା ଉପସ୍ଥିତ ରହି ଜିଲ୍ଲା ସଭାପତିଙ୍କୁ ସ୍ୱାଗତ କରିବା କଥା। କିନ୍ତୁ ତାହା ଦେଖିବାକୁ ମିଳି ନ ଥିଲା। କେବଳ ଜିଲ୍ଲା ସଭାପତି ନୁହେଁ, ଏପରିକି ଯାଜପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ମଣ୍ଡଳ ସଭାପତି ମଧ୍ୟ ଆସି ନ ଥିଲେ। କେତେକ ଦଳୀୟ ପଦ ପଦବୀରେ ଥିବା କର୍ମକର୍ତ୍ତା ଆଙ୍କୁଲା, ଲଳିତେଶ୍ୱର ଆଦି ଅଞ୍ଚଳରେ ବୁଲୁଥିଲେ ମଧ୍ୟ ଦେବଯାନୀଙ୍କ କାର୍ଯ୍ୟକ୍ରମକୁ ଜାଣି ଶୁଣି ଆସି ନ ଥିବା ଚର୍ଚ୍ଚା ହେଉଛି। ଏହା ରାଜ୍ୟ ନେତୃତ୍ୱ ପାଇଁ ଗୌତମଙ୍କ ଏକପ୍ରକାର ଚ୍ୟାଲେଞ୍ଜ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆଜି ଗୌତମ ମା' ବିରଜାଙ୍କ ପାଖକୁ ନ ଆସି ଇଦ୍ ଅବସରରେ ବିଭିନ୍ନ ମୁସଲମାନ ବସ୍ତିରେ ବୁଲି ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଥିଲା। ଗୌତମଙ୍କ ଅନୁପସ୍ଥିତିରେ ବିଜେପି କର୍ମୀ ଦେବଯାନୀଙ୍କୁ ଯାଜପୁର ସହରର ବିଭିନ୍ନ ସ୍ଥାନରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଦେଇ ଗୌତମଙ୍କ ଅନୁପସ୍ଥିତିକୁ ଅନୁଭବ କରିବାକୁ ଦେଇ ନ ଥିଲେ। ତେବେ ଗୌତମ ଜିଲ୍ଲା ସଭାପତି ଆସନରୁ ଯିବା ପରେ ତାଙ୍କୁ ଦଳ ଏକପ୍ରକାର କୋଣଠେସା କରୁଥିବା ଚର୍ଚ୍ଚା ଆଜି ଜୋର ଧରିଛି। ଏପରି ବିବାଦ ଆଗକୁ ଜାରି ରହିଲେ ଗୌତମଙ୍କ ରାଜନୈତିକ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ ବୋଲି ଚର୍ଚ୍ଚା ହେଉଛି।

## ସିଂହପୁରରେ ତ୍ରିମୂର୍ତ୍ତି ଶିବଧ୍ୱଜା ଉତ୍ତୋଳନ



**ବିଞ୍ଝାରପୁର, ୩୧।୩(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରାଜକନିକା ଶାଖା ଉପକେନ୍ଦ୍ରର ପ୍ରଜାପିତା ସିଂହପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ରାଜକନିକା ଶାଖାର ଲିନା ଭଉଣୀ ଶିବଧ୍ୱଜା ଉତ୍ତୋଳନ କରିଛନ୍ତି। ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସକରାତ୍ମକ ଭାବ ସୃଷ୍ଟି କରିବା ଏ ବିଶ୍ୱବିଦ୍ୟାଳୟର ପ୍ରଥମ ଲକ୍ଷ୍ୟ। ପ୍ରତି ଘରକୁ ମନ୍ଦିର ସମାନ ବନାଇବା, ପ୍ରତ୍ୟେକ ମଣିଷ ମଧ୍ୟରେ ଶ୍ରେଷ୍ଠ ଦିବ୍ୟ ଚରିତ୍ର ସୃଷ୍ଟି କରିବା, ଏହାର ପରମ ଲକ୍ଷ୍ୟ ବୋଲି କହିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ବାଙ୍ଗରା ଗୀତା ପାଠଶାଳାର ବ୍ରହ୍ମା କୁମାରୀ ନିଲୁ ଭଉଣୀ, ଯାଜପୁର ଶାଖାର ସଞ୍ଚାଳିକା ବ୍ରହ୍ମକୁମାରୀ ଭାବନା ଭଉଣୀ ଓ ସିଂହପୁରର ଅନ୍ୟତମ ଗୀତା ପାଠଶାଳାର ଶାନ୍ତି ଭଉଣୀ ଯୋଗଦାନ କରି ସମାଜର ଦିଗଦର୍ଶନ ପାଇଁ ମୂଲ୍ୟବାନ ମତାମତ ଦେଇଥିଲେ। ଶେଷରେ ଡକ୍ଟର ପଦ୍ମଚରଣ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାଦାବଟି ଆଦାୟ ଅଭିଯୋଗରେ ୨ ଗିରଫ

**ଦାନଗଦି, ୩୧।୩(ସମିସ):** ମିଲିଟାରୀ ଛକରେ ଦାଦା ବଟି ଆଦାୟ କରୁଥିବା ଅଭିଯୋଗରେ ଦାନଗଦି ପୁଲିସ ୨ ଜଣ ଯୁବକଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁରରୋଡ୍ ଥାନା ରମ୍ଭାସର ଅଭୟ ଜେନାଙ୍କ ପୁଅ ଅନିରୁଦ୍ଧ ଜେନା (୩୨) ଓ ଯଖପୁରା ଥାନା ମଙ୍ଗଳପୁରର ରାଜକିଶୋର ମଲ୍ଲିକଙ୍କ ପୁଅ ଲକି (୧୯)। ଯାଜପୁରରୋଡ୍ ପୁଲିସ ୧୮୧/୨୫ରେ ମାମଲା ରୁଜୁ କରିଛି। ଆଜି ଭୋର ପ୍ରାୟ ୫ଟା ସମୟରେ ଦାନଗଦି ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଉପରୋକ୍ତ ୨ ଯୁବକ ଚାନ୍ଦା ଆଦାୟ କରୁଥିବା କୌଣସି ସୂତ୍ରରୁ ଖବର ପାଇଥିଲେ। ପାଟ୍ରୋଲିଂ ଟିମ୍ ତୁରନ୍ତ ମିଲିଟାରୀ ଛକରେ ପହଞ୍ଚି ଅନିରୁଦ୍ଧ ଓ ଲକିକୁ ଧରିବାରେ ସକ୍ଷମ ହୋଇଥିଲେ। ପୁଲିସ ଅନିରୁଦ୍ଧଠାରୁ ୨ ଶହ ଟଙ୍କା ଓ ଲକିଠାରୁ ଏକ ଛୁରି ଜବତ କରିଥିଲା। ଏ ସମ୍ପର୍କରେ ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ଥାନାରେ ମାମଲା ରୁଜୁ କରିଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

**ବ୍ରହ୍ମବରଦା, ୩୧।୩(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଥାନା ଅଧୀନ ତାରିଣୀ ଛକରେ ବ୍ରହ୍ମବରଦା ଅଞ୍ଚଳର ସାମ୍ବାଦିକ ବୀରେନ୍ଦ୍ର ନାୟକଙ୍କୁ ୮ରୁ ଊର୍ଦ୍ଧ୍ୱ ଯୁବକ ଅଟକାଇ ହଠାତ୍ ଆକ୍ରମଣ କରିବା ସହ ତାଙ୍କ ନିକଟରୁ କ୍ୟାମେରା ଓ ପ୍ରାୟ ୧୨ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଦୋକାନୀ ବ୍ରହ୍ମବରଦା ଥାନାକୁ ଖବର ଦେଇଥିବାବେଳେ ପୁଲିସ ପହଞ୍ଚିଲା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ସାମ୍ବାଦିକ ବୀରେନ୍ଦ୍ର ନାୟକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ଯାଜପୁର, ୩୧।୩(ସମିସ):** ବିହାର ରେଜିମେଣ୍ଟର ଷଷ୍ଠ ବାଟାଲିୟନ ହାବିଲଦାର ରାଜକିଶୋର ମୁଣ୍ଡା ଅରୁଣାଞ୍ଚଳ ପ୍ରଦେଶର ତାୱାଙ୍ଗଠାରେ କର୍ତ୍ତବ୍ୟରତ ଥିବା ସମୟରେ ୨୯ ତାରିଖରେ ସହିଦ ହୋଇଥିଲେ। ସହିଦଙ୍କ ମରଶରୀର ଆଜି ଭୁବନେଶ୍ୱରରୁ କେନ୍ଦୁଝର ସଦର ବ୍ଲକ ନୂଆଗାଁ ଯିବା ସମୟରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଦର୍ପଣ ଅତିରିକ୍ତ ତହସିଲଦାର ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦାଦାଖୁଡ଼ୀଙ୍କ ଆକ୍ରମଣରେ ପୁତୁରା-ଝିଆରୀ ଗୁରୁତର

**ସିଂହପୁର, ୩୧।୩(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ତାଉନ୍ତରା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ସାମ୍ବାଦିକ ଉମାକାନ୍ତ ପରମାଣିକଙ୍କ ପରିବାର ଉପରେ ତାଙ୍କ ସାନଭାଇ ଓ ଭାଇବୋହୂ ଆକ୍ରମଣ କରିବା ଫଳରେ ପୁଅଝିଅ ଗୁରୁତର ଆହତ ହୋଇ ପ୍ରଥମେ ବିଞ୍ଝାରପୁର ପରେ ଯାଜପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ଝିଅାରି ରଞ୍ଜିତାଙ୍କ ବିଂଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ୧୩୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ୨୮ ସକାଳେ ଘର କାମ ପାଇଁ ବାଡ଼ିରୁ ୨ ଖଣ୍ଡ ବାଉଁଶ ହଣିବା ପରେ ଖୁଡି ଭାରତୀ ପରମାଣିକ ଆସି ଗାଳିଗୁଲଜ କରିବା ସହ ଝିଅାରୀ ରଞ୍ଜିତାଙ୍କୁ ମାଡ଼ ମାରିଥିଲେ। ରଞ୍ଜିତା ଗ୍ରାମର ଭଦ୍ର ଲୋକଙ୍କୁ ଜଣାଇବା ପରେ ସନ୍ଧ୍ୟାରେ ଭଦ୍ର ଲୋକ ଆସି ବୁଝାସୁଝା କରିବା ସମୟରେ ସେମାନଙ୍କ ଉପସ୍ଥିତିରେ ଦାଦା ପ୍ରକାଶ ଖୁଡ଼ି ଶାବଳ, କଟୁରି ଧରି ପରିବାର ଉପରେ ଆକ୍ରମଣ କରିଥିଲେ। ଏଥିରେ ପୁତୁରା ସୁରେନ୍ଦ୍ର ଚେତା ହରାଇଥିବାବେଳେ ଝିଅାରୀ ରଞ୍ଜିତା ଗୁରୁତର ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ଲୋକେ ଗୁରୁତର ଭାଇଭଉଣୀଙ୍କୁ ଉଦ୍ଧାର କରି ବିଂଝାରପୁର ମେଡିକାଲରେ ଭର୍ତ୍ତି କରିଥିଲେ।


## ଯୁବକଙ୍କ ଅକାଳ ବିୟୋଗ

**ବ୍ରହ୍ମବରଦା, ୩୧।୩(ସମିସ):** ବ୍ରହ୍ମବରଦା ଥାନା ଅନ୍ତର୍ଗତ ୧୧ନଂ ୱାର୍ଡ ଓଝାସାହି ବାସିନ୍ଦା ସାନ୍ତନୁ ଓଝାଙ୍କ ପୁଅ ସମରଜିତ ଓଝା (ବବୁଲୁ)ଙ୍କ ଅକାଳ ବିୟୋଗ ଘଟିଛି। ବବୁଲୁ ରବିବାର ରାତିରେ ଶୋଇବାର କିଛି ସମୟ ପରେ ଅସୁସ୍ଥତା ଅନୁଭବ କରିବା ସହ ଝାଡ଼ା ଓ ବାନ୍ତି ହୋଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ବ୍ରହ୍ମବରଦା ପୁଲିସ ୭/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବ୍ରହ୍ମବରଦା ଥାନା ଅଧିକାରିଣୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।




## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଧର୍ମଶାଳା, ୩୧।୩(ସମିସ):** ଧର୍ମଶାଳା ଥାନା ୫୩ ନମ୍ବର ଜାତୀୟ ରାଜପଥର ଆରୁହା ଗାଙ୍ଗ ପୋଖରୀ ନିକଟରେ କାର୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ବଡ଼ଚଣା ବ୍ଲକ ଅଣକା ଗ୍ରାମର ସୁବାସ ଚନ୍ଦନାୟକ (୫୫) ଦୀର୍ଘ ବର୍ଷ ଧରି ଆରୁହା ନିକଟରେ ଭଡ଼ା ଘରେ ରହି ଟେଣ୍ଟ ବ୍ୟବସାୟ କରୁଥଲେ। ଆଜି ସକାଳେ ସୁବାସ କୌଣସି କାମରେ ଛକ ଆଡକୁ ଯାଉଥିବାବେଳେ ଚଣ୍ଡିଖୋଲ ପଟରୁ ଆସୁଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୁବାସ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ତାଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ଥାନା ପୁଲିସ ମାମଲା ରୁଜୁ କରି କାର୍, ବାଇକ୍ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରି ତଦନ୍ତ କରୁଛି।




## କୁହିକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ନିର୍ମାଣ କାମ ନିମ୍ନମାନର ଅଭିଯୋଗ



**କୁହିକା, ୩୧।୩ (ସମିସ)**

କୁହିକା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ କାମ ଚାଲୁ ରହିଛି। କାର୍ଯ୍ୟ ସ୍ଥଳରେ ଠିକାଦାରଠାରୁ ଜେଇ ପର୍ଯ୍ୟନ୍ତ ଅନୁପସ୍ଥିତ ରହୁଥିବାରୁ ସୁପରଭାଇଜର ମନଇଚ୍ଛା କାମ କରୁଥିବା ଅଭିଯୋଗ ହୋଇଛି। ଫଳରେ ଏହି ପ୍ରକଳ୍ପର ସ୍ଥାୟିତ୍ୱ ନେଇ ଆଶଙ୍କା ଦେଖାଦେଇଛି।

ଯାଜପୁର ଜିଲ୍ଲା ଖଣି ଉପତ୍ୟକାର କୁହିକାଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ପାଇଁ ୮୩.୦୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଶିବରାମ ମଲିକ ନାମକ ଠିକାଦାର କୁହିକା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲଡିଂ କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି। କାର୍ଯ୍ୟ ସ୍ଥଳରେ ବିଭାଗୀୟ ଜେଇ କିମ୍ବା ଏସଡିଓ, ସ୍ୱାସ୍ଥ୍ୟ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ କାର୍ଯ୍ୟ ସ୍ଥଳରେ ପାଦ ପକାଉ ନ ଥିବା ଅଭିଯୋଗ ହେଉଛି। ଏହାର ଫାଇଦା ନେଇ ଠିକାଦାର ବାହାର ଜିଲ୍ଲାରୁ ଅନଭିଜ୍ଞ ଶ୍ରମିକଙ୍କୁ ନିୟୋଜିତ କରିଥିବା ଦେଖିବାକୁ ମିଳୁଛି। ଆବଶ୍ୟକ ଭାଗଠାରୁ ସିମେଣ୍ଟ ପରିମାଣ କମ୍ କରି ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଠିକାଦାର ଶ୍ରମିକଙ୍କୁ ସର୍ବନିମ୍ନ ମଜୁରିଠାରୁ କମ୍ ମଜୁରି ଦେଇ କାମ କରାଉଥିବା ଜଣାପଡ଼ିଛି। ଶିଶୁ ଶ୍ରମିକ ମୁକ୍ତ ପାଇଁ ଆଇନ ରହିଥିବାବେଳେ ବିଭାଗୀୟ ଜେଇଙ୍କ ଅନୁପସ୍ଥିତି କାରଣରୁ ନିୟୋଜିତ ଶ୍ରମିକଙ୍କ ପୁଅ ଝିଅ ଉକ୍ତ ନିର୍ମାଣ କାର୍ଯ୍ୟରେ ସମୟେ ସମୟେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଠିକାଦାର ତରବରିଆ ଭାବେ ବିସ୍ତୃତ ତଥ୍ୟ ନ ଥିବା ସୂଚନା ଫଳକ ଲଗାଯାଇଥିବା ଦେଖିବାକୁ ମିଳିଛି। ମୁଖ୍ୟ ଠିକାଦାର ଅନ୍ୟଜଣେ ସହଯୋଗୀଙ୍କୁ ନିୟୋଜିତ କରି ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ଗୁପ୍ତ ବୁଝାବଣା କରି ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟର ମାନ ଉପରେ ମୁହଁ ଖୋଲୁ ନ ଥିବା ବେଳେ ନିମ୍ନମାନର କାମ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୮୩.୦୪ ଲକ୍ଷ ଟଙ୍କା ପାଣିରେ ପଡ଼ିବାକୁ ଯାଉଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ ପଦକ୍ଷେପ ନେଇ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।




## ସୁଭାଷ ବୋଷ ସ୍କୁଲର ବାର୍ଷିକ ଉତ୍ସବ

**ପାଣିକୋଇଲି, ୩୧।୩(ସମିସ):** ପାଣିକୋଇଲିସ୍ଥ ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବୀନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ବିଜନ କୁମାର ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପାଣିକୋଇଲି ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ମାନସ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡେପୁଟୀ ସେକ୍ରେଟାରୀ ରବୀନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅବଦୁଲ ସୟଦ ଖାଁ ଓ ସିଆରସିସି କେଶବ ସେଠୀ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଛାତ୍ରୀଙ୍କ ପାଇଁ ସଚେତନତା ଶିବିର

**ଦାନଗଦି, ୩୧।୩(ସମିସ):** ସାଇଜର ଓ ରୋଜବିନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଦ୍ଧରାଜ ବିଦ୍ୟାପୀଠରେ ସାନିଟାରୀ ପ୍ୟାଡ୍‌ର ଉପଯୋଗିତା ଓ ବିଶେଷତ୍ୱ ଉପରେ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଛାତ୍ରୀଙ୍କୁ ମାଗଣାରେ ସାନିଟାରୀ ପ୍ୟାଡ୍ ବିତରଣ କରାଯିବା ସହ ଏହାର ବ୍ୟବହାର ସମ୍ପର୍କରେ ଅବଗତ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ରୋଜବିନା ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଦୀପ୍ତିରେଖା ମିଶ୍ର, ଟ୍ରେନର ରୋଜାଲିନ ମହାପାତ୍ର ଓ ରଶ୍ମିରେଖା ଯୋଗ ଦେଇଥିଲେ।

## ବାମପନ୍ଥୀ ନେତା ରଘୁନାଥ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ମଧୁବନ, ୩୧।୩ (ସମିସ):** ଭୋଟକା ଗ୍ରାମର କମ୍ୟୁନିଷ୍ଟ ନେତା ରଘୁନାଥ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା ଲକ୍ଷ୍ମଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ସମୃଦ୍ଧ ଓଡ଼ିଶା ସଭାପତି ଯତୀଶ ମହାନ୍ତି, ରବୀନ୍ଦ୍ର ସାମଲ, କାଳୀପ୍ରସାଦ ନାୟକ, ନୃସିଂହ ଚରଣ ବେହେରା, ପୂର୍ବତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, କମ୍ରେଡ ପ୍ରଫୁଲ୍ଲ ନାୟକ, ଶୈଳେନ୍ଦ୍ର ମହାନ୍ତି, କିଶୋର ସାହୁ, ପୀତାମ୍ବର ଲେଙ୍କା, ବିଜେପି ନେତା କାହ୍ନୁଚରଣ ଦାଶ, ସମାଜସେବୀ ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

■ ବାଙ୍କୀରେ ଗୋଷ୍ଠୀ ସଂଘର୍ଷ

# ୧୨ ଆହତ; ୫ ଗିରଫ



କଟକ,୩୧।୩(ସମିସ): ପୂର୍ବ ଶତ୍ରୁତା ଓ କାଜୁ ନିଲାମକୁ କେନ୍ଦ୍ର କରି ରବିବାର ବିଳମ୍ବିତ ରାତିରେ ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ଗ୍ରାମ ପଞ୍ଚାୟତର ୧୪ ନମ୍ବର ୱାର୍ଡ ବନହରା ସାହିରେ ଦୁଇ ଗୋଷ୍ଠୀ ମଧ୍ୟରେ ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଟେକାପଥର ମାଡ଼ କରିବା ସହିତ ଘରପୋଡି ଭଳି ଘଟଣା ଦେଖିବାକୁ ମିଳିଥିଲା। ଫଳରେ ସଂଘର୍ଷରେ ଉଭୟ ଗୋଷ୍ଠୀର ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇ ଡମପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହି ଗୋଷ୍ଠୀ ସଂଘର୍ଷରେ ଚୈତନ୍ୟ ପ୍ରଧାନଙ୍କ ୪ବଖରା ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ପାଇଁ ଗାଁରେ ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। କଟକ ଆଡିସନାଲ ଏସପି ଦେବଦତ୍ତ ବରାଳ ଗାଁରେ ପହଁଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ବାଙ୍କୀ ପୁଲିସ ଉଭୟ ଗୋଷ୍ଠୀର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ କାହ୍ନୁ ପ୍ରଧାନ, କୃପାସିନ୍ଧୁ ନାଏକ, ଜଗନ ପ୍ରଧାନ, ବିପିନି ବେହେରା ଓ ବାନାମ୍ବର ପ୍ରଧାନ।

**୪ ଘର ଜଳିପୋଡ଼ି ପାଉଁଶ**

ମିଳିଥିବା ସୂଚନା ଅନୁଯାୟୀ, ରବିବାର ଦିନ ଏକ ଦଶାହ ଭୋଜି ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀର ଲୋକେ ପ୍ରଥମେ ଗାଳିଗୁଲଜ କରିବା ସହିତ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଏପରିକି ଭୋଜି ପାଇଁ ବନ୍ଧା ହୋଇଥିବା ଟେଣ୍ଟକୁ ଭାଙ୍ଗି ଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଢେଲା ପଥର ମାଡ କରାଯାଇଥିଲା। ଢେଲା ମାଡରେ ୧୨ଜଣ ଆହାତ ହୋଇଥିଲେ। କାଜୁ ବଗିଚାକୁ ନେଇ ପୂର୍ବରୁ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ପରିସ୍ଥିତି ଉପରେ ନଜର ରଖାଯାଇଥିବା ବେଳେ ଆଗାମୀ ଦିନରେ ଗ୍ରାମରେ ଏକ ଶାନ୍ତି କମିଟି ଗଠନ କରାଯାଇ ସମାଧାନ ପ୍ରକ୍ରିୟା କରାଯିବ ବୋଲି କଟକ ଆଡିସନାଲ ଏସପି ଦେବଦତ୍ତ ବରାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ମଙ୍ଗୁଳି ରେଳ ଦୁର୍ଘଟଣା**

# ସରିଲା ଟ୍ରାକ୍ ମରାମତି, ଗଡ଼ିଲା ଟ୍ରେନ୍

**ଚୌଦ୍ୱାର, ୩୧।୩(ସମିସ):** ଚୌଦ୍ୱାର ନିକଟ ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ରବିବାର ଦିନ କାମାକ୍ଷା ଏକ୍ସପ୍ରେସ ଲାଇନଚ୍ୟୁତ ହେବା ଫଳରେ ଉକ୍ତ ଟ୍ରାକ୍‌ରେ ଦୀର୍ଘ ୨୦ ଘଣ୍ଟା ଧରି ରେଳ ଚଳାଚଳ ବନ୍ଦ ହୋଇଯାଇଥିଲା। ରେଳ ବିଭାଗ କର୍ମଚାରୀମାନେ ଦୀର୍ଘ ଘଣ୍ଟା ଧରି କାର୍ଯ୍ୟକରି ସୋମବାର ସକାଳ ସୁଦ୍ଧା ରେଳ ଧାରଣା ମରାମତି କାର୍ଯ୍ୟ ଶେଷ କରିବା ପରେ ସକାଳରୁ ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ସକାଳ ୯.୩୦ରେ ପ୍ରଥମେ ଏକ ମାଲବାହୀ ଟ୍ରେନ୍ ଯିବା ସହିତ ପର ପର ଆଉ ୩ଟି ମାଲବାହୀ ଟ୍ରେନ୍ ଚାଲିଥିଲା। ପରେ ନୂଆଦିଲ୍ଲୀ ତେଜସ୍ ରାଜଧାନୀ ସୁପରଫାଷ୍ଟ ଏକ୍ସପ୍ରେସ୍ ଉକ୍ତ ଟ୍ରକ୍‌ରେ ଯାଇଥିଲା। ରବିବାର ରାତିରେ ରେଳ ସୁରକ୍ଷା ଆୟୁକ୍ତ (ସିଆରଏସ୍) ବ୍ରିଜେଶ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ଟ୍ରାକ୍ ମରାମତି କାର୍ଯ୍ୟ ତଦାରଖ କରିବା ସହିତ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରିଛନ୍ତି। ରେଳ ବିଭାଗ ତରଫରୁ ମଧ୍ୟ ଏକ ଟେକନିକାଲ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ରେଳ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ସୂଚନା ଦେଇଛନ୍ତି।

# ସେସୁର ପୂର୍ବତନ ଡ୍ରାଫ୍ଟମ୍ୟାନଙ୍କୁ ୪ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୩୧।୩(ସମିସ):** ଲାଞ୍ଚ ମାମଲାରେ ଅନୁଗୁଳ ପୂର୍ବତନ ଡ୍ରାଫ୍ଟମ୍ୟାନ କୁଳମଣି ପ୍ରଧାନଙ୍କୁ ୪ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ଅନୁଗୁଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ। ଏଥିସହ ତାଙ୍କୁ ୫ହଜାର ଟଙ୍କାର ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ବିଦ୍ୟୁତ ସଂଯୋଗ ପାଇଁ ସେ ଜଣେ ଉପଭୋକ୍ତାଙ୍କୁ ୫,୦୦୦ ଟଙ୍କା ଲାଞ୍ଚ ମାଗିଥିବା ନେଇ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ଓ ଲାଞ୍ଚ ନେବାବେଳେ କୁଳମଣି ପ୍ରଧାନଙ୍କୁ ଭିଜିଲାନ୍ସ ଧରିଥିଲା। ଏହି ମାମଲାରେ ଅଦାଲତ ରାୟ ଆସିବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ତାଙ୍କର ପେନସନ ବନ୍ଦ କରିବାକୁ ମଧ୍ୟ ଭିଜିଲାନ୍ସ ଚିଠି ଲେଖିଛି ।

■ ଦଧିମାଛଗାଡ଼ିଆରୁ ସେକ୍ସ ରାକେଟ ଠାବ

# କିଙ୍ଗପିନ୍ ସମେତ ୧୧ ଗିରଫ

**୧୭ ମୋବାଇଲ, ୬ବାଇକ, ୨କାର, ୩୭ହଜାର ଟଙ୍କା ଓ ଆପତ୍ତିଜନକ ସାମଗ୍ରୀ ଜବତ**



**ଖୋର୍ଦ୍ଧା, ୩୧।୩(ସମିସ):** ସଦର ଥାନା ଅନ୍ତର୍ଗତ ଦଧିମାଛଗାଡିଆ ରାସ୍ତାପାର୍ଶ୍ୱରେ ଥିବା ଘରୁ ଠାବ ପୁଲିସ୍ ଏକ ସେକ୍ସ ରାକେଟ୍ ଠାବ କରିଛି। ପୁଲିସ ଚଢ଼ଉ କରି ଏଠାରୁ ୩ ରୂପଜୀବୀଙ୍କୁ ଉଦ୍ଧାର କରିଥିବା ବେଳେ କିଙ୍ଗପିନ୍ ମହିଳା ଏବଂ ୧୦ଜଣ ଗ୍ରାହକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୭ଟି ମୋବାଇଲ, ଏକ ସ୍କୁଟି ସମେତ ୬ ବାଇକ, ୨ କାର, ନଗଦ ୩୭ ହଜାର ଟଙ୍କା, ବହୁ ଆପତ୍ତିଜନକ ସାମଗ୍ରୀ, ମଦ, ସିଗାରେଟ, ଗୁଟଖା ପ୍ରଭୃତି ପୁଲିସ ଜବତ କରିଛି। ଏହି ସେକ୍ସ ରାକେଟରେ ଆହୁରି ଅନେକ ଲୋକ ଯୋଡ଼ି ହୋଇଥିବା ପୁଲିସ ସନ୍ଦେହ କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଦଧିମାଛଗାଡିଆ ଛକ ପାର୍ଶ୍ୱରେ ରହିଥିବା ମଦଭାଟି ପଛପାର୍ଶ୍ୱରେ ଏକ ଘରେ ଦୀର୍ଘ ଦିନ ହେବ ସେକ୍ସ ରାକେଟ୍ ଚାଲୁଥିଲା। ଅନେକ ଦିନରୁ ଏନେଇ ଖବର ମିଳିଥିବା ବେଳେ ପୁଲିସ ସୁଯୋଗ ଅପେକ୍ଷାରେ ଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଘରେ ସଦର ପୁଲିସ ଆକସ୍ମିକ ଚଢ଼ଉ କରି ମହିଳା କିଙ୍ଗପିନ୍‌ଙ୍କ ସମେତ ୧୦ଜଣ ଯୁବକଙ୍କୁ ଗିରଫ କରିଛି। ସେଠାରୁ ୩ଜଣ ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଛି। କିଙ୍ଗପିନ୍ ମହିଳାଜଣକ ୪୮ ବର୍ଷ ବୟସର ହୋଇଥିବା ବେଳେ ସେ ନୟାଗଡ ଅଞ୍ଚଳରୁ ଆସି ଏଠାରେ ଖୋର୍ଦ୍ଧା ଅଞ୍ଚଳର ଜଣେ ଯୁବକଙ୍କ ସହ ଏଠାରେ ରାକେଟ ଚଳାଇଥିବା ପୁଲିସ କହିଛି। ଉକ୍ତ ଯୁବକକୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଉଦ୍ଧାର ଯୁବତୀଙ୍କ ମଧ୍ୟରେ ଜଣେ ୨୫ବର୍ଷର ଓ ଅନ୍ୟ ଦୁଇଜଣ ୩୦ ବର୍ଷର ହୋଇଥିବା ପୁଲିସ କହିଛି। ଗିରଫ ଗ୍ରାହକମାନେ ଖୋର୍ଦ୍ଧା ସମେତ ନୟାଗଡ, ବାଲେଶ୍ୱର ଓ ଯାଜପୁର ଅଞ୍ଚଳର ବୋଲି ପୁଲିସ୍ ସୂଚନା ଦେଇଛି। ଘଟଣାସ୍ଥଳରୁ ପୁଲିସ ମୋବାଇଲ ଫୋନ, ବାଇକ୍, କାର, ନଗଦ ଟଙ୍କା ଓ ଆପତ୍ତିଜନକ ସାମଗ୍ରୀ ଜବତ କରିଥିବା ବେଳେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଚଳାଇଛି।

# ପତ୍ନୀକୁ ଟାଙ୍ଗିଆରେ ହାଣି ହତ୍ୟା

**କୁଚିଣ୍ଡା,୩୧।୩(ସମିସ ):** କୁଚିଣ୍ଡା ଉପଖଣ୍ଡସ୍ଥ ମହୁଲପାଲି ଥାନା କୁସୁମୀ ନିକଟସ୍ଥ ବେନିଆପୋଷୀ ଗ୍ରାମରେ ରାଧା କିସାନ (୩୧)ଙ୍କୁ ତାଙ୍କ ସ୍ୱାମୀ ଟାଙ୍ଗିଆରେ ହାଣି ହତ୍ୟାକରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ ଶବକୁ ଜବତ କରି ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖିଛି। କୁଚିଣ୍ଡା ଉପଖଣ୍ଡ ମହୁଲପାଲି ଥାନା କୁସୁମୀ ନିକଟସ୍ଥ ବଣିଆପୋଷୀ ଗ୍ରାମର ଇନ୍ଦ୍ର



କିସାନଙ୍କ ପୁଅ ଗୁଣନିଧି କିସାନ (୩୩) ଗୁରୁଣ୍ଡିଆ ଥାନା ରାଇକାଜମ ଗ୍ରାମର ରାଧା କିସାନଙ୍କୁ ବିବାହ କରିଥିଲେ। ମାତ୍ର ନିଶା ଏବଂ ଘରୋଇ କଳିକୁ ନେଇ ଉଭୟଙ୍କ ମଧ୍ୟରେ କଳିଗୋଳ ହେଉଥିଲା। ଆଜି ରାଧାଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଲୋକେ ଦେଖିଥିଲେ। ଏ ସଂକ୍ରାନ୍ତରେ ପୁଲିସକୁ ସୂଚନା ଦେବା ପରେ ପୁଲିସ ମୃତା ରାଧାଙ୍କ ଶବକୁ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଗୁଣନିଧିକୁ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି। କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ହୋଇଥିବା ଜଣାଯାଇଛି। ପୁଲିସର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିବା ବେଳେ ପୁଲିସର ପ୍ରାଥମିକ ତଦନ୍ତରେ ଗୁଣନିଧି ତାଙ୍କ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଥିବା କୁହାଯାଉଛି। ମହୁଲପାଲି ପୁଲିସ ଗୁଣନିଧିକୁ ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଆନ୍ତଃରାଜ୍ୟ ସାଇବର ଠକଙ୍କ କବ୍‌ଜାରେ ଓଡ଼ିଶା

ଭୁବନେଶ୍ୱର,୩୧।୩(ସମିସ): ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କ କବ୍‌ଜାରେ ଓଡ଼ିଶା। ନିବେଶ ଆଳରେ ଅଧିକ ରିଟର୍ଣ୍ଣର ଲୋଭ ଓ ବିଭ୍ରାନ୍ତିକର ପରାମର୍ଶ ଦେଇ କୋଟି କୋଟି ଟଙ୍କା ଚୂନ ଲଗାଉଛନ୍ତି। ଓଡ଼ିଶାରୁ ଯେତିକି ସାଇବରଜନିତ ଅପରାଧ ଘଟିଛି, ସେହି ମାମଲାର ତଦନ୍ତ ପରେ ସାମ୍ନାକୁ ଆସୁଛି ବିସ୍ଫୋରକ ତଥ୍ୟ। ସାଇବର ଠକେଇର ମୂଳଦୁଆ ଚାଇନାରୁ ପଡୁଛି। ଚାଇନା ନାଗରିକ କାର୍ପଟ୍‌ଦାର ସାଜି ସାଇବର ଅପରାଧୀଙ୍କୁ ବଳ ଯୋଗାଉଛନ୍ତି। ଦୁବାଇ, ହଂକଂ, ୟୁଏଇ, ସାଉଦିଆରବ ଓ ମାଲେସିଆରୁ ସାଇବର ଅପରାଧ ପରିଚାଳନା କରାଯାଉଛି। ସମ୍ପୂର୍ଣ୍ଣ କର୍ପୋରେଟ୍ ଢାଞ୍ଚାରେ ସାଇବର ଠକେଇକୁ ଅପରେଟ୍ କରାଯାଉଛି। ବିଭିନ୍ନ ଶ୍ରେଣୀରେ ଟଙ୍କା ନେଇ କାର୍ଯ୍ୟ କରୁଥିବା କର୍ମଚାରୀ ନିଜ ନିଜର କାମ ତୁଲାଉଛନ୍ତି। ବିଦେଶରେ ରହୁଥିବା ଠକ ଆକାଉଣ୍ଟକୁ ଡଲାରରେ ଟଙ୍କା ଯିବା ପରେ ସେ ଭାରତୀୟ ମୁଦ୍ରାରେ ରୂପାନ୍ତର କରୁଥିଲା।

- ■ ଦୁବାଇ ଓ ସାଉଦିଆରବରୁ ପରିଚାଳନା
- ■ ନିବେଶ ଆଳରେ ଅଧିକ ରିଟର୍ଣ୍ଣର ଲୋଭ
- ■ ୬ ମାସରେ ପୁଲିସ ପଞ୍ଝାରେ ୧୦୦ ଆନ୍ତଃରାଜ୍ୟ ଠକ

ବିଦେଶରେ ଥିବା ହାୱାଲା ଏଜେଣ୍ଟ ପ୍ରବାସୀ ପ୍ରେରକଙ୍କଠାରୁ ବିଦେଶୀ ମୁଦ୍ରାରେ ଅର୍ଥ ସଂଗ୍ରହ କରିଥା'ନ୍ତି ଓ ଦେଶରେ ଥିବା ହାୱାଲା ଏଜେଣ୍ଟ ତୁରନ୍ତ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭାରତୀୟ ମୁଦ୍ରା ଆକାରରେ ସେ ଅର୍ଥ ହସ୍ତାନ୍ତରିତ କରିଥା'ନ୍ତି। ସିମ୍‌କାର୍ଡ, ମ୍ୟୁଲ୍ ଆକାଉଣ୍ଟ ଯୋଗାଡ଼, ନକଲି ୱେବ୍‌ସାଇଟ୍, କଲ୍ ସେଣ୍ଟରରେ କାମ କରୁଥିବା ଏଜେଣ୍ଟଙ୍କୁ କମିଶନ ହିସାବରେ ଟଙ୍କା ପଠାଉଛନ୍ତି। ଠକେଇ ଟଙ୍କାକୁ କର୍ପୋରେଟ୍ ଢାଞ୍ଚାରେ ଭାଗବଣ୍ଟା କରି ସାମ୍ରାଜ୍ୟ ଚଳାଉଥିଲେ। ଗତ ୬ମାସରେ ଶହେରୁ ଅଧିକ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଛି।

ରାଜଧାନୀର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ୧ କୋଟି ୪୦ ଲକ୍ଷ ଠକେଇ ମାମଲାରେ ୭ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେମାନେ ହେଲେ ଜ୍ୟୋତି ରାଜୁ, ରାଜୁ ସିଂ, ଇସ୍ମାଇଲ୍ ରାହାଇଦ, ବାସିମ୍, ପଚ୍ଚାରାଜା ଏସ୍, ଜେଗାଥୀଶ ରାଧାକୃଷ୍ଣନ୍ ଓ ଇଂ. ଶକ୍ତିକୁମାର ଭେଲ। ସେଭଳି ୬ କୋଟି ଠକେଇ ମାମଲାରେ ଗୁଜରାଟର ସେଜଲ ରବିକୁମାର ସଭାୟ, ସଭାୟ ରବିକୁମନଭାଇ, ପାରସ ଧ୍ରୁରୁଭାଇ ଜେସାନୀ, ଧର୍ମେଶ ନାନୁଭାଇ ସଭାଲିଆ ଓ ସଭାୟ କୁମନଭାଇ। ଅନୁରୂପ ଭାବେ ଡାକ୍ତରଙ୍କୁ ଡିଜିଟାଲ ଆରେଷ୍ଟ ଆଳରେ କୋଟିଏ ଟଙ୍କାରୁ ଅଧିକ ଚୂନ ଲଗାଇବା ମାମଲାରେ ତେଲଙ୍ଗାନାରୁ ଅବଦୁଲ ସଲିମକୁ ଗିରଫ କରାଯାଇଥିଲା। ଏଥିସହ ଗେମ୍ ଆପ୍ ଠକେଇରେ ବୈଭବ ଖାନା, କମଲ୍‌ଜିତ ସିଂ, ଜି ମହିପାଲ ଓ ପଟେଲ ତେଜଶକୁ ଗିରଫ କରାଯାଇଥିଲା। ସେହିପରି ବଡ଼ଧରଣ ଠକେଇ ମାମଲାରେ ସାରାଦେଶର ବିଭିନ୍ନ ରାଜ୍ୟରୁ ୨୬ଜଣ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ପୁଞ୍ଜି ନିବେଶ ଆଳରେ ୭୨ ଲକ୍ଷ ଠକେଇ ମାମଲାରେ ଗୁଜରାଟ ଓ ତାମିଲନାଡୁର ୬ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଅରୁଣ ସାଜୁ, ସିନୁ ଆର୍, ବାଶୁ ଜେ, ଜାଇମିନ୍ କୁକୁଡେଜା ମେଘରାଜଭାଇ, ବ୍ରିଜେଶ ସାଥିଆ ଓ ଉଦୟ ରମେଶଭୋଇ।

ସେହିପରି ନିକଟରେ କ୍ରିପ୍ଟୋ, ଷ୍ଟକ୍ ଓ ଆଇପିଓ ନିବେଶ ଆଳରେ ୩ କୋଟି ଠକେଇ କରିଥିବା ଦିଲ୍ଲୀର ତୁଷାର ଶର୍ମା, ଭବେଶ ଠାକୁର ଓରଫ ଆଲେକ୍ସ ସମେତ ୧୫ଜଣଙ୍କୁ ଗିରଫ କରାଯାଇଥିଲା। ୩୬ ଲକ୍ଷ ଠକେଇ ମାମଲାରେ ୫ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଲାଲେଙ୍ଗ୍ ଜୌଭା କାଇପେଙ୍ଗ ଓରଫ ଡେଞ୍ଜୋ(ବୋଷ୍), ଜିତେନ୍ କାଇପେଙ୍ଗ୍, ସେକ୍ ତାଜୁଦ୍ଦିନ, ମୁଟୁମାରୀ ଚିଟ୍ଟି ବାବୁ ଓ ଏଲ୍‌ଭିସ୍ ତାରା ଓରଫ ଜେମ୍ସ। ଅନୁରୂପ ଭାବେ କେଶର ବ୍ୟବସାୟରେ ପୁଞ୍ଜି ନିବେଶ ଆଳରେ ୨କୋଟି ୬୫ଲକ୍ଷ ୧୫ହଜାର ଟଙ୍କା ଠକେଇ ମାମଲାରେ ୨ଜଣ ନାଇଜେରିଆନ୍‌ଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଖ୍ରୀଷ୍ଟୋପର ଚିଜୋବାମ୍ ଓରଫ ଚିଜୋବାମ୍ କ୍ରୀଷ୍ଟ, ନାମଦୀ ଷ୍ଟାନ୍‌ଲୀ ଓରଫ ଜର୍ମାନୀ ଓ ଆର୍‌ତି ଗୌତମ। ସେହିପରି ୧୧ ଲକ୍ଷ ୮୦ ହଜାର ଟଙ୍କା ଠକେଇ ମାମଲାରେ ରାଜସ୍ଥାନ ଯୋଧପୁରର କିଶୋର ରଣାକୁ ଗିରଫ କରାଯାଇଥିଲା। ଏଥିସହ ଆମେରିକା ଡଲାର୍ ରୋଜଗାର କରିବାର ଲୋଭ ଦେଖାଇ ୬୦ ଲକ୍ଷ ଠକେଇ ମାମଲାରେ ଅହମ୍ମଦାବାଦରେ ୪ଜଣ ଫକିର ଅଲ୍‌ଫଜଶ ବିଶମିଲ୍ଲାଶ, ସେଖ୍ ହୁମାପରବିନ୍ ରଫିକ୍, ରଫିକ୍ ଅବଦୁଲମଜିଦ ଶେଖ୍ ଓ ଅହେମଦଖାନ୍ ବାଲୋଚ୍‌ଙ୍କୁ ଗିରଫ କରାଯାଇଥିଲା। ସେହିଭଳି ବୀମା ଅର୍ଥ ଠକେଇ ମାମଲାରେ ରାଜ୍ୟ ବାହାରୁ ଧରାପଡ଼ିଥିବା ରଘୁ ଆନନ୍ଦ, ଭୀମ୍, ନିଧି ଶର୍ମା, ପ୍ରମୋଦ ଭାଲି, ଯୋଗେନ୍ଦ୍ର ସିଂ, ଭାନୁ ପ୍ରତାପ ଯାଦବ, ଆଶିଷ କୁମାର ଓ ତେଜ କୁମାର ବି ଧରାପଡ଼ିଥିଲେ।

**ଗୋଟିଏ ଦିନରେ ସିଭିଲ ସର୍ଭିସ ଓ ରେଳବାଇ ନିଯୁକ୍ତି ପରୀକ୍ଷା**

# ଚିନ୍ତାରେ ନିଯୁକ୍ତି ଆଶାୟୀ

କଟକ,୩୧।୩(ସମିସ): ଗୋଟିଏ ଦିନରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ମୁଖ୍ୟ ଲିଖିତ ପରୀକ୍ଷା ଓ ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) ପକ୍ଷରୁ ଜେଇ ସମେତ ଅନ୍ୟ କେତେକ ପଦ ପାଇଁ ପରୀକ୍ଷା ହେବ। ଆସନ୍ତା ୨୦୨୫, ଏପ୍ରିଲ ୨୨କୁ ଉଭୟ ସଂସ୍ଥା ପକ୍ଷରୁ ସମୟ ଧାର୍ଯ୍ୟ ହୋଇଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ନିଯୁକ୍ତି ଆଶାୟୀ। ଆରଆରବି ପକ୍ଷରୁ ଜେଇ (କନିଷ୍ଠ ଯନ୍ତ୍ରୀ), ଡିଏମଏସ, ସିଏମଏ, କେମିକାଲ ସୁପରଭାଇଜର (ରିସର୍ଚ୍ଚ) ଓ ମେଟାଲୁର୍ଜିକାଲ ସୁପରଭାଇଜର (ରିସର୍ଚ୍ଚ)ପଦ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ସିବିଟି-୨ ମାର୍ଚ୍ଚ ୧୯ ଓ ୨୦ରେ ଅନୁଷ୍ଠିତ ହୋଇଥାନ୍ତା। ତେବେ ଆରଆରବି ପକ୍ଷରୁ ଏକ ବିଜ୍ଞପ୍ତି ମାର୍ଚ୍ଚ ୨୭ରେ ଜାରି କରାଯାଇ ଉପରୋକ୍ତ ପଦବିରେ ନିଯୁକ୍ତି ପାଇଁ ସିବିଟି-୨ ଏପ୍ରିଲ ୨୨ରେ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଅନ୍ୟପଟରେ ଓପିଏସସି ପକ୍ଷରୁ କିନ୍ତୁ ଗତ ମାର୍ଚ୍ଚ ୭ରେ ଏକ ବିଜ୍ଞପ୍ତି ଜାରି କରାଯାଇ ଏପ୍ରିଲ ୧୯ରୁ ଏପ୍ରିଲ ୨୭ ତାରିଖ ପର୍ଯ୍ୟନ୍ତ ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା-୨୦୨୩ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ଯେଉଁ ସମୟ ନିର୍ଘଣ୍ଟ ଅନୁସାରେ ଏପ୍ରିଲ ୨୨ରେ ଜେନେରାଲ ଷ୍ଟଡିଜ୍ ପେପର-୧ ଓ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ଆରଆରବି ପକ୍ଷରୁ ସିବିଟି-୨ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ମଧ୍ୟରୁ ଅନେକ ଓସିଏସ୍ ପ୍ରିଲିମିନାରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ମନୋନୀତ ହୋଇଥିଲେ । ଏବେ ସେମାନଙ୍କ ପାଇଁ ଏପ୍ରିଲ ୨୨ର ପରୀକ୍ଷା ସୂଚୀ ସମସ୍ୟା ସୃଷ୍ଟି କରିଛି। ପ୍ରଥମେ ଓପିଏସସି ପରୀକ୍ଷା ସୂଚୀ ପ୍ରକାଶ କରିଥିବାରୁ ଆରଆରବି ପକ୍ଷରୁ ସିବିଟି-୨ ପାଇଁ ସାନି ତାରିଖ ଧାର୍ଯ୍ୟ କରାଯାଉ ବୋଲି ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।


**AFFIDAVIT**

By virtue of an affidavit No.-789, dated 06.03.2025 sworn before Executive Magistrate, Vyasanagar. I Auroville Chandan Rout, S/o- Gobardhan Rout, At/Po- Taruan, Ps.- Ramachandrapur, Keonjhar, Odisha declare that my name and DOB are wrongly mentioned in Aadhar No. 8270 31999056 as Chandan Rout DOB-26.08.2005. Henceforth Auroville Chandan Rout, DOB 28.01.2003 for all purposes.

**AFFIDAVIT**

By virtue of an affidavit No.936, Dtd. 24.03.2025 sworn before the Executive Magistrate, Bhograi. I, Malati Jena, W/O. Hemanta Jena, At. Mandarsahi, Po. S.S Patna, PS. Bhograi, Dist. Balasore, Odisha, PIN. 756036 declare that my son Ashutosh Jena's name unfortunately mentioned as Pabitra Jen in his Aadhaar Card. Henceforth, he shall be known as Ashutosh Jena for all purposes.

**AFFIDAVIT**

I, Chaithanya Karnam, W/o- Jaya Krishna Karnam, resident of Kapu Street, 1st Lane, Berhampur, Dist-Ganjam, Pin-760002, Odisha declared by this affidavit No. 741, dtd-30/03/2025 that now onwards I shall be known as **CHAITANYA KARNAM** for all future purposes.

**NOTICE**

By virtue of an Affidavit sworn before the Executive Magistrate, Aul, Dist: Kendrapara, on dated 29.03.2025, I Kabita Devi, W/o Parsuram Aruk (Discharge Book of Army Bearing Coad No 06729), Address At- Gopaljewpatna, Po-Manika Patana, PS- Aul, Dist-Kendrapara, Pin: 754215, Odisha have changed my name from Kabita Devi Aruk to Kabita Devi. Henceforth, I shall be known as **KABITA DEVI W/o Parsuram Aruk** for all future purposes.
Sd- Kabita Devi

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dt. 24.3.2025. I Sailabala Swain , wife of Sri Iswar Swain, at Sareikula, P.o.: Sikhar, P.s.: Naugoan, Dist. Jagatsinghapur have changed my name from Lipika Swain to Sailabala Swain. Henceforth , I shall be known as Sailabala Swain for all purposes .

**AFFIDAVIT**

I, Aisha Siddiqu, W/o- Fajlur Reheman, resident of Atalapur, PO- Samantarapur, PS- Kuakhia, Dist- Jajpur, PIN- 755009, Odisha declared by this affidavit No. 733, dtd-29/03/2025 that now onwards I shall be known as **AISHA SIDDIKA** for all future purposes.

**AFFIDAVIT**

I, Akhila Kumar Jena, S/o- Jayakrushna Jena, resident of Village-Garhpalasuni, PO-Garhpalasuni, PS-Mahabirod, Dist-Dhenkanal, Odisha, Pin-759120 declare by this affidavit No- 1206, dated-11/032025 that now onwards I shall be known as **AKHIL KUMAR JENA** for all future purposes.

**AFFIDAVIT**

I, Mohammed Fajlur Rehman, S/o- Jafar Khan, resident of Atalapur, PO-Samantarapur, PS-Kuakhia, Dist- Jajpur, PIN- 755009, Odisha declared by this affidavit No. 732, dtd- 29/03/2025 that now onwards I shall be known as **FAJLUR REHEMAN** for all future purposes.

**ସର୍ବସାଧାରଣ ବିଜ୍ଞପ୍ତି**

ମୁଁ ଶ୍ରୀମତି ଚୁନି ଗୌଡ, ସାମୀ- ମୁନା ଗୌଡ, ପି- ଭୀମ ଗୌଡ, ଗ୍ରାମ- ଶେରଗଡ, ଜି- ଗଞ୍ଜାମ, ପୈତୃକ ଗ୍ରାମ- ଚାଞ୍ଚରାପଲ୍ଲୀ, ଥା- ସୋରଡା, ଜି- ଗଞ୍ଜାମ, ଏତଦ୍ୱାରା ଜଣାଇ ଦେଉଛିକି, ମୁଁ ଶ୍ରୀ ଭୀମ ଗୌଡ, ପି- ୰ କପିଳା ଗୌଡ, ୰ ଶ୍ରୀମତୀ ବିକାସ ଗୌଡଙ୍କ ଏକମାତ୍ର ଝିଅ ଅଟେ, ମୋର କୌଣସି ଭାଇ ନାହାଁନ୍ତି, ମୋର ମାତା ଶ୍ରୀମତୀ ବିକାସ ଗୌଡ ମୃତ୍ୟୁବରଣ କରିଛନ୍ତି, ମୋ ମାଙ୍କ ମୃତ୍ୟୁପରେ ମୋ ବାପା ଭୀମ ଗୌଡ, ପି- ୰ କପିଳା ଗୌଡ, ଗ୍ରା- ଚାଞ୍ଚରାପଲ୍ଲୀ (ଶୋରିଷବିଲ୍ଲୀ), ଥା- ସୋରଡାଙ୍କ ମସ୍ତିଷ୍କ ଠିକ୍ ନାହିଁ ତାଙ୍କ ସହିତ ତାଙ୍କ ଭାଇ ମଙ୍ଗଳା ଗୌଡ ଓ ଅନ୍ୟ ଭାଇ ନନ୍ଦ ଗୌଡଙ୍କ ସ୍ତ୍ରୀ ସୁବର୍ଣ୍ଣା ଗୌଡ ଓ ଦୁଇପୁଅ ରବିଶଙ୍କର ଗୌଡ ଓ ସିମାଞ୍ଚଳ ଗୌଡ ସମସ୍ତଙ୍କ ନାମରେ ଶୋରିଷବିଲ୍ଲୀ ମୌଜା, ଖାତା ନଂ. ୫୮୬/୧୫୮ ଡାଗ ୪ (ଚାରି) ଗୋଟି ପ୍ଲଟ ମୋ ପରିମାଣ ଏ.୩.୪୯୯୦ ଜମି ଅଛି, ଯଦି କୌଣସି ବ୍ୟକ୍ତି ମୋର ଅଜାଣତରେ ଉପରଲିଖିତ ଖାତା ନଂ.ରେ ଥିବା ଜମି, ଜମା ବାପାଙ୍କୁ ତାଙ୍କ ମସ୍ତିଷ୍କ ଖରାପ ସତ୍ତ୍ୱେ କ୍ରୟ କରନ୍ତି, ମୁଁ ସେଥିପାଇଁ ଦାୟୀ ରହିବି ନାହିଁ। ସେଥିପାଇଁ କ୍ରୟ ଲଭିଥିବା ବ୍ୟକ୍ତି ସଂପୃକ୍ତ ଦାୟୀ ରହିବେ।

**ଗୃହରକ୍ଷୀ (Home Guards) ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ**

ବରଗଡ଼ ଜିଲ୍ଲାରେ ଖାଲିଥିବା ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥୀନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡ଼ିକ ଦୁର୍ଗପତି, ଗୃହରକ୍ଷୀ ବାହିନୀ, ବରଗଡ଼ଙ୍କ କାର୍ଯ୍ୟାଳୟରେ (Office of the Superintendent of Police, Bargarh) ତା. ୦୧.୦୪.୨୦୨୫ରିଖ ଠାରୁ ତା. ୧୫.୦୪.୨୦୨୫ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ସବିଶେଷ ବିବରଣୀ ବରଗଡ଼ ଜିଲ୍ଲାର ସମସ୍ତ ଥାନା/ ଫାଣ୍ଡିମାନଙ୍କରେ ଉପଲବ୍ଧ ଅଛି ।

ଦୁର୍ଗପତି ଗୃହରକ୍ଷୀ, ବରଗଡ଼


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଟିଆରେ ଓଡ଼ିଆ...

ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ମିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟର ଶିକ୍ଷକ ତପନ କୁମାର ପୂଜାରୀ କହିଛନ୍ତି ଯେ ଏହି ସ୍କୁଲକୁ ତାଡ଼ିବାଲସା, ନେରେଡିବାଲସାର ଛାତ୍ରଛାତ୍ରୀ ପଢ଼ିବାକୁ ଆସନ୍ତି। କିନ୍ତୁ ଧୀରେଧୀରେ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି। ସ୍କୁଲରେ ଓଡ଼ିଆ ଭାଷାରେ ଶିକ୍ଷା ଦେବା ଏକ ବଡ଼ ଆହ୍ୱାନ ହୋଇଛି। ସ୍ଥାନୀୟ ଅଭିଭାବକମାନଙ୍କଠାରୁ ମଧ୍ୟ ସହଯୋଗ ମିଳୁନାହିଁ। ସେହିପରି ନେରେଡିବାଲସା ଗ୍ରାମରେ ରହୁଥିବା ପୂର୍ବତନ ସମିତି ସଭ୍ୟ ଆପ୍ପା ରାଓ କହିଛନ୍ତି, ଏହା ଏକ ବିବାଦୀୟ ଅଞ୍ଚଳ ହୋଇଥିବାରୁ ଏଠିକାର ଲୋକ ଉଭୟ ସରକାର (ଓଡ଼ିଶା ଓ ଆନ୍ଧ୍ର)ଙ୍କ ଯୋଜନା ନେଉଛନ୍ତି। ଯାହାର ଦୁଇଟି ପିଲା ଅଛନ୍ତି, ସେମାନେ ଗୋଟିଏ ପିଲାକୁ ଓଡ଼ିଆରେ ପାଠ ପଢ଼ାଉଥିବା ବେଳେ ଅନ୍ୟକୁ ତେଲୁଗୁରେ ଶିକ୍ଷା ଦେଉଛନ୍ତି। କେବଳ ସରକାରୀ ସୁବିଧାର ଲାଭ ନେବା ପାଇଁ ସେମାନେ ଏପରି କରୁଛନ୍ତି ବୋଲି ଶ୍ରୀ ରାଓ କହିଛନ୍ତି।

କୋଟିଆ ସରପଞ୍ଚ ଲିଉ ଗେମେଲ ଆନ୍ଧ୍ରର ଏପରି ଚାଲବାଜିକୁ ନିନ୍ଦା କରିବା ସହ ବେଳ ଥାଉଥାଉ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଛନ୍ତି। ଏହାକୁ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ଟିକାଇ ଗେମେଲ ଓଡ଼ିଶା ସରକାର ଛାତ୍ରଛାତ୍ରୀଙ୍କ ନିମନ୍ତେ ସମସ୍ତ ସୁବିଧା କରିବା ସତ୍ତ୍ୱେ କେବଳ ୧୫ହଜାର ଟଙ୍କାର ଆର୍ଥିକ ସହାୟତା ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଧ୍ରମୁହାଁ ହେଉଥିବା ଯୋଗୁଁ ଓଡ଼ିଶା ସରକାର ମଧ୍ୟ ଏଭଳି ଏକ ଯୋଜନା ପ୍ରଣୟନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ତେବେ ଏହାକୁ ରୋକାନଗଲେ ଆଗକୁ ଓଡ଼ିଶା ମାଟିରେ ଓଡ଼ିଆ ଭାଷା ହଜି ତେଲୁଗୁ ଭାଷା ମୁଣ୍ଡ ଟେକିବ, ଏଥିରେ ସନ୍ଦେହ ନାହିଁ।

### ଚିନ୍ତା ବଢ଼ାଇଲେଣି...

ସାମିଲ ହେଉଥିବା ସୁରକ୍ଷାକର୍ମୀଙ୍କୁ ବଳ ଯୋଗାଇବା ଲାଗି ସହିଦ ଯବାନଙ୍କ ଲାଗି ୩୦ ଲକ୍ଷ ଅନୁକମ୍ପା ରାଶି ଯୋଗାଇ ଦିଆଯାଉଛି। ନିକଟରେ ଛତିଶଗଡ ଓ ଆନ୍ଧ୍ରପ୍ରଦେଶରେ ମାଓବିରୋଧୀ ଅଭିଯାନକୁ ତୀବ୍ର କରାଯାଇଛି। ତେଣୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଓଡ଼ିଶାକୁ ଅନୁପ୍ରବେଶ କରୁଛନ୍ତି। ଦୁଇ ଦିନ ହେବ ବଲାଙ୍ଗିରିରେ ମାଓବାଦୀ ଅନୁପ୍ରବେଶ କରୁଛନ୍ତି। ତେଣୁ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି।

### ଜାତୀୟ ସାଂସ୍କୃତିକ...

ଅଭିନନ୍ଦନ ଜଣାଇବା ସହ ମୁଁ ଦୃଢ ଆଶାବାଦୀ ଯେ ଆଗାମୀ ଦିନରେ ମହାପ୍ରଭୁଙ୍କ ରଥଯାତ୍ରା ନିଶ୍ଚିତ ଭାବେ ୟୁନେସ୍କୋ ତାଲିକାଭୁକ୍ତ ହେବ। ମହାପ୍ରଭୁଙ୍କ କୃପା ଏବଂ କରୁଣା ସମସ୍ତଙ୍କ ଉପରେ ରହିଥାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପୁଲିସକୁ ପିଟିଲେ..

ଥାନାରେ ଏତଲା ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ଫଳରେ ଏପରି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଭରତପୁର ଥାନା ପୁଲିସ ସୂର୍ଯ୍ୟ ମହାରଣା (୫୧), ତାଙ୍କ ପତ୍ନୀ ଆରତୀ ମହାରଣା (୪୬), ବଡ଼ ପୁଅ ମନୋଜ ମହାରଣା (୩୦), ପତ୍ନୀ ରଶ୍ମିତା ନାୟକ (୩୫), ମନୋଜ ମହାରଣାଙ୍କ ଶଳା ରାକେଶ ନାୟକ (୩୦) ଓ ସାନପୁଅ ଅକ୍ଷୟ ମହାରଣା (୧୯)ଙ୍କୁ ଗିରଫ କରିଛି।

### ଦଣ୍ଡନାଚରେ ଗଡ଼ିଲା...

ପେଟ ଓ ପିଠିର ୧୦ଟି ଜାଗାରେ ଗଭୀର କ୍ଷତ ହୋଇଛି। ପୁଲିସ ଏମକେସିଜିରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ବାପା, ପୁଅଙ୍କୁ ସେଠାରୁ କାବୁ କରିଥିଲା। ମୃତକଙ୍କ ଭାଇ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଭିଯୋଗକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରଫ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ଛୁରି, ଅଭିଯୁକ୍ତ ତ୍ରିନାଥଙ୍କ ଏକ ଟ୍ରାଭେରା କାର୍ (ନଂ ଓଡ଼ି୦୭ ଏଲ-୬୫୩୫)କୁ ଜବତ କରିଛନ୍ତି।

ପ୍ରକାଶଯୋଗ୍ୟ, କିଛି ବର୍ଷ ତଳେ କୋକ ଏକ ଗଞ୍ଜେଇ ଚାଲାଣ ମାମଲାରେ ଆନ୍ଧ୍ର ପୁଲିସ୍ ଦ୍ୱାରା ଗିରଫ ହୋଇଥିଲା। କିଛି ମାସ ପରେ ଜାମିନରେ ଆସି ଗାଁରେ ରହିଥିଲେ। ଗାଁରେ ନିଜ ଭାଇର ଦୋକାନରେ ବସୁଥିଲେ। ଗାଁ ପିଲାଙ୍କ ସହ ଝଗଡ଼ା କରି ପୁଣି ପୁଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ରବିବାର ସେ ମଦ୍ୟପାନ କରି ଭୋଗ ବଣ୍ଟନ ସ୍ଥାନକୁ ଯାଇଥିଲେ। ସେଠାରେ ତ୍ରିନାଥ ଓ କୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏହି କାଣ୍ଡ ଘଟିଥିବା କୁହାଯାଉଛି। ଅପରପକ୍ଷେ ଚଳିତବର୍ଷ ଦଣ୍ଡନାଟରେ ବେଲଗାଁ ଦଳର ପାରମ୍ପରିକ ଦଣ୍ଡନାଟ ହେବାକୁ ଥିବା ବେଳେ ସାମାଜିକ ନାଟକ ବନ୍ଦ କରିବାକୁ ପୁଲିସ ନିର୍ଦ୍ଦେଶ ଦେଇଛି।

# ସମ୍ପାଦକୀୟ



ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବ କାହିଁ
-ସ୍ୱଭାବକବି ଗଙ୍ଗାଧର ମେହେର

ସକାଳ THE SAKALA

## ମୋ ଭାଷା: ସରଳ ଓ ସମ୍ପୂର୍ଣ୍ଣ

ମୋ ଭାଷା ସହଜ, ସରଳ ଓ ସମ୍ପୂର୍ଣ୍ଣ। ବାର୍ତ୍ତାଳାପର ଉଚ୍ଚାରଣ ଯୁକ୍ତିସମ୍ମତ ଓ ସୁସଂଯୋଜିତ। ଓଡ଼ିଆ ଭାଷା ସମ୍ପର୍କରେ ଜଣେ ବିଦେଶୀ ବିଦ୍ୱାନ ଓ ଗବେଷକଙ୍କ ଏହି ମନ୍ତବ୍ୟ ଶୁଣିଲେ ଛାତି କୁଣ୍ଢେମୋଟ ହୋଇଯାଏ। ସେ ହେଉଛନ୍ତି ଏଲ୍‌ଏସ୍‌ଏସ୍ ମାଲେ। ବେଙ୍ଗଲ ଡିଷ୍ଟ୍ରିକ୍ଟ ଗେଜେଟିୟରରେ ତାଙ୍କର ଏହି ମତାମତ ସ୍ଥାନିତ ହୋଇଛି। ଦେଶରେ ଭାଷାଭିତ୍ତିକ ରାଜ୍ୟଗଠନର ଭିତ୍ତିଭୂମି ପକାଇଲା ଓଡ଼ିଶା। ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିବା ବେଳେ ୨୦୧୪ ମାର୍ଚ୍ଚ ୧୧ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରି ଦେଶର ୬ଟି ଭାଷାଭାଷୀ ମଧ୍ୟରୁ ଅନ୍ୟତମର ବିରଳ ସ୍ୱୀକୃତି ପାଇଛି। ଇଏ ହେଲା ଅପୂର୍ବ ଅନୁଭବର କଥା। ଏଥିସହିତ ସମଗ୍ର ଓଡ଼ିଆ ଜାତିର ଅଭିମାନ ଓ ସ୍ୱାଭିମାନ ସଂଶ୍ଳିଷ୍ଟ। ଅହମିକା, ଅହଂଜ୍ଞାନ କିମ୍ବା ଅସ୍ମିତାରୁ ଯଥାସମ୍ଭବ ଦୂରେଇ ରହିବାକୁ ଆମ ପରମ୍ପରାସିଦ୍ଧ ସଂସ୍କୃତି ଓ ସଂସ୍କାର ଶିକ୍ଷା ଦେଇଛି। ଆଉ ୧୧ବର୍ଷ ପରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡ଼ିଶାବାସୀ ଶତକ ପୂର୍ତ୍ତି ଉତ୍ସବ ପାଳନ କରିବେ। ଆମେ ଏଠାରେ ସେହି ପୂର୍ବସୂରୀଙ୍କ ସମ୍ପର୍କରେ ଆଲୋଚନା କରିବା, ଯେଉଁମାନେ ଭାଷାକୁ ବଞ୍ଚାଇ ରଖିବା ସହ ଜାତିକୁ ଜାତୀୟ ମାନ୍ୟତା ଦେବା ପାଇଁ ଏକନିଷ୍ଠ ଉଦ୍ୟମ କରିଥିଲେ।

ଗଞ୍ଜାମ ସମ୍ମିଳନୀରୁ ଉତ୍କଳ ସମ୍ମିଳନୀର ଉତ୍ତରଣ ହୋଇଥିଲା ସ୍ୱାଭିମାନୀ ମଧୁସୂଦନ ଦାସଙ୍କ ପ୍ରସ୍ତାବକ୍ରମେ। ଇଏ ୧୯୦୩ ଏପ୍ରିଲରୁ ଡିସେମ୍ବର ମାସର କଥା। ଏହାର ପୃଷ୍ଠଭାଗରେ ଥା'ନ୍ତି ଖଲ୍ଲିକୋଟ ରାଜାସାହେବ ହରିହର ମର୍ଦ୍ଦରାଜ। ପୁତ୍ର ରାମଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଉତ୍ସବ ହିଁ ଥିଲା ମାଧ୍ୟମ। କ୍ଷେତ୍ର ପ୍ରସ୍ତୁତି ଚାଲିଥିଲା ରମ୍ଭା ଓ ବ୍ରହ୍ମପୁରରେ। ଉତ୍କଳ ସମ୍ମିଳନୀର ପ୍ରଥମ ଆନୁଷ୍ଠାନିକ ବୈଠକ ବସିଲା କଟକରେ। ମୟୂରଭଞ୍ଜ ମହାରାଜ ରାମଚନ୍ଦ୍ର ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଯୋଗ ଦେଇଥିଲେ ଉତ୍କଳଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପାଳଚନ୍ଦ୍ର ପ୍ରହରାଜ, ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀଶଙ୍କର ରାୟ ପ୍ରମୁଖ ବହୁ ତୁଙ୍ଗ ନେତା। ରମ୍ଭା ରାଜପ୍ରାସାଦରୁ ହରିହର ମର୍ଦ୍ଦରାଜ ଆରମ୍ଭ କରିଥିବା ଏହି ପ୍ରୟାସକୁ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ଲଣ୍ଡନରେ ଆୟୋଜିତ ତୃତୀୟ ଗୋଲଟେବୁଲ ବୈଠକରେ ଉପସ୍ଥାପନ କରିଥିବା ଦଲିଲ ଓ ଦସ୍ତାବିଜ ସାକାର କରିବାରେ ସହାୟକ ହୋଇଥିଲା। ୧୯୩୨ ଡିସେମ୍ବର ୭ ତାରିଖ ବୈଠକର ପ୍ରଭାବ ୨୪ ତାରିଖ ପ୍ରତିନିଧି ସଭାରେ ପ୍ରତିଫଳିତ ହୋଇଥିଲା। ତତ୍କାଳୀନ ସେକ୍ରେଟାରୀ ଷ୍ଟେଟସ ସାଇ ସାମୁଏଲ କହିଥିଲେ ଯେ ପୃଥକ ଶାସନାଧୀନ ଓଡ଼ିଆ ଜାତି ପ୍ରତି ଅନ୍ୟାୟ କରାଯାଇଛି। ଏମାନଙ୍କୁ ଏକତ୍ର କରିବାକୁ ହେବ। ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନ ସକାଶେ ଏହି ବୈଠକର ସକାରାତ୍ମକ ମତ ଓ ମନ୍ତବ୍ୟ ସହାୟକ ହୋଇଥିଲା। ଭାରତରେ କ୍ଷମତାରେ ଥିବା ସରକାର ଓ ବିଲାତ ସରକାରଙ୍କ ପ୍ରସ୍ତାବ ସପକ୍ଷରେ ମତୈକ ପ୍ରତିଷ୍ଠା ସମ୍ପର୍କରେ ସାର ସାମୁଏଲ୍‌ଙ୍କ ସୂଚନା ଓଡ଼ିଆଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା। ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ବାର୍ତ୍ତା ମାଧ୍ୟମରେ ସମସ୍ତେ ପ୍ରଶଂସାରେ ପୋତି ପକାଇଥିଲେ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଜୀବନଧାରା ପ୍ରତି ସୃଷ୍ଟି ହୋଇଥିବା ବିପଦ ସମସ୍ତଙ୍କୁ ଏକଜୁଟ୍ କରିଥିଲା ସ୍ୱତନ୍ତ୍ର ରାଜ୍ୟଗଠନ ପାଇଁ। ମଧୁବାବୁ ଏହାର କର୍ଣ୍ଣଧାର ହୋଇଥିଲେ। ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏଥିଲାଗି କ୍ଷେତ୍ର ପ୍ରସ୍ତୁତ କରିଥିଲେ। ପୁତ୍ର ରାମଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ହିଁ ଥିଲା କେବଳ ମାଧ୍ୟମ। ବିଲାତ ସରକାରଙ୍କ ନିଷ୍ପତ୍ତି ସତ୍ତ୍ୱେ ଆନୁଷ୍ଠାନିକ ଘୋଷଣା ସକାଶେ ଅପେକ୍ଷା କରିବାକୁ ପଡ଼ିଥିଲା ୪ବର୍ଷ। ଏହି ଶେଷ କିଛିବର୍ଷ ହିଁ ଥିଲା ସବୁଠାରୁ କଷ୍ଟକର ସମୟ। ମଧୁବାବୁ କିଛି ସହଯୋଗୀଙ୍କୁ ଧରି ଚଳାଉଥିବା ଅବିଶ୍ରାନ୍ତ ଉଦ୍ୟମ ଶେଷରେ ଫଳବତୀ ହୋଇଥିଲା। ବାର୍ଦ୍ଧକ୍ୟରେ ମ୍ରିୟମାଣ ହୋଇପଡ଼ିଥିଲେ ମଧ୍ୟ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଅପେକ୍ଷା କରୁଥିଲେ ଏହି ସୁଦିନକୁ। କିନ୍ତୁ ତାଙ୍କ ଦେହାବସାନର ଦୁଇବର୍ଷ ପରେ ହିଁ ତାହା ସାକାର ହୋଇଥିଲା। ଯେମିତି ଉତ୍କଳମଣି ଗୋପବନ୍ଧୁ ସାପ୍ତାହିକ 'ସମାଜ' ପ୍ରତିଷ୍ଠା କରିଥିଲେ ହେଁ ତାହା ଦୈନିକରେ ରୂପାନ୍ତରିତ ହୋଇଥିଲା ତାଙ୍କ ମହାପ୍ରୟାଣର ଦୁଇବର୍ଷ ପରେ। ମହାମନୀଷୀମାନେ ସଫଳତାକୁ ଅପେକ୍ଷା ନକରି ନିରବଚ୍ଛିନ୍ନ ଭାବେ ଅବିଶ୍ରାନ୍ତ ପରିଶ୍ରମ କରିଥା'ନ୍ତି, ଅସଲରେ ତାଙ୍କର ଦାୟଦମାନେ ହିଁ ତାହାକୁ ଉପଭୋଗ କରିଥା'ନ୍ତି। କେବଳ ସେମାନଙ୍କ ଯୋଗ୍ୟତା ଓ ପାରଦର୍ଶିତା ଉପରେ ନିର୍ଭର କରେ ଗଠିତ ଭାଷାକୁ ଉନ୍ନତିର ଶୀର୍ଷରେ କିଭଳି ପହଞ୍ଚାଇବା। ଓଡ଼ିଆ ଲିପି ଗୋଟିଏ ସତ, କିନ୍ତୁ ବିଭିନ୍ନ ପ୍ରାନ୍ତୀୟ ଲୋକଭାଷାର ସମ୍ମିଶ୍ରଣ ଓ ସମଷ୍ଟିରେ ଭାଷା ସାହିତ୍ୟ ସମୃଦ୍ଧି ହାସଲ କରିଛି। ସ୍ୱତନ୍ତ୍ର ଓଡ଼ିଶା ଦିବସରେ ଆଜି ବି ଆମକୁ ଚିନ୍ତା କରିବାକୁ ପଡୁଛି ଶାସ୍ତ୍ରୀୟ ମାନ୍ୟତା ହାସଲ ଶେଷକଥା ନୁହେଁ। ଆମ ଚଳଣି ଓ କଥନିରୁ ଦିନକୁ ଦିନ ଓଡ଼ିଆ ଭାଷା ଯେମିତି ହଜିଯିବା ଆରମ୍ଭ କରିଛି। ଆମେ ତ ଚାପରେ ନାହୁଁ, ତେବେ ଆମ ମୁହଁରୁ ଓଡ଼ିଆ ଭାଷା ଦିନକୁଦିନ କାହିଁକି ହଜିଯାଉଛି? ଏଭଳି ଏକ ପୀଡ଼ାଦାୟକ ପ୍ରଶ୍ନ ସମସ୍ତେ ସମସ୍ତଙ୍କୁ ପଚାରିବା ଉଚିତ।

ରତ୍ନଗର୍ଭା ଓଡ଼ିଶା। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ବିସ୍ତୃତ ଉପକୂଳ ସାମୁଦ୍ରିକ ବାଣିଜ୍ୟର କ୍ଷେତ୍ର ପ୍ରସ୍ତୁତ କରି ଅପେକ୍ଷା କରିଛି ରାଜ୍ୟକୁ ସମ୍ବଳ ଓ ସମ୍ପତ୍ତିରେ ପରିପୂର୍ଣ୍ଣ କରିବା ସକାଶେ। ଆମେ କ'ଣ ସତରେ ଅଯୋଗ୍ୟ ଓ ଅସମର୍ଥ? ଆମେ କ'ଣ ଦେଶର ଦରିଦ୍ରତମ ରାଜ୍ୟ? ନା। ସମୟ ବଦଳିଛି। ଆମେ ମଧ୍ୟ ଅନ୍ୟମାନଙ୍କ ସହ କାନ୍ଧରେ କାନ୍ଧ ମିଳାଇ ବିକାଶ ପଥରେ ଆଗେଇ ଚାଲିଛୁ। ଏକଥା ସତ ଯେ ଦେଶର ବିଭିନ୍ନ ପ୍ରାନ୍ତରେ ଦେଖାଦେଇଥିବା ବିଳକ୍ଷଣରୁ ଆମେ ମୁକ୍ତ ନୋହୁଁ। ଏସବୁ ସତ୍ତ୍ୱେ ଖଣିଜ ସମ୍ପଦର ସଦୁପଯୋଗ କରି ରାଜ୍ୟରେ ମୁଣ୍ଡ ଟେକିଛି କଳ କାରଖାନା। କ୍ରମାଗତ ପ୍ରୟାସ ଫଳରେ ରାଜ୍ୟର ଦାରିଦ୍ର୍ୟ ହାର ହ୍ରାସ ପାଇଛି। ଅନାହାର ମୃତ୍ୟୁ ଭଳି ଅପବାଦରୁ ଆମେ ମୁକ୍ତ। ନିତି ଆୟୋଗ ରିପୋର୍ଟରୁ ପ୍ରକାଶ ୨୦୦୫-୦୬ରେ ବହୁମୁଖୀ ଦାରିଦ୍ର୍ୟ ହାର ଓଡ଼ିଶାରେ ୨୯.୩୪ ପ୍ରତିଶତ ଥିବାବେଳେ ତାହା ୨୦୧୯-୨୧ ମଧ୍ୟରେ ତାହା ୧୫.୬୮ ପ୍ରତିଶତକୁ ହ୍ରାସ ପାଇଛି। ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିବାରେ ଓଡ଼ିଶା ଅନ୍ୟତମ ଅଗ୍ରଣୀ ରାଜ୍ୟ। ଏକଥା ସତ ଯେ ଆମେ ସେତେବେଳକୁ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଓ ଉତ୍ତରପ୍ରଦେଶ ରାଜ୍ୟକୁ ଅତିକ୍ରମ କରି ନିଜର ସ୍ଥିତି ଜାହିର କରିବାକୁ ସମର୍ଥ ହୋଇଥାଉ। ସମୟର ସାରଣୀରେ ଅଗ୍ରଗତିର ଯେଉଁ ପଦଚିହ୍ନ ରାଜ୍ୟ ଥାପିବା ଆରମ୍ଭ କରିଥିଲା, ତାହା ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ବେଳେ ଏକ ଈର୍ଷଣୀୟ ସ୍ଥିତିରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ସମୟର ଝଡ଼ ସବୁଦିନ ପାଇଁ ଯେ ଗତିଶୀଳ ହୋଇରହିବ, ଏକଥା ନୁହେଁ। ଆମେ ଆଶା କରିବା, ପ୍ରଗତିର ଗତି ଅନ୍ତତଃ ବ୍ୟାହତ ନହେଉ।

### ଓଡ଼ିଶା ଦିବସର ଅନୁଚିନ୍ତା

## ଅଖଣ୍ଡତା ଓ ସାଂସ୍କୃତିକ ଏକତାର ପରିଚାୟକ

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**

ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବାର ୯୦ତମ ଉତ୍ସବ ଏକ ବିଚିତ୍ର ପରିସ୍ଥିତିରେ ପାଳନ ହେଉଛି। ୧୯୩୬, ଏପ୍ରିଲ ୧ ତାରିଖରେ ଯେତେବେଳେ ଓଡ଼ିଶା ଇଂରେଜ ଶାସନକାଳରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଭାବେ ଜନ୍ମ ଲାଭ କରିଥିଲା, ଏହାର ଏକତା, ଅଖଣ୍ଡତା ବିଷୟରେ କେହି କେବେ, ବିଶେଷ ଭାବେ ନିର୍ବାଚିତ ପ୍ରତିନିଧିଗଣ, ପ୍ରଶ୍ନବାଚୀ ସୃଷ୍ଟି କରିନାହାନ୍ତି। କିନ୍ତୁ ବର୍ତ୍ତମାନ ବୋଧହୁଏ ପ୍ରଥମ ଥର ପାଇଁ ଶାସକ ଦଳର ଜଣେ ନିର୍ବାଚିତ ପ୍ରତିନିଧି ଓଡ଼ିଶାର ଏକତା ଓ ଅଖଣ୍ଡତାକୁ ନେଇ ସଂଶୟ ସୃଷ୍ଟି କରୁଛନ୍ତି।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆନ୍ଦୋଳନର ଭିତ୍ତିଭୂମି ସମ୍ବଲପୁରରେ ରଖାଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏକଦା ଶକ୍ତିଶାଳୀ ଥିବା ଉତ୍କଳ ପ୍ରଦେଶ ମୁକୁନ୍ଦଦେବଙ୍କ ପରେ କ୍ରମାଗତ ଭାବେ ଅବକ୍ଷୟ ହେବାରେ ଲାଗିଥିଲା। ପରେ ପରେ ଏହାର ବିଭିନ୍ନ ଅଞ୍ଚଳ ଭାଗ ଭାଗ ହୋଇ ଅଲଗା ଅଲଗା ସାମ୍ରାଜ୍ୟରେ ବିଲୀନ ହୋଇଯାଇଥିଲା। ଏପରିକି ୧୮୦୩ ମସିହାରେ ଯେତେବେଳେ ବ୍ରିଟିଶ ଶାସକମାନେ ଓଡ଼ିଶାକୁ ନିଜ ଅକ୍ତିଆରକୁ ନେଲେ ଏହା ତିନିଭାଗରେ ବିଭକ୍ତ ହୋଇଥିଲା। ଗଞ୍ଜାମ ଓ ଘୁମୁସର ମାଡ୍ରାସ ପ୍ରେସିଡେନ୍ସିରେ, ସମ୍ବଲପୁର ଅଞ୍ଚଳ କେନ୍ଦ୍ରୀୟ ପ୍ରୋଭିନ୍ସରେ ଏବଂ ତଟବର୍ତ୍ତୀ ଓଡ଼ିଶା ବେଙ୍ଗଲ ପ୍ରେସିଡେନ୍ସିରେ ସମ୍ମିଳିତ ହୋଇଥିଲା। ଏହାଫଳରେ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ଲୁପ୍ତପ୍ରାୟ ହେବାର ଆଶଙ୍କା ଦେଖାଯାଇଥିଲା। କାରଣ ଓଡ଼ିଆ ବଦଳରେ ସେଠାରେ ବଙ୍ଗାଳୀ, ତେଲୁଗୁ ଓ ହିନ୍ଦୀ ପ୍ରଚଳନ କରିବା ପାଇଁ ଏହି ସବୁ ପ୍ରୋଭିନ୍ସରୁ ଦାବି ଉଠୁଥିଲା।

ଓଡ଼ିଆ ଭାଷା ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ୧୫ ଜାନୁୟାରୀ ୧୮୯୫ ଦିନଟି ଏକ ମହତ୍ତ୍ୱପୂର୍ଣ୍ଣ ଦିନ ଭାବେ ଗଣାହୁଏ। କାରଣ ଏହିଦିନ ବ୍ରିଟିଶ ସରକାର ଘୋଷଣା କରିଥିଲେ ଯେ ସମ୍ବଲପୁର ଅଞ୍ଚଳ, ଯାହାକି କେନ୍ଦ୍ରୀୟ ପ୍ରୋଭିନ୍ସ ଅଧୀନରେ ଥିଲା, ସେଠାରେ ସ୍କୁଲ, ଅଦାଲତ ଓ ସରକାରୀ ଅଫିସରେ ଓଡ଼ିଆ ବଦଳରେ ହିନ୍ଦୀ ବ୍ୟବହାର କରାଯିବ। ଏହି ନିଷ୍ପତ୍ତି ବିରୁଦ୍ଧରେ ସମ୍ବଲପୁର ଅଞ୍ଚଳରେ ଆନ୍ଦୋଳନର ନିଆଁ ବ୍ୟାପୀ ଯାଇଥିଲା। ମଧୁବାବୁଙ୍କ ନେତୃତ୍ୱରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା। ବ୍ରିଟିଶ ସଂସଦ ପର୍ଯ୍ୟନ୍ତ ଏହି କଥା ଗଲା। ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ସହିତ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ସହିତ ମିଶ୍ରଣ କରିବାକୁ ଆନ୍ଦୋଳନକାରୀମାନେ ଦାବି ରଖିଥିଲେ। ଦଶବର୍ଷର ନିରବଚ୍ଛିନ୍ନ ଆନ୍ଦୋଳନ ଫଳରେ ବ୍ରିଟିଶ ସରକାର ଏହି ଦୁଇଦାବିକୁ ମାନି ନେଇଥିଲେ। ଯେଉଁ ସମ୍ବଲପୁର ଅଞ୍ଚଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏପରି ଭୂମିକା ତୁଲାଇଥିଲା, ସେଇ ମିଶ୍ରଣକୁ 'ଐତିହାସିକ ଭୁଲ' କହିବା ଆନ୍ଦୋଳନକାରୀଙ୍କୁ ଅପମାନ ସଦୃଶ।

୨୨ ମାର୍ଚ୍ଚ ୧୯୧୨ ମସିହାରେ ଯେତେବେଳେ ବିହାର-ଓଡ଼ିଶା ପ୍ରୋଭିନ୍ସ ଗଠନ ହେଲା, ତାହା ଆଉ ଏକ ସମସ୍ୟା ସୃଷ୍ଟି କଲା। ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର ନ କରି ଓଡ଼ିଶା ଦୁଇଭାଗରେ ବିଭକ୍ତ ହୋଇଗଲା। ସମ୍ବଲପୁର ଓ ତଟବର୍ତ୍ତୀ ଓଡ଼ିଶା ବିହାର-ଓଡ଼ିଶା ପ୍ରୋଭିନ୍ସରେ ଥିବା ବେଳେ ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶା ମାଡ୍ରାସ ପ୍ରୋଭିନ୍ସରେ ସମ୍ମିଳିତ ହୋଇଥିଲା। ଫଳରେ ସେହିସବୁ ଅଞ୍ଚଳରେ ହିନ୍ଦୀ ଓ ତେଲୁଗୁ ଭାଷା ଏବଂ ସଂସ୍କୃତିର ଆଧିପତ୍ୟ ବଢ଼ିବା ଆଶଙ୍କା ସୃଷ୍ଟି ହୋଇଥିଲା।

ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବା ଲକ୍ଷ୍ୟରେ ୧୯୦୩ ମସିହାରେ ସୃଷ୍ଟି ହୋଇଥିବା 'ଉତ୍କଳ ସମ୍ମିଳନୀ' ଏହି ନିଷ୍ପତ୍ତି ବିରୁଦ୍ଧରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଜନମତ ସୃଷ୍ଟି କରିଥିଲା। ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏହି ଆନ୍ଦୋଳନକୁ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ, କର୍ମବୀର ଗୌରୀଶଙ୍କର ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖ ଘରେ ଘରେ ପହଞ୍ଚାଇଥିଲେ।

ଓଡ଼ିଶା ପ୍ରଦେଶ ଗଠନ ସହିତ ଓଡ଼ିଆ ଭାଷା ଆନ୍ଦୋଳନ ମଧ୍ୟ ଏହାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ସଂସ୍କୃତିକୁ ପୁନଃଜାଗ୍ରତ କରିବା ପାଇଁ ଉଦ୍ୟମ ହୋଇଥିଲା। ଏହି ଦିଗରେ କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ବ୍ୟାସକବି ଫକିର ମୋହନ ସେନାପତି, ଏପରିକି ମଧୁବାବୁ ଓ ଗୋପବନ୍ଧୁ ଦାସ ନିଜ ରଚନା ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟକୁ ଲୋକଙ୍କ ପାଖରେ ଆଦୃତ କରାଉଥିଲେ। ସେମାନଙ୍କ ରଚିତ କାଳଜୟୀ କୃତି ଉତ୍କଳ ସମ୍ମିଳନୀର ଏକ ଅଂଶବିଶେଷ ହୋଇଯାଇଥିଲା।

ତିନି ଦଶନ୍ଧିରୁ ଅଧିକ ସମୟ ସଂଗ୍ରାମ ପରେ ଶେଷରେ ୧୯୩୫ ମସିହାରେ ଭାରତ ସରକାରଙ୍କ ବିଧେୟକ ଦ୍ୱାରା ଦୁଇଗୋଟି ଭାଷାଭିତ୍ତିକ ରାଜ୍ୟ ଗଠନ ହେଲା। ୧ ଏପ୍ରିଲ ୧୯୩୬ ମସିହାରେ ବହୁଦିନର ସ୍ୱପ୍ନ ସାର୍ଥକ ହୋଇଥିଲା ଏବଂ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ସରକାରୀ ମାନ୍ୟତା ପାଇଥିଲା। ଅନ୍ୟ ରାଜ୍ୟଟି ହେଲା ସିନ୍ଧ ପ୍ରଦେଶ, ଯାହା ସ୍ୱାଧୀନତା ପରେ ପାକିସ୍ତାନରେ ଅଛି।

ଓଡ଼ିଶା ପ୍ରଦେଶ ଗଠନ ପରେ ପରବର୍ତ୍ତୀ ଆହ୍ୱାନ ଥିଲା ରାଜ୍ୟର ବିକାଶ କରିବା। ଯେହେତୁ, ଓଡ଼ିଶା ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଶାସକଙ୍କ ଅଧୀନରେ ଥିଲା, ସେ ସମୟରେ ଓଡ଼ିଶାର ନେତୃମଣ୍ଡଳୀଙ୍କ ବିଶେଷକିଛି କରିବାର ସୁଯୋଗ ନ ଥିଲା। କିନ୍ତୁ ପରିତାପର ବିଷୟ ଯେ ସ୍ୱାଧୀନତା ପରେ ମଧ୍ୟ ଓଡ଼ିଶା ଗରିବ ଓ ଅବହେଳିତ ହୋଇ ରହିଗଲା। ଏପରିକି ଓଡ଼ିଶା ୨୦୦୦ ମସିହା ପର୍ଯ୍ୟନ୍ତ ଦେଶର ସବୁଠାରୁ ଗରିବ ରାଜ୍ୟ ଭାବେ ପରିଗଣିତ ହେଉଥିଲା। ଏଥିପାଇଁ ସେ ସମୟର ସରକାର ନିଶ୍ଚିତ ଭାବେ ଦାୟୀ। ସମାନ କାଳଖଣ୍ଡରେ ଅନ୍ୟ ରାଜ୍ୟମାନେ ଓଡ଼ିଶା ଅପେକ୍ଷା ନିଶ୍ଚିତ ଭାବେ ଅଧିକ ବିକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା, ପାରିବାରିକ ଆୟ, ଭିତ୍ତିଭୂମି, ଶିଳ୍ପାୟନ, ନାଗରିକଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ସେହି ସମୟରେ ଓଡ଼ିଶା ଦେଶର ସବୁଠାରୁ ପଛରେ ଥିଲା। ଏପରିକି, ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିଲା। କିନ୍ତୁ ୨୦୦୦ ମସିହା ପରଠାରୁ 'ନୂତନ ଓଡ଼ିଶାର ନିର୍ମାଣ' ଆକ୍ଷରିକ ଭାବେ ଆରମ୍ଭ ହୋଇଥିଲା। ପ୍ରାୟ ୨୪ ବର୍ଷର ଉତ୍ତମ ଶାସନ ଫଳରେ ଆଜି ଓଡ଼ିଶା ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଛି। ବିଭିନ୍ନ ମାନଦଣ୍ଡରେ ଓଡ଼ିଶା ଆଜି ଅନ୍ୟ ବିକଶିତ ରାଜ୍ୟ ସହିତ ତୁଳନୀୟ।

ଏ କଥା ମଧ୍ୟ ସତ୍ୟ ଯେ ପ୍ରଥମ ପଚାଶ ବର୍ଷରେ ଓଡ଼ିଶାର ସାମଗ୍ରିକ ବିକାଶ ହୋଇପାରିନାହିଁ। ରାଜ୍ୟର ଅନେକ ଅଞ୍ଚଳ ବିଶେଷଭାବେ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ଅନ୍ୟ ଅଞ୍ଚଳ, ବିଶେଷଭାବେ ଉପକୂଳ ଓଡ଼ିଶାଠାରୁ ଅଧିକ ଅବହେଳିତ। ଏହି ଆଞ୍ଚଳିକ ବୈଷମ୍ୟ ବିଭିନ୍ନ ସମୟରେ ସେହିସବୁ ଅଞ୍ଚଳରେ ଜନଅସନ୍ତୋଷର କାରଣ ହୋଇଛି, ଯାହା ସ୍ୱାଭାବିକ। ପୂର୍ବବର୍ତ୍ତୀ ସରକାର ତରବରିଆ ଭାବେ ନିର୍ବାଚନକୁ ଦୃଷ୍ଟିରେ ରଖି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଦେଲେ। କିନ୍ତୁ ଏହା ଥିଲା ଏକ ଦାନ୍ତବିହୀନ ବାଘ। କାରଣ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ନା ଥିଲା ଅର୍ଥ, ନା ଥିଲା ସ୍ୱାଧୀନତା। ୨୦୦୦ ମସିହା ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଅଧିକ କ୍ଷମତା ଏବଂ ଅଧିକ ଅର୍ଥ ପ୍ରାବଧାନ କରାଗଲା। ଯାହାଫଳରେ ସମଗ୍ର ପଶ୍ଚିମ ଓଡ଼ିଶାରେ ବିକାଶ ତ୍ୱରାନ୍ୱିତ ହୋଇଛି।

ଆଞ୍ଚଳିକ ବୈଷମ୍ୟକୁ ପ୍ରସଙ୍ଗ କରି ନିଛକ ରାଜନୀତି ପାଇଁ ବିଚ୍ଛିନ୍ନତାବାଦୀ ମାନସିକତା କେତେଦୂର ଗ୍ରହଣୀୟ? ଏଇଟା କି ପ୍ରକାର ଓଡ଼ିଆ ଅସ୍ମିତା? ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠି ପ୍ରତି ୫୦ କିଲୋମିଟର ଦୂରତାରେ ଭାଷା, ଖାଦ୍ୟପେୟ, ରୀତିନୀତି ତଥା ସାମାଜିକ ଚଳଣି ବଦଳି ଯାଇଥାଏ। ତଥାପି ଏହି ବିବିଧତା ସାରା ଓଡ଼ିଶାକୁ ଏକତା ସୂତ୍ରରେ ବାନ୍ଧି ରଖିଛି। କାରଣ ବିବିଧତା ଭିତରେ ଏକତା ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ବିଚ୍ଛିନ୍ନତାବାଦୀ ଶକ୍ତିମାନେ ଓଡ଼ିଶାର ଇତିହାସକୁ ପଢ଼ିବା ଆବଶ୍ୟକ - କିପରି ଓ କେଉଁଭଳି ଭାବେ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ସମଗ୍ର ଓଡ଼ିଆଜାତିକୁ ଏକତାର ସୂତ୍ରରେ ଆବାହମାନ କାଳରୁ ବାନ୍ଧି ରଖିଛି।

'ଓଡ଼ିଶା ଦିବସ' ଉତ୍ସବ ଏକତାର ଉତ୍ସବ ହେଉ, ସୌହାର୍ଦ୍ଦର ପର୍ବ ହେଉ ଏବଂ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟ ଗଠନ କରିବାରେ ସମସ୍ତେ ବ୍ରତୀ ହେବା ଆବଶ୍ୟକ। ଏହାହିଁ ହେଉଛି ଆଜିର ଏହି ପବିତ୍ର ଦିନର ଅନୁଚିନ୍ତା।

ବିଧାୟକ, ଆଠଗଡ଼

## ଉତ୍କଳ ଦିବସ: ଆମ ଅସ୍ମିତାର ପରିଚୟ

**ଡ. ସଂଗ୍ରାମ କେଶରୀ ମଲ୍ଲିକ**

'ଆମେ ଓଡ଼ିଆ' - ଏହି କଥା କହିବାର ଗର୍ବ ଆଉ ଗୌରବର ଅବସର 'ଉତ୍କଳ ଦିବସ'। ସତରେ ଆମ ଉପରେ ଯଦି ସେମିତି ସମୟ ବିତି ନ ଥା'ନ୍ତା, ଆମେ ଏମିତି ଏକ ଦିବସର ଅନୁଭବ ପାଇ ନ ଥା'ନ୍ତେ। ନିଜ ମାତୃଭାଷାକୁ ନିଜ ମୁହଁରୁ ଛଡ଼ାଇ ନେବାର ବାସ୍ତବଚିତ୍ର ହେଉଛି ଜଣେ ମା' କୋଳରୁ ତା' ପରିଚୟ ଯୋର କରି ଛଡ଼େଇ ନେବା। ଯେତେବେଳେ ମାତୃତ୍ୱ ଚିତ୍କାର କରି ଉଠେ, ସେତେବେଳେ ସନ୍ତାନର ନିଦ ଭାଙ୍ଗିଯାଏ। ସେ ଦୁର୍ବଳ ହେଉ କି ନବଜାତକ, ମା' ର ସୁରକ୍ଷା ତା' ଜୀବନର ପ୍ରତିଜ୍ଞା ହୋଇଯାଏ। ସେ ସଂକଳ୍ପ କରି ଆଗକୁ ପାଦ ଦିଏ - ପାରୁ କି ନ ପାରୁ। ସେ କେବଳ ସ୍ୱପ୍ନ ଦେଖେନି, ସ୍ୱପ୍ନକୁ ବାସ୍ତବରେ ରୂପ ଦେବା ପାଇଁ କର୍ତ୍ତବ୍ୟ କରେ।

ଆଜି ମନେ ପଡ଼େ ସେହି ସମୟ ଓ ସେହି ସବୁ ମଣିଷଙ୍କ କଥା। ଉତ୍କଳ ଜନନୀର ଦୁଃଖ ଦେଖି ଯେଉଁମାନେ ବ୍ୟଥିତ ମର୍ମାହତ ହୋଇଥିଲେ, ଜନ୍ମମାଟିର ଯନ୍ତ୍ରଣା ଅନୁଭବ କରି ଯେଉଁମାନଙ୍କ ଆଖିରୁ ଲୁହ ଝରିଥିଲା, ଯେଉଁମାନେ ମା' ମା' ବୋଲି ଚିତ୍କାର କରି ଗଗନପବନ ପ୍ରକମ୍ପିତ କରିଦେଇଥିଲେ, ସେମାନଙ୍କୁ ମନେପକେଇବାର ସମୟ ଆସିଛି। ସେହି ଅମର ପୁରୁଷମାନଙ୍କ ପାଇଁ ପଦେ ମିଠା କଥା କହିବାର ସମୟ ଆସିଛି। ମାତୃଭାଷାରେ ମା' କୁ ମନେ ପକେଇବାର ସମୟ ଆସିଛି। ଇତିହାସକୁ ଫେରିଯାଇ ନବକଳେବର ସାଜି ବର୍ତ୍ତମାନକୁ ଫେରିବାର ସମୟ ଆସିଛି। ଅସ୍ମିତାର ସ୍ୱପ୍ନ ନ ଦେଖି କର୍ତ୍ତବ୍ୟ ସମ୍ପାଦନର ସମୟ ଆସିଛି।

ଭାଷା ସୁରକ୍ଷା ପାଇଁ ଯେଉଁମାନେ ଲଢ଼େଇ କରିଥିଲେ ସେମାନେ ଆମ ପାଇଁ ଭଗବାନ। ଭାରତରେ ଅନେକ ଭାଷା ଥିଲା। କାଳର ପ୍ରଭାବରେ ଅସଂଖ୍ୟ ଭାଷା ବିଲୁପ୍ତ ହୋଇ ଯାଇଛି। ଆଉ କିଛି ଭାଷା ବିଲୁପ୍ତପ୍ରାୟ।



ଏ କଥା ଚିନ୍ତା କଲେ ଦେହ ଶୀତେଇ ଯାଏ। 'ଯଦି ସେମିତି ଏକ ସଂଗ୍ରାମ ହୋଇ ନ ଥା'ନ୍ତା, ତେବେ ଓଡ଼ିଆ ଭାଷାର ରୂପ ରେଖ ଆଜି କେମିତି ଥା'ନ୍ତା! ଅତୀତର ଯେଉଁ ମନୀଷୀମାନେ ଦେଶ ଓ ଜାତି ପାଇଁ ଆନ୍ଦୋଳନ କରିଛନ୍ତି, ମାତୃଭୂମି ପାଇଁ ଜୀବନ ଦେଇଛନ୍ତି କିମ୍ବା ଭାଷା ସୁରକ୍ଷା ପାଇଁ ତ୍ୟାଗ ସ୍ୱୀକାର କରିଛନ୍ତି ସେମାନେ କାଳଜୟୀ ମହାପୁରୁଷ। ସେହି କୀର୍ତ୍ତିକାରଙ୍କ ପାଖରେ ଭବିଷ୍ୟତ ସଭ୍ୟତା କୃତଜ୍ଞ। ଆଜି ସେମାନଙ୍କୁ ପ୍ରଣାମ କରିବା, ପୂଜାଞ୍ଜଳିରେ ପ୍ରାଣପୂର୍ଣ୍ଣ କରି ପୁଷ୍ପାଞ୍ଜଳି ଦେବା ଆମର ନୈତିକ ଦାୟିତ୍ୱ।

ଓଡ଼ିଶାରେ ଅନେକ ନୂଆ ବିଦ୍ୟାଳୟ ଖୋଲିଛି। ସବୁ ବିଦ୍ୟାଳୟରେ ଓଡ଼ିଆ ପାଠ୍ୟକ୍ରମ ନାହିଁ। ଯେଉଁ ବିଦ୍ୟାଳୟ ଓଡ଼ିଶାରେ ଅଛି, ସବୁ ବିଦ୍ୟାଳୟରେ ଓଡ଼ିଆ ପାଠ୍ୟକ୍ରମ ରହିବା ଏକାନ୍ତ ଜରୁରୀ। ଓଡ଼ିଆ ପାଠ୍ୟକ୍ରମ ନ ଥାଇ ସରକାରୀ ଅନୁମତି ପାଇବା ଏକ ବଡ଼ ଭୁଲ। ଏକଥା ଆମର ଚିନ୍ତାର ବିଷୟ। ଅନେକଙ୍କର ଧାରଣା ଓଡ଼ିଆ ପଢ଼ିଲେ ସର୍ବଭାରତୀୟସ୍ତରରେ ଆମ ପିଲା ପଛେଇ ଯିବେ। ଏହା ଏକ ବଡ଼ ଭ୍ରାନ୍ତ ଧାରଣା। ୧୯୩୬ ମସିହାରୁ ଏପର୍ଯ୍ୟନ୍ତ ଓଡ଼ିଶା ଯେଉଁ ମହାମନୀଷୀମାନଙ୍କୁ ପାଇଛି, ସେମାନେ ସମସ୍ତେ ଓଡ଼ିଆ ବିଦ୍ୟାଳୟରେ ପାଠ ପଢ଼ି ଓଡ଼ିଶା ବାହାରେ ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି। ସେମାନେ ସର୍ବଭାରତୀୟ କୃତିତ୍ୱ ଅର୍ଜନ କରି ଉତ୍କଳର ଉତ୍କର୍ଷ ପ୍ରତିପାଦନ କରିଛନ୍ତି। ସେମାନଙ୍କର ସଫଳତା ବିଶ୍ୱପ୍ରସାରି। ସେମାନଙ୍କ ବ୍ୟକ୍ତିତ୍ୱ ଆମ ସ୍ୱାଭିମାନର ପରିଚାୟକ।

କୌଣସି ଦେଶ ଓ ଜାତିର ଭାଷା ତା' ପାଇଁ ସବୁକିଛି। ଭାଷା ହିଁ ସଂସ୍କୃତିର ସୁରକ୍ଷା କବଚ। ଭାଷା ହିଁ ଏକ ଜାତିର ଇତିହାସ। ଭାଷା ହିଁ ସଭ୍ୟତାର ମାପକାଠି। ଭାଷା ହିଁ ସଭ୍ୟତାର ପ୍ରାଣ। ଏକ ଜାତିର ଭାଷା ହିଁ ତାହାର ଅତୀତର ପରିଚୟ। ଆଧ୍ୟାତ୍ମିକ, ସାଂସ୍କୃତିକ, ସାମାଜିକ, ଭୌଗୋଳିକ କିମ୍ବା ରାଜନୈତିକ - ଏ ସମସ୍ତ ବିକାଶ କେବଳ ଭାଷାରୁ ହିଁ ହୋଇଥାଏ। ଭାଷାକୁ ଭୁଲି କୌଣସି ଜାତିର ଉନ୍ନତିର ପରିକଳ୍ପନା ପରିହାସର ବିଷୟ। ଲୁଇପାଙ୍କଠାରୁ ଆରମ୍ଭ କରି ଭୀମଭୋଇଙ୍କ ପର୍ଯ୍ୟନ୍ତ, ସାରଳା ଦାସଙ୍କଠୁ ଆରମ୍ଭ କରି ଜୟଦେବଙ୍କ ପର୍ଯ୍ୟନ୍ତ ଆମ ଭାଷାର ସ୍ୱର୍ଣ୍ଣିମ ଇତିହାସ ବିଶ୍ୱବିଦିତ। ପଠାଣି ସାମନ୍ତଙ୍କ ଅମରକୃତି ଆଜି ବି ଆଶ୍ଚର୍ଯ୍ୟ। ଫକିରମୋହନ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣଙ୍କ ପରି ସ୍ରଷ୍ଟା କେଉଁ ଭାଷାର ସାଧକ, ଏହା କାହାକୁ ଅଜଣା। ଏମାନଙ୍କ ରଚନା କେଉଁ ଗୁଣରେ ବିଶ୍ୱ ସାହିତ୍ୟଠୁ କମ ନୁହେଁ। ତେବେ ଆମେ କାହିଁକି ଭାବିବା ଯେ ଓଡ଼ିଆ ଭାଷା ଅନ୍ତର୍ଜାତୀୟ ହୋଇପାରିବ ନାହିଁ। ଆମେ କାହିଁକି ଭାବିବା ବିଶ୍ୱ ବଜାରରେ ଆମେ ପ୍ରତିଯୋଗିତା କରିପାରିବା ନାହିଁ। ସତ୍ୟ ହେଉଛି ଆମର ପ୍ରୟାସ ପ୍ରାଣସ୍ପର୍ଶୀ ହେଉ ନାହିଁ।

ଆସନ୍ତୁ ସରକାରୀ ହେଉ କି ବ୍ୟକ୍ତି, ସବୁକ୍ଷେତ୍ରରେ ଆମେ ଆମ ଭାଷା ପାଇଁ କାମ କରିବା। ଓଡ଼ିଆ କହିବା, ଓଡ଼ିଆ ଲେଖିବା, ଓଡ଼ିଶା ପାଇଁ ଏକ ହେବା। ଏହା ଆମ ଜଗନ୍ନାଥ ସଂସ୍କୃତି ସୁରକ୍ଷାର ପ୍ରଥମ କାର୍ଯ୍ୟ। ଆସନ୍ତୁ ଉତ୍କଳ ଦିବସରେ କିଛି ନୂଆ କରି ଦେଖାଇବା। ମନ ଭରି ଗୀତ ଗାଇବା 'ବନ୍ଦେ ଉତ୍କଳ ଜନନୀ...।' ମନ କଥା ନିଜ ଶୈଳୀରେ ନିର୍ଭୟରେ ପ୍ରକାଶ କରିବା। ମନ ଖୋଲି ନାଚିବା। 'ମୁଁ ଓଡ଼ିଆ ମୋର ସବୁ ବଢ଼ିଆ।

ଶୁକ୍ଳି(ମୟୂରଭଞ୍ଜ), ମୋ: ୯୯୩୭୭୯୦୭୬୫

## କୁକୁରର ଆନନ୍ଦାଶ୍ରୁ

**ଶ୍ରୀନନ**

ବିଜ୍ଞାନ ବାର୍ତ୍ତା

ଦୁଇଜଣଙ୍କ ମଧ୍ୟରେ ଆଖି ସହିତ ଆଖିର ମିଳନକୁ ପ୍ରେମଭାବ ସୃଷ୍ଟି କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ମନେ କରାଯାଏ। ଏହି ଭାବପ୍ରବଣତା ମାପିବାକୁ ସେ ସମୟରେ ଉଭୟଙ୍କଠାରେ କ୍ଷରଣ ଘଟୁଥିବା 'ପ୍ରେମ ଜୀବରସ' ରୂପେ ନାମିତ 'ଅକ୍ସିଟୋସିନ୍'ର ମାତ୍ରାକୁ ଭୌତିକ ମାପକାଠି ବୋଲି ଧରାଯାଏ। ଏହା ସର୍ବାଧିକ ଘଟେ ଯେତେବେଳେ ମା' ତା'ର ସନ୍ତାନ ସହିତ ଦୃଷ୍ଟି ବିନିମୟ କରେ। ଫଳରେ ତା'ଠାରେ ଅଧିକ କ୍ଷୀରର କ୍ଷରଣ ଘଟେ ଏବଂ ଶିଶୁଟିକୁ କୋଳକୁ ନେବାର ପ୍ରବୃତ୍ତି ଅଧିକ ହୁଏ। ଶିଶୁଠାରେ ମଧ୍ୟ ସେହି ଅନୁରୂପ ଭାବପ୍ରବଣତା ଜାତ ହୁଏ ଏବଂ ସେ ମା'ର ଆଲିଙ୍ଗନ ମଧ୍ୟକୁ ଯିବାକୁ ବ୍ୟଗ୍ର ହୋଇପଡ଼େ। ଏ ପ୍ରକାର ପାରସ୍ପରିକ ପ୍ରକ୍ରିୟାରେ ଦ୍ୱିତୀୟ ସ୍ଥାନରେ ରହିଛି କୁକୁର ଓ ତା'ର ପ୍ରଭୁଙ୍କ ମଧ୍ୟରେ ଦୃଷ୍ଟି ବିନିମୟ।

ମଣିଷ ଓ କୁକୁର ମଧ୍ୟରେ ଥିବା ଏହି ଅତୁଳନୀୟ ସମ୍ପର୍କର ସର୍ବପୁରାତନ ସୂଚନା ମିଳିଥାଏ ହୋମରଙ୍କ ସୁପ୍ରସିଦ୍ଧ ରଚନା 'ଓଡ଼ିଶେ'ରୁ। କାହାଣୀର ନାୟକ 'ଓଡ଼ିସେ ଅସ୍' ଦୀର୍ଘବର୍ଷ ବାହାରେ ରହି ଘରକୁ ଫେରିବା ପରେ ତାଙ୍କୁ କେବଳ ତାଙ୍କ ପୋଷାକୁକୁର 'ଅର୍‌ମୋସ୍' ହିଁ ଚିହ୍ନି ପାରିଥିଲା। ଲାଞ୍ଜ ହଲାଇ ଏବଂ କାନ ଉପରକୁ ଟେକି ତାଙ୍କ ଚାରିପାଖରେ ଘୂରିବାକୁ ଲାଗିଲା।

ପ୍ରକୃତରେ କୁକୁରଠାରୁ ମଣିଷର ଅଧିକ ବିଶ୍ୱସ୍ତ ବନ୍ଧୁ ଆଉ କେହି ନାହାନ୍ତି। ଆପଣା ଜୀବନକୁ ବଳିଦେଇ ସେ ତା'ର ପ୍ରଭୁକୁ ସୁରକ୍ଷା ପ୍ରଦାନ କରିବାର ରହିଛି ଅନେକ ଦୃଷ୍ଟାନ୍ତ। ଏପରିକି ପ୍ରଭୁର ମନକଥା ମଧ୍ୟ ସେ ବୁଝି ପାରୁଥିବାର (ମାନସିକ ଚାପ ଭଳି) ବୈଜ୍ଞାନିକ ପ୍ରମାଣମାନ ଅଛି। ଏବେ ତାଙ୍କ ଭାବପ୍ରବଣତା ସମ୍ବନ୍ଧ ଏହି ସମ୍ପର୍କକୁ ନେଇ ହୋଇଛି ଏକ ନୂତନ ଆବିଷ୍କାର।

ଦୀର୍ଘଦିନର ବ୍ୟବଧାନ ପରେ କୌଣସି ନିକଟ ସମ୍ପର୍କୀୟଙ୍କୁ ଭେଟିଲେ ଅନେକ ସମୟରେ ଆମ ଆଖିରୁ ଝରିଥାଏ ଆନନ୍ଦାଶ୍ରୁ। କୁକୁରଠାରେ ମଧ୍ୟ ସେପରି ଘଟେ ବୋଲି ପ୍ରମାଣ ପାଇଛନ୍ତି ଜାପାନର ଆଜାବୁ ବିଶ୍ୱବିଦ୍ୟାଳୟର ତାକେଫୁମି କିକୁସୁଇ ଏବଂ ତାଙ୍କ ସହଯୋଗୀମାନେ। ସେମାନଙ୍କ ପର୍ଯ୍ୟବେକ୍ଷଣ ଅନୁସାରେ ସାଧାରଣତଃ କୁକୁର ତା'ର ପ୍ରଭୁ ସହିତ ଖେଳିବାକୁ ଭଲପାଏ। ଏ ସମୟରେ ସେ ଲାଞ୍ଜ ହଲାଇବା, ଚାଟିବା, ଚାରିପାଖରେ ଘୂରିବା ଆଦି ମାଧ୍ୟମରେ ଏହା ପ୍ରକାଶ କରେ। ପ୍ରଭୁଙ୍କଠାରେ ମଧ୍ୟ ଏହା ସୃଷ୍ଟି କରେ ସୁଖକର ଅନୁଭୂତି। କିଛିଦିନ ଅଲଗା ରହିଲା ପରେ ସେମାନେ ପୁନର୍ବାର ଏକାଠି ହେଲେ ତାଙ୍କଠାରେ ଏହା ଅଧିକ ହୁଏ। ସେ ସମୟରେ ଉଭୟ ପ୍ରଭୁ ଏବଂ ତାଙ୍କ ପାଳିତ କୁକୁରର ଆଖିରୁ ଆନନ୍ଦାଶ୍ରୁ ବହି ପଡ଼େ। ତେବେ କୁକୁରଠାରେ ତାହା ଅଧିକ ମାତ୍ରାରେ ଘଟେ ବୋଲି ଗବେଷକମାନେ ସୂଚୀତ କରିଛନ୍ତି ଅଗଷ୍ଟ ୨୦୨୨ ସଂଖ୍ୟା 'କରେଣ୍ଟ ବାୟୋଲଜି' ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ। ତଦନୁଯାୟୀ କେବଳ କୁକୁର ନୁହନ୍ତି, ଗରିଲା, ସିମ୍ପାଞ୍ଜି, ଗୋରୁଗାଈ, ବିରାଡ଼ି ଆଦି ଅନ୍ୟାନ୍ୟ ପଶୁମାନଙ୍କଠାରେ ମଧ୍ୟ ସମ୍ଭବତଃ ଏପରି ଘଟେ। ପୂର୍ବରୁ ଅନୁଷ୍ଠିତ ପରୀକ୍ଷାରୁ ଜଣାପଡ଼ିଛି ଯେ କୁକୁରମାନେ ମଣିଷର ଭାବପ୍ରବଣତା ପ୍ରତି ଅତ୍ୟନ୍ତ ସଚେତନ। ପୁନଶ୍ଚ କାହାପ୍ରତି ସେମାନେ ସଂବେଦନଶୀଳ ହେବେ ଏବଂ କାହାପ୍ରତି ହେବେ ନାହିଁ, ସେହି ଅବବୋଧ ତାଙ୍କର ଯଥେଷ୍ଟ ରହିଛି ବୋଲି ମତ ଦିଅନ୍ତି ଇଂଲଣ୍ଡର ବିଶେଷଜ୍ଞ ଡକ୍ଟର ଡାନିଏଲ୍ ମିଲ୍‌ସ। ବର୍ତ୍ତମାନର ନୂତନ ଅଧ୍ୟୟନରେ ଜାପାନର ଗବେଷକମାନେ ପ୍ରଥମେ ୨୦ଟି କୁକୁରଙ୍କର ଆଖିକୁ ଆର୍ଦ୍ର ରଖିବା ପାଇଁ ଅନବରତ ଝରୁଥିବା ସର୍ବନିମ୍ନ ପରିମାଣର ଲୁହର ପରିମାଣ ମାପିଥିଲେ। ମଣିଷ ସମେତ ପ୍ରାୟ ପ୍ରତ୍ୟେକ ଜୀବର ଆଖିରେ ଥିବା ଅଶ୍ରୁଗ୍ରନ୍ଥିରୁ ଏହା ସଦାବେଳେ ନିର୍ଗତ ହେଉଥାଏ। ଏହାପରେ ସେମାନେ କୁକୁରମାନଙ୍କୁ ସେମାନଙ୍କ ପ୍ରଭୁମାନଙ୍କଠାରୁ କିଛିଦିନ ଅଲଗା ରଖିଲା ପରେ ପୁନର୍ବାର ସେମାନଙ୍କୁ ଏକାଠି ହେବାକୁ ଦେଲେ। ଏହି ସମୟରେ ତାଙ୍କଠାରେ ନିର୍ଗତ ଅଶ୍ରୁର ପରିମାଣ ମପାଗଲା। ଫଳରେ ଏହା ତାହାଠାରୁ ଯଥେଷ୍ଟ ଅଧିକ ହୋଇଥିବାର ଜଣାପଡ଼ିଲା।

ଏହି ଫଳାଫଳକୁ ନେଇ କିକୁସୁଇ ଏବଂ ତାଙ୍କ ସହଯୋଗୀମାନେ ପ୍ରକାଶ କରିଥିବା ଗବେଷଣାପତ୍ର ଉପରେ ମତାମତ ରଖିଛନ୍ତି ଆରିଜୋନା ବିଶ୍ୱବିଦ୍ୟାଳୟର ପଶୁ ମନସ୍ତତ୍ତ୍ୱବିତ୍ କ୍ଲାଇବ ୱିନେ। ତଦନୁଯାୟୀ ଏହା ହେଉଛି ପଶୁମାନେ ବି ଭାବପ୍ରବଣତା ପ୍ରକଟ କରିବାରେ ମଣିଷଠାରୁ କମ୍ ନୁହେଁ ବୋଲି ପ୍ରମାଣିତ କରିଥିବା ଏକ ବିମୁଗ୍ଧକାରୀ ଆବିଷ୍କାର। ତେବେ ଏହାକୁ ନେଇ ନିର୍ଦ୍ଦିଷ୍ଟ ଉପସଂହାରରେ ଉପନୀତ ହେବାକୁ ହେଲେ ଏଥିସମ୍ପର୍କରେ ଆହୁରି ଅଧିକ ତଥ୍ୟ ବିଭିନ୍ନ ଦିଗରୁ ବ୍ୟାପକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଆବଶ୍ୟକ

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସାମ୍ବାଦିକ ପବିତ୍ର ରାଉତରାୟଙ୍କୁ ଚଳାପଥ ସମ୍ମାନ



**ରଗଡ଼ି, ୩୧।୩ (ସମିସ):** ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଗକୁ ନେବାରେ ସଂକଳ୍ପ ରଖିଥିବା ପୁରାତନ ଅନୁଷ୍ଠାନ ଚଳାପଥର ୫୧ତମ ସାରସ୍ୱତ ମହୋତ୍ସବ ରବିବାର ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ସାମ୍ବାଦିକ ପବିତ୍ର ମୋହନ ରାଉତରାୟଙ୍କୁ ଚଳାପଥ ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲପାଳ ସନ୍ତୋଷ ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ହଳଧର ଧିର, ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ମନୋଜ ଜେନା, ବରିଷ୍ଠ ଆଇନଜୀବୀ କବୀର କୁମାର ଜେନା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ଶତପଥୀ, ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ଆଚାର୍ଯ୍ୟ ଓ ପ୍ରଫେସର ନୃସିଂହ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ଭୁବନ ମୋହନ ମହାନ୍ତି ଓ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋରେଇ ପୁଲିସକୁ ଆକ୍ରମଣ ଓ ଗାଡ଼ି ଭଙ୍ଗା ଘଟଣା

# ୧୨ ମହିଳାଙ୍କ ସମେତ ୧୭ ଜଣ କୋର୍ଟ ଚାଲାଣ

**ରଗଡ଼ି, ୩୧।୩(ସମିସ)**

ଗତକାଲି କୋରେଇ ଥାନା କନ୍ଥୋର ପଞ୍ଚାୟତର ପୂର୍ବକୋଟ ତେଲେଙ୍ଗା ବସ୍ତିରେ ପୁଲିସ ଉପରେ ହୋଇଥିବା ଆକ୍ରମଣ ଓ ଥାନା ଗାଡ଼ି ଭଙ୍ଗାରୁଜା ଘଟଣାରେ ଆଜି ୧୭ ଜଣଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ସେମାନଙ୍କ ମଧ୍ୟରେ ୧୨ ଜଣ ମହିଳା ଅଛନ୍ତି। ଆଜି ସମସ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଗତକାଲି ସନ୍ଧ୍ୟାରେ କୋରେଇ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ସମେତ ଏକ ପୁଲିସ ଟିମ୍ ଚୋରା ବାଇକ୍ ଉଦ୍ଧାର କରିବାକୁ ଯାଇଥିବାବେଳେ ସ୍ଥାନୀୟ ତେଲେଙ୍ଗା ବସ୍ତିର ମହିଳା ଓ ପୁରୁଷ ସଂଘବଦ୍ଧ ଆକ୍ରମଣ କରିଥିଲେ। ସେମାନଙ୍କ ଟେକା ମାଡ଼ରେ ପୁଲିସ ଭ୍ୟାନ ଭାଙ୍ଗିଯାଇଥିଲା। ବାଇକ୍ ଚୋରିରେ ସମ୍ପୃକ୍ତ ଅଭିଯୋଗରେ ଦୁଇଜଣ ଯୁବକଙ୍କୁ ଭ୍ୟାନ୍‌ରେ ବସାଇଥିବାବେଳେ ଗଣ୍ଡଗୋଳକାରୀ ସେମାନଙ୍କୁ ଜୋର୍ ଜବରଦସ୍ତ ଛଡ଼ାଇ ନେଇଥିଲେ। ତୁରନ୍ତ ଘଟଣାସ୍ଥଳରେ ବିଭିନ୍ନ ଥାନାର ଅଧିକାରୀ ପହଞ୍ଚି ୨୦ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବସ୍ତିର ମୁଖିଆ ତଥା ସ୍ଥାନୀୟ ସରପଞ୍ଚ ସାରଙ୍ଗଧର ପ୍ରଧାନ (୫୮), ଅନ୍ୟତମ ମୁଖିଆ ଆହୁଲା କଟେସ ରାଓ (୬୧) ଓ ତାଙ୍କ ପୁଅ ଆହୁଲା ସୋମନାଥ ରାଓ (୨୮), ବାବୁ ଦାସ (୬୦) ଓ ଗୋପାଳ ଦାସ (୩୭)। ସେହିପରି ମହିଳାଙ୍କ ମଧ୍ୟରେ ମେନକା ଦାସ (୩୨), ସୀମାଦ୍ରୀ ଦାସ (୪୦), ମାମି ଦାସ (୨୫), ପୁଷ୍ପା ଦାସ (୨୭), ଅରୁଣା ଦାସ (୪୦), ଶର୍ମିଳା ଦାସ (୨୫), ଆଉଲା ଦେବୀ (୩୫), ଅସନ୍ଧରା ଦାସ (୨୮), ସାବିତ୍ରୀ ମାଇକେଲ (୪୨), ମାଇକେଲ ଆଦମା (୪୫), ଆସପିନ ରାଓ (୨୫) ଓ ଆଉଲା କବିତା ରାଓ ରହିଛନ୍ତି। ଏମାନଙ୍କ ବିରୋଧରେ ୯୫/୨୫ରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି।



## ବିରଜା ଜ୍ୟୋତିର ସ୍ୱନକ୍ଷତ୍ର ବିଶେଷାଙ୍କ ଲୋକାର୍ପିତ



**ଯାଜପୁର, ୩୧।୩(ସମିସ):** ହିନ୍ଦୁ ନବବର୍ଷ ଅବସରରେ ଆଜି ବିରଜା ଜ୍ୟୋତି ପରିବାରର ବନ୍ଧୁମିଳନ ଓ ପତ୍ରିକା ଉନ୍ମୋଚନ ଉତ୍ସବ ମା' ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଐତିହ୍ୟ, ସଂସ୍କୃତି ଆଧାରିତ ଏକମାତ୍ର ଗବେଷଣାତ୍ମକ ଷାଣ୍ମାସିକ ସାଂସ୍କୃତିକ ପତ୍ରିକା ବିରଜା ଜ୍ୟୋତିର ସ୍ୱନକ୍ଷତ୍ର ବିଶେଷାଙ୍କ ମା' ବିରଜାଙ୍କ ପଦକମଳରେ ପୂଜାର୍ଚ୍ଚନା ପରେ ଲୋକାର୍ପିତ ହୋଇଛି। ପ୍ରମୋଦ କୁମାର ଦ୍ୱିବେଦୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ପତ୍ରିକାର ସମ୍ପାଦକ ଡକ୍ଟର ଜ୍ଞାନରଞ୍ଜନ ପତି ମାତୃ ବନ୍ଦନା ପୂର୍ବକ ସମସ୍ତଙ୍କୁ ହିନ୍ଦୁ ନବବର୍ଷ ଓ ଉତ୍କଳ ଦିବସ ଉପଲକ୍ଷେ ଅଭିନନ୍ଦନ ଜ୍ଞାପନ କରିଥିଲେ। ସମ୍ପାଦକୀୟ ବକ୍ତବ୍ୟରେ ବିରଜା ଜ୍ୟୋତିର ଆଗାମୀ ରଜତ ଜୟନ୍ତୀ ପାଳନ ପାଇଁ ସମସ୍ତଙ୍କ ମତାମତ ଓ ସହଯୋଗ ଚାହିଁଥିଲେ। ଆରମ୍ଭରେ ଗଦାଧର କୁଣ୍ଡୁ ୨୦୨୩-୨୦୨୪ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ପତ୍ରିକାର ରଜତ ଜୟନ୍ତୀ ଉତ୍ସବକୁ ବର୍ଣ୍ଣାଢ୍ୟ କରିବାକୁ ସମ୍ପାଦକ ମଣ୍ଡଳୀର ସଦସ୍ୟ ମତାମତ ପ୍ରଦାନ କରିଥିଲେ। ସମାରୋହକୁ ସଫଳ କରିବାକୁ ଆଗାମୀ ବୈଠକରେ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି କମିଟି ଗଠନ କରାଯିବାକୁ ସ୍ଥିର କରାଯାଇଛି। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ, ଜାତୀୟ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ପୁସ୍ତକ ଲୋକାର୍ପଣ ଓ ପୁସ୍ତକ ପ୍ରଦର୍ଶନୀ ଆଦି କରାଯିବ ବୋଲି ସମ୍ପାଦକ ଡକ୍ଟର ପତି କହିଛନ୍ତି। ଏହି ବୈଠକରେ ବିଶ୍ୱମ୍ଭର ମିଶ୍ରଙ୍କ ସମେତ ନୃସିଂହ ଚରଣ ମହାପାତ୍ର, ଗଦାଧର କୁଣ୍ଡୁ, ବୃନ୍ଦାବନ ମିଶ୍ର, କ୍ଷୀରୋଦ ପାଠୀ, ଆନନ୍ଦ ସାହୁ, ସୁବାସ ମହାପାତ୍ର, ଦାମୋଦର ବେହେରା, ସୁବାସ ପାଣି, ଡଃ ହରଶ୍ଚନ୍ଦ୍ର ପଣ୍ଡା ଓ ବିରଜା ପାଣି ଓ ବିରଜା ସଂସ୍କୃତିପ୍ରେମୀ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ବିଜେଡିର ସାଂଗଠନିକ ବୈଠକ



**ଟମକା, ୩୧।୩(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ, ଚିତ୍ରୀ ଓ ନଛିପୁରା ପଞ୍ଚାୟତରେ ବିଜେଡିର ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ସାଧାରଣ ନିର୍ବାଚନରେ ହାରିବା ପରେ ଏହା ବିଜେଡିର ପ୍ରଥମ ବୈଠକ। ଦଳକୁ ତୃଣମୂଳ ସ୍ତରରେ ଅଧିକ ସଂଗଠିତ କରିବା ଲକ୍ଷ୍ୟରେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ନେତୃତ୍ୱରେ ପଞ୍ଚାୟତର ଆଗୁଆ କର୍ମୀଙ୍କୁ ନେଇ ସଂଗଠନର ନବକଳେବର କରିଛନ୍ତି। ପ୍ରତି ଗ୍ରାମରେ ବୈଠକ କରିବା ସହିତ ସରକାରର ବିଫଳତାକୁ ପ୍ରତି ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ଲୋକଙ୍କ ସହିତ ଯୋଡି ହୋଇ ରହିବା ପାଇଁ ଶ୍ରୀ ଘଡ଼ାଇ ପରାମର୍ଶ ଦେଇଥିଲେ।

ଏ ପରିପ୍ରେକ୍ଷୀରେ ଦେଉଳକଣ ପଞ୍ଚାୟତର ମା' ଖଣ୍ଡୁରାଇ ମନ୍ଦିର କଲ୍ୟାଣ ମଣ୍ଡପରେ ବିଜେଡିର ବ୍ଲକ ସଭାପତି ସୁରେଶ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ କୌଣସି ଗୋଷ୍ଠୀ ନ କରି ପୁରୁଣା ଓ ନୂଆ କର୍ମୀଙ୍କୁ ସାଙ୍ଗରେ ନେଇ କାମ କରିବାକୁ ବ୍ଲକ ସଭାପତି ପରାମର୍ଶ ଦେଇଥିଲେ। ମୁଁ ନୁହେଁ, ଆମେ ନୀତିରେ ଚାଲିବା, ଦଳର ନେତୃତ୍ୱ ନେଉଥିବା ବ୍ୟକ୍ତି ଅହଙ୍କାର ନ କରିବା, ସମସ୍ତଙ୍କୁ ଭଲ ବ୍ୟବହାର ଦେଖାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବ ସଭାପତି ଚନ୍ଦନ କର, ୮ ନଂ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ସଭାପତି ପଞ୍ଚାନନ ଜେନା, ସମ୍ପାଦକ ବିପିନି ପାତ୍ର, ଯୁବ ସଭାପତି ଶୁକ ପାତ୍ର, ଯୁବ ସମ୍ପାଦକ ହିମାଂଶୁ ମହାନ୍ତ, ମହିଳା ସଭାନେତ୍ରୀ ସୁକାନ୍ତୀ ମହାନ୍ତ, ସମ୍ପାଦିକା ସୁଲୋଚନା ରାଉତଙ୍କ ସମେତ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।

## ୧୫ ବର୍ଷ ପରେ ଅମ୍ବିକାଙ୍କୁ ମିଳିଲା ଆବାସ

**ଶଙ୍ଖଚିଲା, ୩୧।୩(ସମିସ):** ଆବାସ ପାଇଁ ଦୀର୍ଘ ୧୫ ବର୍ଷର ଅପେକ୍ଷା। ଏଭଳି ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଜହ୍ନା ପଞ୍ଚାୟତ ଫତେପୁର ଗ୍ରାମର ସ୍ୱର୍ଗତ ରମେଶ କୁଣ୍ଡୁଙ୍କ ପତ୍ନୀ ଅମ୍ବିକା କୁଣ୍ଡୁ (୭୦)ଙ୍କ କ୍ଷେତ୍ରରେ। ଅମ୍ବିକାଙ୍କ ସ୍ୱାମୀ ରମେଶ ୧୫ ବର୍ଷ ପୂର୍ବେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ପରିବାର କହିଲେ ଦୁଇଝିଅ (ବିବାହିତ) ଓ ଏକମାତ୍ର ପୁଅ ଦିଲ୍ଲୀପ (୪୧) ଜନ୍ମରୁ ମାନସିକ ବିକାରଗ୍ରସ୍ତ। ଏବେ ଅମ୍ବିକା ପରିବାର ପ୍ରତିପୋଷଣ କରିବା ଲାଗି ନୂଆପଦା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଛନ୍ତି। ଭିନ୍ନକ୍ଷମ ପୁଅକୁ ନେଇ କଷ୍ଟରେ ଦୀର୍ଘଦିନ ଧରି ଭଙ୍ଗା ଚାଳଘରେ ଜୀବନ ବିତାଇ ଆସୁଛନ୍ତି। ଅର୍ଥାଭାବରୁ ଘର ଛାଉଣି ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ବର୍ଷାଦିନେ ବର୍ଷା ପାଣି ପଡୁଥିବା ଘରେ ବହୁତ କଷ୍ଟରେ ରୁହନ୍ତି। ଘର ତ ଦୂରର କଥା ସରକାରଙ୍କ ପକ୍ଷରୁ ପାଲ ଖଣ୍ଡେ ପାଇବା ତାଙ୍କ ପାଇଁ ସାତସପନ ହେଉଥିଲା। ଅମ୍ବିକା ପୂର୍ବରୁ ବିଭିନ୍ନ ବ୍ୟକ୍ତି ଓ ସରକାରୀ ବାବୁଙ୍କୁ ନେହୁରା ହୋଇଛନ୍ତି। କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଆଲୋକ ଦାସ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କୋରେଇ ବ୍ଲକ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ଅବସରରେ ବିଧାୟକ ଅମ୍ବିକା କୁଣ୍ଡୁକୁ ଘର ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏ ନେଇ ଅମ୍ବିକା ଖୁସି ବ୍ୟକ୍ତ କରିଛନ୍ତି।

## ଶ୍ରୀବିରଜା ସେବା ସମିତିର ବୈଠକ

**ଯାଜପୁର, ୩୧।୩ (ସମିସ):** ଶ୍ରୀବିରଜା ସେବା ସମିତିର ମାସ ଶେଷ ବୈଠକ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ର ଅସୁସ୍ଥ ଥିବାରୁ ଉପସଭାପତି ପ୍ରମୋଦ ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ।



ସମିତିର ବରିଷ୍ଠ ସଭ୍ୟ ଆନନ୍ଦ ବିହାରୀ ରାୟ ଓ ଯାଜପୁରର ବିଶିଷ୍ଟ ପୂଜକ ପ୍ରଶାନ୍ତ ସନ୍ଧିବିଗ୍ରହଙ୍କ ମହାପ୍ରୟାଣ ହୋଇଯାଇଥିବାରୁ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମା'ଙ୍କ ନିକଟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ଅସୁସ୍ଥ ଥିବାରୁ ମା'ଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ତାହା ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା। ମା'ବିରଜାଙ୍କ ଉପରେ ଆଧାରିତ ରବି ଶତପଥୀଙ୍କ ଲିଖିତ ପୁସ୍ତକ ପ୍ରସ୍ତୁତ ହେଲେ ତାହା ସମ୍ପାଦକଙ୍କୁ ସେ ଜଣାଇବେ। ସମ୍ପାଦକ ସମସ୍ତ ସଭ୍ୟଙ୍କୁ ପୁସ୍ତକ ଉନ୍ମୋଚନ ଦିବସ ଜଣାଇଦେବେ।

### ● ପୂର୍ବକୋଟରେ କୋରେଇ ପୁଲିସକୁ ଆକ୍ରମଣ ଘଟଣା

## ଯାଜପୁରରୋଡ୍‌ର ୨ ସୁନା ଦୋକାନୀଙ୍କୁ ଉଠାଇନେଲା ପୁଲିସ

**ଯାଜପୁର, ୩୧।୩(ସମିସ):** ଗତକାଲି ଚୋରି ବାଇକ ଉଦ୍ଧାର ନିମନ୍ତେ କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ ପୂର୍ବକୋଟ ତେଲେଙ୍ଗା ବସ୍ତିରେ ଚଢ଼ଉ ସମୟରେ ତାଙ୍କୁ ଓ ତାଙ୍କ ଟିମକୁ ଆକ୍ରମଣ ପରେ ଯାଜପୁର ଏସପିଙ୍କ ନିର୍ଦ୍ଦେଶରେ ୨୦ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିଲା ପୁଲିସ। ତେବେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ନ୍ୟାୟରେ ବାଇକ ଚୋରି ରାକେଟ ଠାବ ଉଦ୍ୟମ ସମୟରେ ପୁଲିସକୁ ଚୋରା ସୁନା ଲିଙ୍କ ମିଳିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଚୋରା ସୁନା ବିକ୍ରି ଖରିଦ ମାମଲାରେ ଯାଜପୁରରୋଡ୍ ଓ କୋରେଇ ପୁଲିସ ଯାଜପୁରରୋଡ୍ ଅଚଳର ୨ ସୁନା ଦୋକାନୀଙ୍କୁ ଉଠାଇ ନେଇଥିବା ଖବର ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଦଶରଥପୁର, ୩୧।୩(ସମିସ):** ଦଶରଥପୁର ବ୍ଲକ ଉଦୟପୁରଠାରେ ଥିବା ଦଶରଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମାଜରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସମାଜସେବୀ କର୍ଣ୍ଣାଟକେଶରୀ ଦାସ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥି ଭାବେ ବରଦା ପ୍ରସାଦ ମହାପାତ୍ର, ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକ, ଶିଶୁ ଚିକିତ୍ସକ ଗୋପାଳ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ସଂକୁଳ ପ୍ରମୁଖ ଭାଗୀରଥି ମହଲ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ପାଳିତ

**ଯାଜପୁର, ୩୧।୩(ସମିସ):** ଯାଜପୁରରରେ ପବିତ୍ର ଇଦ୍-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ଏକ ମାସ ଧରି ପବିତ୍ର ରମଜାନ ମାସରେ ଉପବାସ ରହି ଭକ୍ତି ଓ ଶ୍ରଦ୍ଧାର ସହ ନମାଜ ପାଠ କରିଥିଲେ। ଆଜିର ଇଦ୍-ଉଲ-ଫିତର ଉପଲକ୍ଷେ ମୁସଲମାନ ଭାଇ ଓ ଭଉଣୀ ଏହି ଅବସରରେ ନବବସ୍ତ୍ର ପରିଧାନ କରି ଗାନ୍ଧୀ ଛକସ୍ଥ ସାହି ମସଜିଦ୍ ସମେତ ବିଭିନ୍ନ ସ୍ଥାନରେ ଥିବା ଇଦ୍‌ଗା ଓ ମସଜିଦ୍‌ରେ ସମୁହ ନମାଜ ପାଠ କରିବା ସହିତ ଦାନ ଧର୍ମ କାର୍ଯ୍ୟ ସମ୍ପାଦନ କରିଛନ୍ତି। ପରେ ଘରକୁ ଯାଇ ପରିବାର ଓ ସାହି ବସ୍ତିରେ ପରସ୍ପର ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇବା ସହ ବନ୍ଧୁମିଳନ କାର୍ଯ୍ୟ କରିଛନ୍ତି। ଏହି ଇଦ୍ ପର୍ବରେ ନମାଜ ପାଠ କରିବା ପରେ ଦୁଃଖୀ ଦରିଦ୍ରଙ୍କୁ ଦାନ କରିବାର ପରମ୍ପରା ରହିଛି। ଯାଜପୁରରରେ ଥିବା ସାହି ମସଜିଦ୍‌ରେ ସମୂହ ନିମାଜ ପାଠ ପୂର୍ବାହ୍ନ ୯.୩୦ଟାରେ ଆରମ୍ଭ ହୋଇ ୯.୫୫ରେ ଶେଷ ହୋଇଥିଲା। ଏହି ନମାଜ ପାଠରେ ଅନ୍ୟୂନ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ଭାଇମାନେ ନମାଜ ପାଠ କରି ଦାନ, ଧର୍ମ କରିଥିଲେ। ଯାଜପୁରର ବରିଷ୍ଠ ବିଜେଡି ନେତା ଭବପ୍ରସାଦ ଦାସ, ବଳଭଦ୍ର ଦାସ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ କାଉନସିଲର ଉପସ୍ଥିତ ରହି ମୁସଲମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ସେଠାରେ ଉପସ୍ଥିତ ସେକ ଅବଦୁଲ ସାଜିଦ, ସେକ୍ ହାଇଦର ଅଲ୍ଲୀ, ସୋହେଲପର ବେଜ, ସେକ୍ ଶାହାଜୁଦ୍ଦିନ, ସେକ ମଇରୁଦ୍ଦିନ, ସେକ୍ ଅନ୍ୱଏସ, ସେକ ଅନୱର ଅଲ୍ଲୀ, ସର୍ଫରାଜ ଖାଁ, ସେକ କାସିଦ, ହାଇଦର ଅଲ୍ଲୀ, ସେକ ସାକିର, ସେକ ଲିହାଜୁଦ୍ଦିନ ଇଦ୍ ପର୍ବରେ ଯାଜପୁରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



**ବରୀ:** ଇସଲାମ ଧର୍ମାବଲମ୍ବୀ ଲୋକେ ଏକମାସ ଧରି ରୋଜାରେ ରହିବା ପରେ ଏକ ନିର୍ଦ୍ଦିଷ୍ଟ ଦିନରେ ଇଦ୍ ପର୍ବ ପାଳନ ହୋଇଥାଏ। ସୋମବାର ବରୀ ପଞ୍ଚାୟତର ଦରଘାଠାରେ ମୁସଲମାନ ଭାଇମାନେ ଏକତ୍ରିତ ହୋଇ ପରସ୍ପରକୁ ଆଲିଙ୍ଗନ କରିବା ସହିତ ମିଠା ଖୁଆଇ ଶୁଭେଚ୍ଛା ଜଣାଇବା ଦେଖିବାକୁ ମିଳିଛି। ସକାଳୁ ଏହି ଧର୍ମର ଲୋକେ ଦରଘା ବଜାରସ୍ଥ ଧର୍ମୀୟ ପୀଠରେ ପହଞ୍ଚିବା ପରେ ସେକ ମହମ୍ମଦ ରଜୁଆନ ସମୂହ ନମାଜ ପାଠ କରିଥିଲେ। ଉକ୍ତ ନମାଜ ପାଠ ସମୟରେ ସୟଦ ଅବଦୁଲ ଖଲ୍ଲିକ, ସେକ ଇମ୍ରାନ ମହମ୍ମଦ, ସୟଦ ବକ୍ତାର ଅଲ୍ଲୀ, ତକମିଲ ଜମାଲ ପରବେଜ, ସେକ ମିନାତୁଲ୍ଲା, ସୟଦ ମସକୁଲ ଅଲ୍ଲୀ, ସୟଦ ସମସେର ଅଲ୍ଲୀ, ମହମ୍ମଦ ପରହକ, ୱେଜ ହୁସେନ, ସେକ ମଜିବୁଲ ହକ୍ ଉପସ୍ଥିତ ଥିଲେ। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ସରପଞ୍ଚ ସୋନାଲି ସିଂହ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲ୍ଲୀପ ମହାନ୍ତି, ସମାଜସେବୀ ମନୋଜ ସିଂ ପ୍ରମୁଖ ଯୋଗଦେଇ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଅରୁଆଳ, ବାଲିଆପାଳ, ମାଳଦା, ରତ୍ନଗିରି ଓ ଅରଙ୍ଗାବାଦ ପ୍ରଭୃତି ସ୍ଥାନରେ ଉତ୍ସାହର ସହିତ ଇଦ୍ ପାଳିତ ହୋଇଛି।



**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନଙ୍କ ପର୍ବ ଇଦ୍ ଧୂମ୍‌ଧାମରେ ପାଳିତ ହୋଇଯାଇଛି। ଭାଇଚାରାର ଏହି ପର୍ବରେ ମୁସଲମାନ ସମ୍ପ୍ରଦାୟର ଲୋକେ ସକାଳୁ ବିଭିନ୍ନ ମସ୍‌ଜିଦ୍‌ରେ ନମାଜ ପାଠ କରିବା ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଛନ୍ତି। ସ୍ଥାନୀୟ ମସ୍‌ଜିଦର ଇଦଗାରେ ମୁସଲମାନ ଭାଇମାନେ ଏକତ୍ର ହୋଇ ନମାଜ ପାଠ କରିବା ସହ ପରସ୍ପରକୁ ଅଭିନନ୍ଦନ ଜଣାଇ ଲଚ୍ଛା, ମିଠା ଖୁଆଇଛନ୍ତି। ଏକମାସ ଧରି ଉପବାସ ରହିବା ପରେ ଇଦ୍ ପର୍ବ ପାଳନ କରୁଥିବା ମୁସଲମାନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା। ଏହି ଇଦ ପର୍ବରେ ନମାଜ ପାଠ କରିବା ପରେ ଦୁଃଖୀ ଦରିଦ୍ରଙ୍କୁ ଦାନ କରିବାର ପରମ୍ପରା ମଧ ରହିଛି। ଶାନ୍ତିଶୃଙ୍ଖଳାରେ ନମାଜ ପାଠ ପାଇଁ ମସଜିଦ ଓ ଇଦଗା ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ବିଞ୍ଝାରପୁର ବିଧାୟିକା ତଥା ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ସମାଜସେବୀ କୈଳାସ ସେଠୀ, ସୁଖରଞ୍ଜନ ପରିଡ଼ା, ସରପଞ୍ଚ ଆଶାଲତା ସାହୁ, ସମବାୟ ସମିତି ସଭାପତି ଅଶୋକ ସାହୁ ପ୍ରମୁଖ ସଂଖ୍ୟାଲଘୁ ଲୋକଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

**ବ୍ରହ୍ମବରଦ:** ଇସଲାମ ଧର୍ମାବଲମ୍ବୀଙ୍କ ଗଣପର୍ବ ଇଦ୍-ଉଲ-ଫିତର ବା 'ଇଦ୍' ସମଗ୍ର ଦେଶରେ ଧୁମ୍‌ଧାମରେ ପାଳନ କରାଯାଇଛି। ଏ ପରିପ୍ରେକ୍ଷୀରେ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥ ବ୍ୟାଙ୍କ ଛକ ଇଦ୍‌ଗା ପଡ଼ିଆରେ ଇଦ୍-ଉଲ-ଫିତର ପାଳିତ ହୋଇଛି। ବ୍ରହ୍ମବରଦା, ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତର ମୁସଲମାନ ଭାଇମାନେ ମିଳିତ ଭାବେ ଇଦ୍-ଉଲ୍-ଫିତର ପର୍ବ ପାଳନ କରିଛନ୍ତି। ବରୀ ନିର୍ବାଚନମଣ୍ଡଳୀର ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ବେହେରା, ପୂର୍ବତନ ବିଧାୟକ ସୁନନ୍ଦା ଦାସ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ବିଜେପି ଯୁବ ନେତା ପ୍ରଦୀପ ଦାସ ଓ ରାକେଶ ଦେଓ ଇଦଗାହା ପଡ଼ିଆରେ ଉପସ୍ଥିତ ରହି ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ।



**କୁଆଦଳ:** ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ଚାରିନଙ୍ଗଳ ପଞ୍ଚାୟତସ୍ଥ ଇଦ୍‌ଗା ପଡ଼ିଆରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ସମୂହ ନମାଜ ପାଠ କରିଥିଲେ। କମିଟିର ସଭାପତି ମୌଲାନା ଫକିରୁଦ୍ଦିନ୍ ହାସମୀ କାଶମୀ ନମାଜ ପାଠ କରାଇଥିଲେ। ନମାଜ ପାଠ ପରେ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଅରବିନ୍ଦ ସାମଲ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ଚାରିନଙ୍ଗଳ ପଞ୍ଚାୟତ ସଭାପତି ଗୋଲାମ କିବ୍ରିୟା ଖାଁ, ପ୍ରାକ୍ତନ ସମିତି ସଭ୍ୟ ସେକ୍ ମୋଇନ ଅହେମଦ ପ୍ରମୁଖ ଯୋଗଦେଇ ଇଦ ମୁବାରକ ଜଣାଇଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକର ବିଭିନ୍ନ ସଂଖ୍ୟାଲଘୁ ବସ୍ତିରେ ଇଦ୍ ପାଳିତ ହୋଇଯାଇଛି। ଅହିୟାସ, କସପା, କାଟିଆ, କରାଣ୍ଡିପୁର, ତଳିହା, ଇଜାପୁର, ଶ୍ରୀଧରପୁର, ସୁଧଗୋବିନ୍ଦା ସମେତ ବିଭିନ୍ନ ମୁସ୍‌ଲିମ୍ ବହୁଳ ଅଞ୍ଚଳରେ ସମ୍ପ୍ରଦାୟର ଜନସାଧାରଣ ନୂତନ ବସ୍ତ୍ର ପରିଧାନ କରି ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। କସପା ଜାମା ମସ୍‌ଜିଦ୍‌ରେ ଅନୁଷ୍ଠିତ ଇଦ୍ ଉତ୍ସବରେ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ସରୋଜ ମହାପାତ୍ର, ମନୋଜ ରାଉତ, ପ୍ରଭାତ ନାୟକ, ସୌଭାଗ୍ୟ ଦଳାଇ, ମିର୍ ସରାଫତ୍, ସେକ୍ ନିଜାମୁଦ୍ଦିନ ଓ ଗୁରଫାନ୍ ଖାନ୍ ପ୍ରମୁଖ ଯୋଗଦେଇ ଇଦ୍ ମୁବାରକ୍ ଜଣାଇଥିଲେ। ସେହିପରି ସୁଧଗୋବିନ୍ଦା ମୁସଲିମ୍ ବସ୍ତିର ଲୋକେ ମସଜିଦ୍‌ର ମୌଲବୀଙ୍କ ନେତୃତ୍ୱରେ ସମୂହ ନମାଜ ପାଠ କରିଥିଲେ। ଥାଲକୁଡ଼ି ପଞ୍ଚାୟତ କରାଣ୍ଡିପୁର ଇଦ୍‌ଗାରେ ଇଦ୍ ପାଳିତ ହୋଇଥିଲା। ଇଦ୍‌ଗା ସମ୍ପାଦକ ହାଜିତ୍ ୟାକୁବ୍ ଖାଁ ଓ ସଭାପତି ସେକ୍ ସଫିରୁଦ୍ଦିନ୍, ଜାବିର ହୁସେନ, ସେକ୍ ଜମାଲୁଦ୍ଦିନ, ସେକ୍ ଗଫୁର, ସେକ୍ ସଦାମ୍ ହୋସେନଙ୍କ ସମେତ ପୂର୍ବତନ ସରପଞ୍ଚ ଆନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହି ଏହି ପର୍ବ ଭାଇଚାରର ପର୍ବ ବୋଲି ମତବ୍ୟକ୍ତ କରିଥିଲେ।









**ଧର୍ମଶାଳା:** ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ମୁସଲମାନ ଭାଇଙ୍କ ଭାଇଚାରର ପର୍ବ ଇଦ୍ ପାଳିତ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ଚାନ୍ଦ ଦେଖିବା ପରେ ଆଜି ଇଦ ପର୍ବ ପାଳନ କରାଯାଇଛି। ଆଜି ସକାଳୁ ନୂତନ ବସ୍ତ୍ର ପରିଧାନ କରି ନିଜ ନିଜ ଅଞ୍ଚଳରେ ଥିବା ଇଦଗା ଓ ମସଜିଦରେ ଏକତ୍ରିତ ହୋଇ ସମବେତ ପ୍ରାର୍ଥନା ଭାଗ ନେଇଥିଲେ। ଚୋରୁହାଁ ଇଦଗାହା, ଧର୍ମଶାଳା ମସଜିଦ, ଚହଟା ଇଦଗା, ବଡମଙ୍ଗଳପୁର ମସଜିଦ, ତରାପୁର, କାଏମା, ନେଉଳପୁର ଇଦଗାହା ଓ ମସଜିଦରେ ମୁସଲମାନ ଭାଇମାନେ ନମାଜ ପାଠ କରି ପରସ୍ପର କରମର୍ଦ୍ଦନ କରିଥିଲେ। କଂଗ୍ରେସ ନେତା କିଶାନ ପଣ୍ଡା ବିଭିନ୍ନ ମସଜିଦ ଓ ଇଦଗାହା ଯାଇ ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ ବିଜେପି ନେତା ସର୍ବେଶ୍ୱର ବେହୁରା ଶୁଭେଚ୍ଛା ଜଣାଇଥିଲେ।

**ପାଣିକୋଇଲି:** ପବିତ୍ର ଇଦ-ଉଲ-ଫିତର ପାଣିକୋଇଲି ମସଜିଦରେ ପାଳିତ ହୋଇଛି। ମୌଲବୀ କ୍ୱାରୀ ସେକ ସବିରଙ୍କ ନେତୃତ୍ୱରେ ମସଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ପରେ ସମସ୍ତେ ସମସ୍ତଙ୍କୁ ଇଦ ମୁବାରକ ଜଣାଇଥିଲେ। ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ମିଠା ଖୁଆଇ ଇଦ୍ ଶୁଭେଚ୍ଛା ଜଣାଇଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ପିନାକ ଦାସ, ସୂର୍ଯ୍ୟମଣି ପଣ୍ଡା, ଗୋକୁଳାନନ୍ଦ ସାହୁ, ଅଶୋକ ବାରିକ, ଶୀତେଶ ପରିଡ଼ା, ପ୍ରେମେଶ ମହାକୁଡ ସମେତ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଅତିଥି ଭାବେ ଯୋଗଦେଇଥିଲେ। ସେକ ଜହର ଅଲ୍ଲୀ, ମୁସ୍ତାକ ଖାନ, ଅନିପ ଖାନ, ସମସେର ଅଲ୍ଲୀ, ପପୁ ମିର୍ଜା, ଦଲିସାନ ଖାନଙ୍କ ସମତେ ଶତାଧିକ ବ୍ୟକ୍ତି ଏହି ଇଦ ପର୍ବରେ ସାମିଲ ହୋଇଥିଲେ।

**ସୁକିନ୍ଦା:** ସୁକିନ୍ଦାର ପୁରାତନ ଜୁମା ମସଜିଦରେ ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ ପହଞ୍ଚି ମୁସଲମାନ ଭାଇଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ହିନ୍ଦୁ ମୁସଲମାନ ସମ୍ପ୍ରଦାୟର ଲୋକେ ଏହି ଇଦ୍ ମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇ ଇଦ୍-ଉଲ-ଫିତର ପାଳନ କରିଥିଲେ। ସୁକିନ୍ଦାର ଦୁଇଟି ମସଜିଦ୍‌ରେ ମୁସଲମାନ ସମ୍ପ୍ରଦାୟର ଲୋକେ ଆଜି ଶେଷ ଦିବସରେ ଇଦ୍ ପାଳନ କରିଥିବାବେଳେ ସକାଳେ ନମାଜ ପାଠ କରିଥିଲେ। ବିଶ୍ୱନାଥପୁରସ୍ଥ ମସଜିଦ୍‌ରେ ନମାଜ ପାଠ ପରେ ସୁକିନ୍ଦା ଜୁମା ମସଜିଦକୁ ଆସି ମନ୍ତ୍ରୀଙ୍କ ଇଦ୍ ମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସାହି ସରଦାର ମଞ୍ଜୁର ଅଲ୍ଲୀ, ଅଜଗର ଅଲ୍ଲୀ, ସଫିର ଖାଁ, ଅସରଫ ଅଲ୍ଲୀ ଖାଁଙ୍କ ସହିତ ବିଜେପି ନେତା ରମଣୀ ରଞ୍ଜନ ବଳସାମନ୍ତ, ସବ୍ୟସାଚୀ ବଳସାମନ୍ତ ପ୍ରମୁଖ ସାମିଲ ହୋଇଥିଲେ।



ସକାଳ THE SAKALA



## ● ଅସହାୟ କୁନି ସେଠୀଙ୍କ ଦୁଃଖ ବୁଝିବ କିଏ

# ନା ଅଛି ବାର୍ଦ୍ଧକ୍ୟ ଭତ୍ତା, ନା ରହିବାକୁ ଖଣ୍ଡେ ଆବାସ

**ଅସୁରାଳି,୩୧।୩(ସମିସ):** ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟା ଗ୍ରାମ ସେଠୀ ସାହିର କୁନି ସେଠୀ (୬୦) । କାନକୁ କିଛି ଶୁଭୁନାହିଁ କି ସେ କିଛି କଥା ବୁଝି ପାରୁନାହାନ୍ତି । ସ୍ୱାମୀ



ଫୁସନ ସେଠୀ ୫ ବର୍ଷ ହେଲା ମୃତ । ପୁତ୍ର କାର୍ତ୍ତିକ ସେଠୀ ବି ଭିନ୍ନକ୍ଷମ । ତାଙ୍କୁ ଏଯାଏ ବିଧବା ଭତ୍ତା କି ୬୦ ବର୍ଷ ଅତିକ୍ରାନ୍ତ ହୋଇଥିଲେ ବି ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଭିନ୍ନକ୍ଷମ ଭତ୍ତା ସୁଦ୍ଧା ମିଳୁନାହିଁ । ଭଙ୍ଗା ଦଦରା କଚ୍ଚା ଘରଟିଏରେ ରହୁଛନ୍ତି । ତାଙ୍କୁ ଏଯାଏ ମିଳିନି ସରକାରୀ ଆବାସ । ଅର୍ଥ ଅଭାବରୁ ଘର ଖଣ୍ଡକ ଛାଉଣି କରିପାରିନାହାନ୍ତି । ତେଣୁ ଭାଙ୍ଗି ଗଲାଣି ଘର । ଖସି ପଡ଼ିଲାଣି କାନ୍ଥ । ଦୁଇ ଓଳି ଦୁଇ ମୁଠା ଖାଇବା ତାଙ୍କ ପକ୍ଷେ କଷ୍ଟକର ହେଉଥିବା ବେଳେ ଉଦାସୀନ ଜନପ୍ରତିନିଧି ଏବଂ ଦାୟିତ୍ୱହୀନ ପ୍ରଶାସନିକ ପ୍ରକ୍ରିୟା ପାଇଁ ସେ ସରକାରୀ ଯୋଜନାର ଲାଭରୁ ବଞ୍ଚି ରହି ଯାଇଛନ୍ତି । ଖୁବ୍ ଶୀଘ୍ର କୁନି ସେଠୀଙ୍କୁ ଖଣ୍ଡେ ଆବାସ ସହ ବାର୍ଦ୍ଧକ୍ୟ ଭତ୍ତାର ସୁବିଧା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଆଗାମୀ ସମୟରେ କୁନି ସେଠୀ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି କହିଛନ୍ତି ।

# କୋଇଲା ବୋଝେଇ ପିକ୍‌ଅପ୍ ଜବତ

**ତିହିଡି, ୩୧।୩(ସମିସ):** ଚୋରା କୋଇଲା ଚାଲାଣ ବନ୍ଦ ହେଉନାହିଁ । ଭଦ୍ରକ ଆରକ୍ଷୀ ଅଧୀକ୍ଷକ ନୂତନ ଭାବେ ଯୋଗଦେବା ପରେ ତାଙ୍କ କଡ଼ା ଆଭିମୁଖ୍ୟ ଯୋଗୁଁ କିଛିଦିନ କୋଇଲା ଚୋରା ଚାଲାଣ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ଏବେ ପୁଣି ପୂର୍ବାବସ୍ଥା ଫେରିବାକୁ ଆରମ୍ଭ କରିଛି । ଏପରି କ୍ଷେତ୍ରରେ ନୂତନ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ତିହିଡ଼ି ଥାନାରେ ଯୋଗଦେବା ପରେ ପରେ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛନ୍ତି । ରାତ୍ରିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକଅପ ଅଟକାଇଥିଲେ । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସେଥିରେ ୩୦ ବସ୍ତା ଚୋରା କୋଇଲା ଥିବା ଜଣାଯାଇଥିଲା । ପିକଅପକୁ ଥାନାକୁ ଅଣାଯାଇଥିବା ବେଳେ ମାମଲା ରୁଜୁ କରାଯାଇ ସଂପୃକ୍ତ ବ୍ୟକ୍ତିଙ୍କୁ ଖୋଜା ଚାଲିଛି ।

## ଶ୍ରୀରାମ ନବମୀ ମହୋତ୍ସବ-୨୦୨୫: ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା

# ସାମିଲ୍ ହେଲେ ୨ ହଜାର ସ୍କୁଲ ଛାତ୍ରଛାତ୍ରୀ

**ଭଦ୍ରକ, ୩୧।୩(ସମିସ)**

ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଆନୁକୂଲ୍ୟରେ ସୋମବାର ବାଲ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାଟି ସକାଳ ୭ଟାରେ ଭଦ୍ରକର ଗାନ୍ଧୀପଡ଼ିଆଠାରୁ ଆରମ୍ଭ ହୋଇ ସମଗ୍ର ଭଦ୍ରକ ସହର ପରିକ୍ରମା କରି ପୁନର୍ବାର ଗାନ୍ଧୀ ପଡ଼ିଆରେ ଆସି ସମାପ୍ତ ହୋଇଥିଲା । ଏହାକୁ ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସମ୍ପାଦକ ସ୍ୱରୂପାନନ୍ଦ ମହାପାତ୍ର, ଉପଦେଷ୍ଟା ବଦ୍ରିନାରାୟଣ ଧଳ, କାର୍ଯ୍ୟକ୍ରମର ସଂଯୋଜକ ବସନ୍ତ କୁମାର ରାଉତ ଶ୍ରୀଫଳ ବାଡେଇ ଶୁଭାରମ୍ଭ କରିଥିଲେ । ସହରର ବିଭିନ୍ନ ଛକରେ ପୁଷ୍ପ ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା । ଶ୍ରୀରାମ ମହାଯଜ୍ଞ ସମିତିର ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ, ନୂଆବଜାର ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭାଗବତ ମହାଳିକ, ଆଚାର୍ଯ୍ୟ ପ୍ରତାପ ଦାସ, ତପନ ମହାନ୍ତି, ରଞ୍ଜିତା ସ୍ୱାଇଁ, ପୁରୁଷୋତ୍ତମ ମହାନ୍ତି, ହୃଷୀକେଶ ଗୋସ୍ୱାମୀ, ସନ୍ତୋଷ ସାହୁ, କଳ୍ପନା ଜେନା, ସୁଧୀର ଦ୍ୱିବେଦୀ, ନବନିତା ନାୟକ, କାହ୍ନା ଖୁଣ୍ଟିଆ, ସୁଜିତ୍ ପତି ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରୀୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟ



ସହ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କର ତ୍ୟାଗ, ଆଦର୍ଶକୁ ଆଧାର କରିବାର ସଂକଳ୍ପ ନେଇ ପ୍ରତିବର୍ଷ ସ୍କୁଲ ଛାତ୍ରଛାତ୍ରୀ ଏହି ବାଲ ବାଜରଙ୍ଗୀ ସାଇକଲ ଶୋଭାଯାତ୍ରା ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୁଏ ବୋଲି ସମ୍ପାଦକ ତଥା ଗଣମାଧ୍ୟମ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ପ୍ରାୟ ୨ ହଜାର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଇନ୍ଦ୍ରଜିତ ସାହୁ ରୋଟାରୀ ଗଭର୍ଣ୍ଣର ନିର୍ବାଚିତ



**ଭଦ୍ରକ, ୩୧।୩(ସମିସ):** ୫୪ ବର୍ଷ ପରେ ପ୍ରଥମ ଥର ପାଇଁ ରୋଟାରୀ ଗଭର୍ଣ୍ଣର ଭାବେ ବିପୁଳ ଭୋଟରେ ରୋଟାରୀଆନ ଇନ୍ଦ୍ରଜିତ ସାହୁ ବିଜୟ ହୋଇଛନ୍ତି । ଭଦ୍ରକ ରୋଟାରୀ କ୍ଲବ ପୂର୍ବତନ ସଭାପତି ତଥା ମିଶନ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ରୋ. ଇନ୍ଦ୍ରଜିତ ସାହୁ ଓଡ଼ିଶାର ରୋଟାରୀ ଗଭର୍ଣ୍ଣର ଭାବେ ବିପୁଳ ଭୋଟରେ ବିଜୟ ଲାଭ କରିଛନ୍ତି । ଗୋପାଳପୁରସ୍ଥିତ ମେ ଫେୟାର ହୋଟେଲରେ ତିନିଦିନ ବ୍ୟାପୀ ରୋଟାରୀ ସମ୍ମିଳନୀରେ ଓଡ଼ିଶାରୁ ୧୦୦୦ରୁ ଅଧିକ ରୋଟାରିଆନ ଯୋଗ ଦେଇଥିଲେ । ୩୧ ତାରିଖ ସୋମବାର ରୋଟାରୀ ଗଭର୍ଣ୍ଣର ଇଲେକ୍ସନରେ ଭଦ୍ରକ ରୋଟାରୀ କ୍ଲବରୁ ରୋ ଇନ୍ଦ୍ରଜିତ ସାହୁ ୧୧୪ ଖଣ୍ଡ ଭୋଟ ପାଇଥିବା ବେଳେ ନିର୍ବିବାଦରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭୁବନେଶ୍ୱର ସେଣ୍ଟେନିଆଲ କ୍ଲବ୍‌ର ରୋ. ମୃଣାଳ ନାୟକଙ୍କଠାରୁ ୭୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ । ରୋ. ନାୟକ ୩୬ ଖଣ୍ଡ ଏବଂ ତୃତୀୟ ପ୍ରାର୍ଥୀ ଏସଏସ ହରିଚନ୍ଦନ ମାତ୍ର ୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ ।

# ବିଜୟା ଦଶମୀ ଶୋଭାଯାତ୍ରା ପାଇଁ ଗୁଆ ମଙ୍ଗୁଳା

**ତିହିଡି, ୩୧।୩(ସମିସ):** ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଗୁଆ ମଙ୍ଗୁଳା ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ମନ୍ଦିରରେ ଗୁଆ ମଙ୍ଗୁଳା ସରିବା ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କଲେଜ ଛକଠାରୁ ଏହି ଶୋଭାଯାତ୍ରା ବାହାରି ରାଣୀପୁରସ୍ଥିତ ମା' ତାରିଣୀ ମନ୍ଦିର ନିକଟରେ



ଶେଷ ହୋଇଥିଲା । ସମିତିର ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି କେଶରୀ ଦାସ, ସୀତାକାନ୍ତ ନାୟକ, ସରପଂଚ ଶୁଭ୍ରନାରାୟଣ ସେଠୀ, ଉଷାକାନ୍ତ ନାୟକ, ପ୍ରଦୀପ ବଳ, ସମିତିସଭ୍ୟ ଶୁକଦେବ ମଲିକ, ପି. ହୃଷିକେଶ, ବିଶ୍ୱଜିତ୍ ବେହେରା, ରଘୁନାଥ ପାତ୍ର, କେଶବ ବେହେରା, ତପୁନୁ ପାଣି, ଉମାକାନ୍ତ ଦାସ, ଲୋକେଶ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ଭୋଇ ଓ ଦେବବ୍ରତ ପାଢ଼ୀ ସାମିଲ ହୋଇଥିଲେ ।

# ରାଜପଥରେ ଗୋରୁ ମୃତ

**ବାରିକପୁର,୩୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଆଖୁଆପଦାଠାରୁ ବିଷ୍ଣୁପୁର ଯାଏଁ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁଛି । ଆଇଟିଆଇ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିକଟରେ ସକାଳୁ କୌଣସି ଗାଡି ଧକ୍କାରେ ଗୋଟିଏ ଗୋରୁର ମୃତଦେହ ପଡ଼ିଥିବା ଦେଖାଯାଇଥିଲା । ମୃତ୍ୟୁ ବରଣ କରିଥିବା ବେଳେ ଦିନ ତିନିଟା ଯାଏଁ ମୃତ ଦେହ ରାସ୍ତା ପାର୍ଶ୍ୱରେ ପଡି ରହିଥିଲା । ଏହା ଉପରେ କୌଣସି ପଦକ୍ଷେପ କେହି ନେଇ ନଥିବା ବେଳେ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଭଣ୍ଡାରିପୋଖରୀ/ବାରିକପୁର, ୩୧।୩(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ସତସଙ୍ଗ ବିହାର ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଅପରାହ୍ନ ପ୍ରାୟ ୫ଟା ବେଳେ ଜଣେ ବ୍ୟକ୍ତି ବାଇକରେ ପାଣିକୋଇଲି ପଟୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ କୌଣସି ଗାଡି ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡ଼ାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ମୃତକଙ୍କ ପକେଟରେ ଥିବା ଡ୍ରାଇଭିଂ ଲାଇସେନ୍ସରୁ ତାଙ୍କ ନାମ ସୁରେନ୍ଦ୍ର ନାଥ କଣ୍ଠ ଘର ପାଟକୁରା କେନ୍ଦ୍ରାପଡ଼ା ବୋଲି ଜଣାପଡିଛି । ପୁଲିସ ଶବ ଜବତ କରିଥିବା ସୂଚନା ମିଳିଛି ।

## ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**ଧାମନଗର, ୩୧।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି । ଯୁବକଙ୍କୁ ସରପଞ୍ଚ ଓ ତାଙ୍କ ବଡ଼ଭାଇ ଭୁଜାଲି ଓ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ଯୁବକ ଜଣକ ହେଉଛନ୍ତି ଧାମନଗର ଥାନା ରାଧାବଲ୍ଲଭପୁର ପଞ୍ଚାୟତର କେଶବ ପଣ୍ଡାଙ୍କ ପୁଅ ତପନ । ସେ ଧାମନଗର ବଜାର ଆସୁଥିବା ସମୟରେ ସରପଞ୍ଚ ପ୍ରତିମ ଦାସ ଓ ତାଙ୍କ ଭାଇ ମିଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି; ମାତ୍ର ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଆଇଆଇସି ଗୋପାଳକୃଷ୍ଣ ଜେନା ସୂଚନା ଦେଇଛନ୍ତି ।

## ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକ ସମ୍ମାନିତ

**ବାରିକପୁର, ୩୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁର ସରକାରୀ ଉଚ୍ଚବିଦ୍ୟାଳୟରେ ୧୯୯୦ ବ୍ୟାଚ ମାଟ୍ରିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୁରାତନ ଛାତ୍ର ବିଜୟ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ନିଆରା ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବରେ ଅନେକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶିକ୍ଷାବିତ ଗୟାଧର ସାମଲ, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ରାଉତ, ରମେଶଚନ୍ଦ୍ର ଦାସ, ପ୍ରେମାନନ୍ଦ ନାୟକ, ନିତ୍ୟାନନ୍ଦ ଦାସ, ରମେଶଚନ୍ଦ୍ର ପଣ୍ଡା, ଗୌରାଙ୍ଗ ଓଝା, ରାଜକିଶୋର ନାଥ, ରବିନ୍ଦ୍ର ନନ୍ଦ ପ୍ରମୁଖ ସ୍ମୃତି ଅନୁଭୂତିକୁ ସାଉଁଟିଥିଲେ । ଏହାଛଡା ବନ୍ଧୁମିଳନ ଉତ୍ସବ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ପୁନର୍ବାର ସମ୍ପର୍କ ସୃଷ୍ଟି କରୁଥିବା କହିଥିଲେ । ପୁରାତନ ଛାତ୍ର ଉମାକାନ୍ତ ସେଠୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ନରେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦିବଂଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

## ପ୍ରାକ୍ତନ ମୁଖ୍ୟ କିରାଣିଙ୍କ ପରଲୋକ

**ବାସୁଦେବପୁର, ୩୧।୩(ସମିସ):** ଅଟଳ ବିହାରୀ କଲେଜର ପୂର୍ବତନ ମୁଖ୍ୟ କିରାଣି ଯୁଧିଷ୍ଠିର ବାରିକ (୭୧)ଙ୍କ ପରଲୋକ ଘଟିଛି । ତାଙ୍କ ଘର ବାସୁଦେବପୁର ପୌରପାଳିକାର ୨୩ ନମ୍ବର ୱାର୍ଡର ଗୋପାଳପୁର । କୋଲକାତାର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ମରଶରୀର ବାସୁଦେବପୁରରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ତାଙ୍କର କର୍ମକ୍ଷେତ୍ର ଅଟଳ ବିହାରୀ କଲେଜ ପରିସରକୁ ନିଆଯାଇଥିଲା । ସେଠାରେ କଲେଜର କର୍ମଚାରୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତାଙ୍କ ପରିବାର ପକ୍ଷରୁ ଜନ୍ମ ସ୍ଥାନ ଗୋପାଳପୁରରେ ଅନ୍ତିମ ସଂସ୍କାର ସମ୍ପନ୍ନ କରିଥିଲେ ।

NOTIFICATION OF LAND ACQUISITION FOR SPECIAL RAILWAY PROJECT "CONNECTION BETWEEN DUMERTA LINK-C CABIN TO BISRA STATION CONNECTION (2.3 KM)" UNDER THE RAILWAY (AMENDMENT) ACT, 2008 FOR LAND ACQUISITION AT GUDGUDJORE

MINISTRY OF RAILWAYS
(RAILWAY BOARD)
PUBLIC NOTICE UNDER SECTION 20F (4) OF INDIAN RAILWAYS (AMENDMENT) ACT 2008
Garden Reach, Kolkata, 28 March, 2025

Whereas by the Notification of Ministry of Railways, Government of India, number S.O. 2490(E) dated 28th June 2024 published in Gazette of India, Extraordinary, Part-II, Section3, Sub-section (ii) on dated 28th June 2024 (here in after referred to as the said Act) under Sub-section (I) of Section 20E of the Railways Act, 1989 (24 of 1989) (here in after referred to as the said Act), the Central Government declared that, the land specified in the schedule annexed to the notification shall stand vested absolutely with Central Government free from all encumbrances, for the public purpose of execution, maintenance, management and operation of Special Railway Project, **"Connection between Dumerta Link-C Cabin to Bisra Station Connection (2.3 Km)" at village Gudgudjore** of Bisra Tahasil in the district of Sundargarh in the State of Odisha.

And, whereas, the substance of aforesaid 1st Gazette Notification number **S.O. 5410 (E)** dated **21st December 2023** was published in Gazette of India on 21st December 2023 and published in newspapers **SAKALA (ODIA), NAV BHARAT (HINDI)**, on dated **15.01.2024** and **16.01.2014** respectively under **Sub-section (1)** of the **Section 20A** of the said Act and 2nd Gazette Notification number **S.O. 2490 (E)** dated **28th June 2024** published in Gazette of India on dated **28th June 2024** and published in news papers **SAKALA (ODIA), NAV BHARAT (HINDI)**, on dated 25.07.2024 and 19.07.2024 respectively under **Sub-section (1)** of the **Section 20E** of the said Act.

And, on dated **03/03/2025** the undersigned finalized the estimate for the project and the award has been finalized. The same is intimated to Deputy Chief Engineer/CON, South East Railway, Rourkela. The detailed land schedule with Recorded Tenant is given below for reference.

**SCHEDULE**

**Brief description of land under acquisition for special railway project "Connection between Dumerta Link-C Cabin to Bisra Station Connection (2.3 Km)" at Gudgudjore.**

It is requested to present in person/ by agent /by legal practitioner for settlement of any claims /suggestions if any. Village wise details and timings are given below.

**Venue of Office of Competent Authority**
**Office of the Land Acquisition Officer,**
**Collectorate, Sundargarh**
MOUZA- **Gudgudjore (Reporting Date-04.04.2025 and onwards, Timing-Office Hour except Sunday & Holiday)**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୫ | ୬ | | ୭ | ୩ |
| ୧ | ୧୩ | ୧୪୨ | ଗୋଡା ଦୁଇ | ୦.୦୬ | ୦.୦୬ | ଫୈଜ ଅହମ୍ମଦ ପି-ସିରାଜ ଉଦ୍ଦିନ, ଇଫତଖାର ଅହମ୍ମଦ, ଅବଦୁସ ସଲାମ ପି-ଅବଦୁଲ ସତାର ଜା: ମୁସଲମାନ ବା: ନାଲାରୋଡ ରାଉରକେଲା |
| ୨ | ୬୬/୫୩୩ | ୧୪୨/୧୩୨୮ | ଗୋଡା ଦୁଇ | ୦.୦୫ | ୦.୦୫ | ହମିଦା ଖାତୁନ ସ୍ୱା- ମହମ୍ମଦ ଜମସେଦ ସହନାଜ ବାନୋ, ଗୁଲନାଜ ଖାତୁନ, ଶମସେର ଅନସାରି, ମହମ୍ମଦ ଗୁଲଶେର ଆଲାମ, ମହମ୍ମଦ ଅଲିଶେର ଅନସାରି, ସବିନା ନାଜ, ମହମ୍ମଦ ତବରେଜ ଆଲାମ ପି- ମହମ୍ମଦ ଜମସେଦ ଜା: ମୁସଲମାନ ବା: କୁଲୁଙ୍ଗା ଥା : ବ୍ରାହ୍ମଣି ତରଙ୍ଗ |
| ୩ | ୬୬/୬୩୩ | ୧୪୨/୧୪୫୬ | ଗୋଡା ଦୁଇ | ୦.୫ | ୦.୪୫ | ରୁମାନା ସ୍ୱା-ମୁନାଜିର ଜା: ମୁସଲମାନ ବା: ଗୁଡଗୁଡଯୋର |
| ୪ | ୬୬ | ୧୪୧ | ଗୋଡା ଦୁଇ | ୦.୦୧ | ୦.୦୧ | ହିୟାତ ମହମଦ ପି:ଲିଆକତ ଅଲି ଜା: ମୁସଲମାନ ବା: ବିଶ୍ରା ଟାଉନ |
| ୫ | ୬୬ସ୍ମ | ୧୪୧ସ୍ମ | ଗୋଡା ଦୁଇ | ୦.୦୨ | ୦.୦୨ | ଉପଯୁକ୍ତ କାଗଜାତ ପ୍ରାପ୍ତ ହେଲା ପରେ ନିର୍ଣ୍ଣୟ କରାଯିବ |
| ୬ | ୧୬ | ୫୬ | ଗୋଡା ଦୁଇ | ୦.୧୪୩ | ୦.୧୪୩ | ସମାରୀ ଓରାମ, ବିନୋଦିନି ଓରାମ, ମାଙ୍ଗରା ଓରାମ ପି- ହିନ୍ଦୁଆ ଓରାମ ଜା: ଓରାମ ବା: ବୁଦେଲ ଯୋର |
| ୭ | ୬୬/୫୮୦ | ୫୬/୧୪୧୬ | ଗୋଡା ଦୁଇ | ୦.୨୩୨ | ୦.୧୦୬ | ଆଫତାବ ଆଲମ, ଇଫତେଖାର ଆଲମ , ଅସଫାକ ଆଲମ , ଇବରାର ଆଲମ ପି : ଏମଡି ଇଲିଆସ ଜା : ମୁସଲମାନ ବା : ବିଶ୍ରା |
| | | ୫୮ | ଗୋଡା ଦୁଇ | ୦.୦୯ | ୦.୦୯ | |
| | | ୧୪୩ | ଗୋଡା ଦୁଇ | ୦.୪୪୫ | ୦.୦୬ | |
| ୮ | ୬୬/୫୨ | ୫୬/୯୨୯ | ଗୋଡା ଦୁଇ | ୦.୦୨ | ୦.୦୨ | ଗୌସିଆ ସୁଲତାନା, ମହମ୍ମଦ ଜକରିଆ ଖାନ, କମର ଖାନ, ମହମ୍ମଦ ସବିର ଖାନ, ରଜିଆ ସୁଲତାନା, ମହମ୍ମଦ ୟାକୁବ ଖାନ, ମହମ୍ମଦ ଫଜଲ ରହମାନ ଖାନ ପି-ମହମ୍ମଦ ୟୁନୁସ୍ ଖାଁ ଜା: ମୁସଲମାନ ବା: ସେକ୍ଟର - 6 ରାଉରକେଲା- 2 |
| | | ୫୬/୯୪୬ | ଗୋଡା ଦୁଇ | ୦.୦୨ | ୦.୦୨ | |
| | | ୧୪୩/୯୩୦ | ଗୋଡା ଦୁଇ | ୦.୦୪ | ୦.୦୪ | |
| | | ୧୪୩/୯୫୮ | ଗୋଡା ଦୁଇ | ୦.୦୪ | ୦.୦୪ | |
| ୯ | ୬୬/୮୪ | ୫୬/୯୨୮ | *ଘରବାରି | ୦.୦୨ | ୦.୦୨ | ମହମ୍ମଦ ଶିରାଜ ଖାନ ପି:ରହିସ୍ ଖାନ୍ ଜା: ମୁସଲମାନ ବା: ନିଜଗାଁ |
| | | ୧୪୩/୯୨୯ | ଘରବାରି | ୦.୦୪ | ୦.୦୪ | |
| ୧୦ | ୬୬/୧୧୬୮ | ୫୬/୯୫୨ | ଗୋଡା ଦୁଇ | ୦.୦୨ | ୦.୦୨ | ଜାଫର ହୁସେନ ପି:ତଫଜୁଲ ହୁସେନ ଜା: ମୁସଲମାନ ବା: ଟାଉନସିପ, ଥା-ବ୍ରାହ୍ମଣୀତରଙ୍ଗ, ଜି-ସୁନ୍ଦରଗଡ |
| | | ୧୪୩/୯୫୩ | ଗୋଡା ଦୁଇ | ୦.୦୪ | ୦.୦୪ | |
| ୧୧ | ୬୬/୨୦ | ୨୫/୮୯୯ | ଗୋଡା ଦୁଇ | ୦.୧୮ | ୦.୧୮ | ମହମ୍ମଦ ଆୟବ ପି: ନାସିରୁଦ୍ଦିନ ମିଆଁ, ଫରିଦ ଅନସାରି, ସଫିକ ଅନସାରି, ଫୁଲ ଖାତୁନ ପି-ଅବଦୁଲ ହମିଦ (ମାତା-ଆମନା ଖାତୁନ) ଖଦିଜା ଖାତୁନ ସ୍ୱା-ଅଜମତ ଅନସାରି, ସାହିଦ ଅନସାରି, ତାହିର ଅନସାରି, ଜାହିଦ ଅନସାରି, ତୋହିଦ ଅନସାରି, ତୌକିର ଅନସାରି, ଜାକିର ହୁସେନ, ଅଞ୍ଜୁମ, ରୁକସାନା ପି-ଅଜମତ ଅନସାରି, ଅଶରଫ ଅନସାରି, ଜାକିର ଅନସାରି ମାତା-ଜହିମନ ଖାତୁନ ବରକତ ଅନସାରି, ଶମଶେର ଅନସାରି, ନୁର ମହମ୍ମଦ ମୋବାରକ ଅନସାରି, ସାଇରୁନ ଖାତୁନ, ସୈମୁନ ଖାତୁନ ମାତା- ହଜିମନ ବିବି ସମଶୁନ ନିଶା, ଆବିଦ ହୁସେନ, କମରୁନ ନିଶା, ନଜମୁନ ନିଶା, ସକିଲା ଖାତୁନ, ସଫିରା ଖାତୁନ, ସବିଲା ଖାତୁନ, ଖାଲିଦ ଅନସାରି ପି-ଇଲାହି ମିଆଁ ଜା: ମୁସଲମାନ ବା: ନିଜଗାଁ |
| ୧୨ | ୬୬/୧୨୦୩ | ୨୫/୧୮୫୦ | ଗୋଡା ଦୁଇ | ୦.୬୯ | ୦.୪୪ | ଏମଡି ଆବାସ ପି:ମହମ୍ମଦ ଆୟୁବ ଜା: ମୁସଲମାନ ବା: ଗୁଡଗୁଡଯୋର,ଥା-ବିଶ୍ରା, ଜି-ସୁନ୍ଦରଗଡ |
| ୧୩ | ୬୬/୧୦୯ | ୮୨୧/୯୯୬ | ଗୋଡା ଦୁଇ | ୦.୦୬ | ୦.୦୬ | ଅନୱର ହୁସେନ, ଶମଶେର ଅଲ୍ଲି, ଅଖତର ହୁସେନ, ମନସୁର ଆଲାମ, ମକସୁଦ ଆଲାମ, ଫିରୋଜ ଆଲାମ, ନସିମା ବେଗମ, ନୁରଜହାଁ ବେଗମ, ନରଗିସ ବେଗମ ପି-ଅବଦୁଲ ଗନି ଜା: ମୁସଲମାନ ବା: ନିଜଗାଁ |
| ୧୪ | ୬୬/୧୪୬ | ୮୨୧/୧୦୪୪ | ଗୋଡା ଦୁଇ | ୦.୦୬ | ୦.୦୬ | ଅବଦୁଲ ହମିଦ୍ ପି:ମହମ୍ମଦ ଗୁଲାବ ଜା: ମୁସଲମାନ ବା: ନାଲାରୋଡ ଥାନା- ପ୍ଲାଣ୍ଟସାଇଟ ରାଉରକେଲା |
| ୧୫ | ୬୬/୧୯୦ | ୨୫/୧୨୦୦ | ଘରବାରି | ୦.୦୪ | ୦.୦୪ | ମହମ୍ମଦ ସାଜାଦ କ୍ୱାସିମ ପି:ମହମ୍ମଦ କ୍ୱାସିମ ଜା: ମୁସଲମାନ ବା: ଗୟା (ବିହାର) ହାବା କ୍ୱାଟର ନ: ଏଚ୍/16 ସେକ୍ଟର - 15 |
| | | ୨୫ସ୍ମ/୧୨୦୦ | *ଘରବାରି | ୦.୦୨ | ୦.୦୨ | |
| ୧୬ | ୬୬/୧୩୯୮ | ୨୫/୧୫୯୩ | ଘରବାରି | ୦.୦୪ | ୦.୦୪ | ଏସ.କେ କାଶିମ ପି:ସେଖ ହମିଦୁଲ୍ଲା ଜା: ମୁସଲମାନ ବା: ଏଚ/277, ସେକ୍ଟର-15, ରାଉରକେଲା-3, ଥା-ସେକ୍ଟର-15, ଜି-ସୁନ୍ଦରଗଡ |
| ୧୭ | ୬୬/୪୫୯ | ୫୬/୯୩୪ | ଗୋଡା ଦୁଇ | ୦.୦୬ | ୦.୦୬ | ଖୁସବସ ଅଲ୍ଲୀ ପି:ଇସହକ ଅଲ୍ଲୀ ଜା: ମୁସଲମାନ ବା: ରେଲବେ କଲୋନୀ . ରାଉରକେଲା । |
| ୧୮ | ୬୬/୧୦୧ | ୫୬/୯୮୬ | *ଘରବାରି | ୦.୦୬ | ୦.୦୬ | ହସିନା ବାନୋ ସ୍ୱା-ସାହାମତ ହୁସେନ ଅବଦୁଲ ଆହାଦ, ମହମ୍ମଦ ଜାହିଦ ହୁସେନ, ଆବିଦ ହୁସେନ, ସଲମା ବାନୋ, ନାଜନିନ ବାନୋ ପି- ସାହାମତ ହୁସେନ ଜା: ମୁସଲମାନ ବା-ରାଉରକେଲା ଟାଉନ ୟୁ.ନଂ- ୩୬ ଥାନା-ପ୍ଲାଣ୍ଟସାଇଟ |
| ୧୯ | ୬୬/୧୦୩ | ୫୮/୯୮୯ | ଗୋଡା ଦୁଇ | ୦.୦୬ | ୦.୦୬ | ମୈମୁନ ନିଶା ସ୍ୱା- ମହମ୍ମଦ ଫରିଦ୍ କୁରେସି ସହିଦ ଅହମ୍ମଦ, ମହମ୍ମଦ ସାହିଦ, ସାଫିଆ ଖାତୁନ, ଶବାନା ଖାତୁନ, ଅଲ୍ଲି ମହମ୍ମଦ, ଗୋସ ମହମ୍ମଦ ପି- ମହମ୍ମଦ ଫରିଦ୍ କୁରେସି ଜା: ମୁସଲମାନ ବା: ରାଉରକେଲା ୟୁ ନଂ 35 ନାଲା ରୋଡ ଥାନା- ପ୍ଲାଣ୍ଟ ସାଇଟ |
| ୨୦ | ୬୬/୪୩୫ | ୨୫/୧୨୨୫ | *ଘରବାରି | ୦.୦୬ | ୦.୦୬ | ଏମଡି ସବିର ପି : ଏମଡି ସୁଲେମାନ ଜା : ମୁସଲମାନ ବା : ଗୁଡଗୁଡଯୋର (ନୂଆବସ୍ତି) ଜି : ସୁନ୍ଦରଗଡ |
| ୨୧ | ୬୬/୩୩୨ | ୨୫/୧୨୨୬ | *ଘରବାରି | ୦.୦୬ | ୦.୦୬ | ଖାଦିଜା ବାନୋ ସ୍ୱା:ଗୁଲାମ ରବାନି ଜା: ମୁସଲମାନ ବା: ନିଜଗାଁ (ନୟାବସ୍ତି) |
| ୨୨ | ୬୬/୫୨୧ | ୨୫/୧୩୨୮ | ଗୋଡା ଦୁଇ | ୦.୦୨ | ୦.୦୨ | ଏହେତ ସାମୁଏଲ ହକ ପି- ମହମ୍ମଦ ଇଫତକାର ଜା-ମୁସଲମାନ ବା- ନାଲାରୋଡ ରାଉରକେଲା |
| ୨୩ | ୬୬/୫୨୨ | ୨୫/୧୮୦୬ | ଗୋଡା ଦୁଇ | ୦.୦୩ | ୦.୦୩ | ରାଫତ ନାଦିମ ସ୍ୱା- ମହମ୍ମଦ ଅଶରଫ ନଦିମ ଜା: ମୁସଲମାନ ବା: ରାଉରକେଲା ୟୁ ନଂ 35 ନାଲା ରୋଡ ଥାନା- ପ୍ଲାଣ୍ଟ ସାଇଟ |
| ୨୪ | ୬୬/୧୩୯୬ | ୨୫/୧୮୨୯ | ଗୋଡା ଦୁଇ | ୦.୦୩ | ୦.୦୩ | ହସିବୁର ରହମାନ ଶିକରେ ପି-ସବୁର ଅଲ୍ଲି ଜା: ମୁସଲମାନ ବା: ଘର ନଂ-୧୦, ସେକେଣ୍ଡ ଷ୍ଟୋର, ଉମର କଲୋନୀ, ରାଉରକେଲା-୧ ଥାନା- ପ୍ଲାଣ୍ଟ ସାଇଟ, ଜି-ସୁନ୍ଦରଗଡ |
| ୨୫ | ୬୬/୧୨୬୫ | ୨୫/୧୯୦୪ | ଗୋଡା ଦୁଇ | ୦.୦୩ | ୦.୦୩ | ଇସରତ ପରିୱିନ ସ୍ୱା-ଏମଡି ଇବରାର ଜା: ମୁସଲମାନ ବା-ନେରାଜ ସିଙ୍ଗସ ଟେଲର (ବିହାଇଣ୍ଡ ସିଂ ବିଲଡିଙ୍ଗ) ପୋ- ରାଉରକେଲା-୧ ଥାନା- ପ୍ଲାଣ୍ଟ ସାଇଟ, ଜି-ସୁନ୍ଦରଗଡ |
| ୨୬ | ୬୬/୧୨୨୫ | ୨୫/୨୧୫୯ | ଗୋଡା ଦୁଇ | ୦.୦୬ | ୦.୦୬ | ଏମଡି ଆବାସ ପି:ମହମ୍ମଦ ଆୟୁବ ଜା: ମୁସଲମାନ ବା: ଗୁଡଗୁଡଯୋର,ଥା-ବିଶ୍ରା, ଜି-ସୁନ୍ଦରଗଡ **(୨୦A ପ୍ରକାଶନ ପରେ କ୍ରେତା-ସମଦୁଦ ନିଶା ସ୍ୱା- ସ୍ୱର୍ଗତ ଅମିର ଅଂଶାରି ଜା: ମୁସଲମାନ ବା: ଗୁଡଗୁଡଯୋର,ଥା-ବିଶ୍ରା, ଜି-ସୁନ୍ଦରଗଡ)** |
| ୨୭ | ୬୬/୧୫୨୧ | ୫୬/୨୦୮୬ | ଗୋଡା ଦୁଇ (୨୦A ପ୍ରକାଶନ ପରେ କିସମ ପରିବର୍ତ୍ତନ) | ୦.୦୬ | ୦.୦୬ | ମସାରତ ସାହାନ ପି-ମନସୁର ଆଲାମ ଜା: ମୁସଲମାନ ବା: ଚେକଗେଟ ପାଖ, ବିଶ୍ରା ପୁରୁଣା ବିଶ୍ରା ଥାନା- ବିଶ୍ରା, ଜି-ସୁନ୍ଦରଗଡ |
| ୨୮ | ଦଲିଲ ସଂଖ୍ୟା ୧୦୩୧ ୨୩.୦୫.୮୪ | ୨୫ସ୍ମ/୮୯୯ | ଗୋଡା ଦୁଇ | ୦.୦୬ | ୦.୦୬ | ମହମ୍ମଦ ଆୟବ ପି: ନାସିରୁଦ୍ଦିନ ମିଆଁ, ଫରିଦ ଅନସାରି, ସଫିକ ଅନସାରି, ଫୁଲ ଖାତୁନ ପି-ଅବଦୁଲ ହମିଦ (ମାତା-ଆମନା ଖାତୁନ) ଖଦିଜା ଖାତୁନ ସ୍ୱା-ଅଜମତ ଅନସାରି, ସାହିଦ ଅନସାରି, ତାହିର ଅନସାରି, ଜାହିଦ ଅନସାରି, ତୋହିଦ ଅନସାରି, ତୌକିର ଅନସାରି, ଜାକିର ହୁସେନ, ଅଞ୍ଜୁମ, ରୁକସାନା ପି-ଅଜମତ ଅନସାରି, ଅଶରଫ ଅନସାରି, ଜାକିର ଅନସାରି ମାତା-ଜହିମନ ଖାତୁନ ବରକତ ଅନସାରି, ଶମଶେର ଅନସାରି, ନୁର ମହମ୍ମଦ ମୋବାରକ ଅନସାରି, ସାଇରୁନ ଖାତୁନ, ସୈମୁନ ଖାତୁନ ମାତା- ହଜିମନ ବିବି ସମଶୁନ ନିଶା, ଆବିଦ ହୁସେନ, କମରୁନ ନିଶା, ନଜମୁନ ନିଶା, ସକିଲା ଖାତୁନ, ସଫିରା ଖାତୁନ, ସବିଲା ଖାତୁନ, ଖାଲିଦ ଅନସାରି ପି-ଇଲାହି ମିଆଁ ଜା: ମୁସଲମାନ ବା: ନିଜଗାଁ କ୍ରେତା ମହମ୍ମଦ ମୁମତାଜ ଆଲାମ, ମହମ୍ମଦ ଇମତିଆଜ ଆଲାମ, ମହମ୍ମଦ ରିଆଜ ଆଲାମ ପି-ଅବଦୁଲ ଖାଲିକ ମହମ୍ମଦ ଫୈଜ ଆଲାମ ପି- ଅବଦୁଲ ବାରେସ ଜା: ମୁସଲମାନ ବା-ନାଲା ରୋଡ, ଉର୍ଦ୍ଦୁ ହାଇ ସ୍କୁଲ ଲେନ, ରାଉରକେଲା |
| ୨୯ | ଦଲିଲ ସଂଖ୍ୟା ୨୯୦ ୦୨.୦୩.୮୪ | ୨୫ସ୍ମ/୮୯୯ | ଗୋଡା ଦୁଇ | ୦.୦୬ | ୦.୦୬ | ମହମ୍ମଦ ଆୟବ ପି: ନାସିରୁଦ୍ଦିନ ମିଆଁ, ଫରିଦ ଅନସାରି, ସଫିକ ଅନସାରି, ଫୁଲ ଖାତୁନ ପି-ଅବଦୁଲ ହମିଦ (ମାତା-ଆମନା ଖାତୁନ) ଖଦିଜା ଖାତୁନ ସ୍ୱା-ଅଜମତ ଅନସାରି, ସାହିଦ ଅନସାରି, ତାହିର ଅନସାରି, ଜାହିଦ ଅନସାରି, ତୋହିଦ ଅନସାରି, ତୌକିର ଅନସାରି, ଜାକିର ହୁସେନ, ଅଞ୍ଜୁମ, ରୁକସାନା ପି-ଅଜମତ ଅନସାରି, ଅଶରଫ ଅନସାରି, ଜାକିର ଅନସାରି ମାତା-ଜହିମନ ଖାତୁନ ବରକତ ଅନସାରି, ଶମଶେର ଅନସାରି, ନୁର ମହମ୍ମଦ ମୋବାରକ ଅନସାରି, ସାଇରୁନ ଖାତୁନ, ସୈମୁନ ଖାତୁନ ମାତା- ହଜିମନ ବିବି ସମଶୁନ ନିଶା, ଆବିଦ ହୁସେନ, କମରୁନ ନିଶା, ନଜମୁନ ନିଶା, ସକିଲା ଖାତୁନ, ସଫିରା ଖାତୁନ, ସବିଲା ଖାତୁନ, ଖାଲିଦ ଅନସାରି ପି-ଇଲାହି ମିଆଁ ଜା: ମୁସଲମାନ ବା: ନିଜଗାଁ କ୍ରେତା ରେହେମତୁନ ନିଶା ଅନସାରି ପି-ମହମ୍ମଦ ଇଦରିଶ ଜା: ମୁସଲମାନ ବା- ବଣ୍ଡମୁଣ୍ଡା ଥାନା- ପ୍ଲାଣ୍ଟ ସାଇଟ, ଜି-ସୁନ୍ଦରଗଡ |
| ୩୦ | ୬୬/୫୮୦ | ୫୬/୧୪୧୬ | ଗୋଡା ଦୁଇ | ୦.୦୬ | ୦.୦୬ | ଉପଯୁକ୍ତ କାଗଜାତ ପ୍ରାପ୍ତ ହେଲା ପରେ ନିର୍ଣ୍ଣୟ କରାଯିବ |
| | | ୫୬/୧୪୧୬ | ଗୋଡା ଦୁଇ | ୦.୧୯ | ୦.୧୯ | |
| | | ୫୮ସ୍ମ | ଗୋଡା ଦୁଇ | ୦.୦୩ | ୦.୦୩ | |
| | | ମୋଟ | | | ୩.୦୧ | |

**C.A.L.A.-cum-Land Acquisition Officer**
**Sundargarh**



### ଆରଏସଏସ୍ ନେତାଙ୍କ ଟିପ୍ପଣୀ

## ଔରଙ୍ଗଜେବ ପ୍ରସଙ୍ଗ ଉଠାଇବା ଅନାବଶ୍ୟକ

ନାଗପୁର,୩୧।୩(ଏଜେନ୍ସି): ମୋଗଲ ଶାସକ ଔରଙ୍ଗଜେବଙ୍କ କବରସ୍ଥଳକୁ ନେଇ ଏବେ ମହାରାଷ୍ଟ୍ରରେ ବିବାଦ ଥମି ନାହିଁ । କିନ୍ତୁ ଏହାମଧ୍ୟରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ(ଆରଏସଏସ)ର ବରିଷ୍ଠ ନେତା ସୁରେଶ ଭୈୟାଜୀ ଯୋଶୀ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଅଯଥାରେ ଏହି ବିଷୟ ଉଠାଯାଉଛି। ଯେହେତୁ ଓରଙ୍ଗଜେବଙ୍କ ମୃତ୍ୟୁ ଭାରତରେ ହୋଇଥିଲା ତାଙ୍କ କବରସ୍ଥାନ ଏଠାରେ ନିର୍ମାଣ କରାଯାଇଛି। ଏଥିପ୍ରତି ଯାହାର ବିଶ୍ୱାସ ରହିଛି ସେ ଏଠାକୁ ଆସିବ। ଔରଙ୍ଗଜେବଙ୍କ କବରସ୍ଥଳକୁ ନେଇ ଲାଗି ରହିଥିବା ବିବାଦ ପ୍ରସଙ୍ଗରେ ନିକଟରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ୍) ପ୍ରମୁଖ ରାଜ ଥାକରେ ଯେଉଁ ଟିପ୍ପଣୀ କରିଥିଲେ ତାହାକୁ ନେଇ ଶ୍ରୀ ଯୋଶୀ ଏଭଳି କହିଛନ୍ତି। ରାଜ ଥାକରେ କହିଥିଲେ ଯେ, ଔରଙ୍ଗଜେବ ଛତ୍ରପତି ଶିବାଜୀ ମହାରାଜଙ୍କୁ ହତ୍ୟା କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ହେଲେ ବିଜାପୁର ଜେନେରାଲ ଅଫଜଲ ଖାନଙ୍କ ସ୍ମାରକ ପ୍ରତାପଗଡ଼ ଦୁର୍ଗ ନିକଟରେ ନିର୍ମାଣ କରାଯାଇଥିଲା। ଶିବାଜୀ ମହାରାଜଙ୍କ ବିନା ଅନୁମତିରେ କ'ଣ ଏହା ନିର୍ମାଣ ସମ୍ଭବ ଥିଲା କି ବୋଲି ରାଜ ଥାକରେ ପ୍ରଶ୍ନ କରିଥିଲେ। ଏହା ଶିବାଜୀ ମହାରାଜଙ୍କ ଉଦାରତା ଏବଂ ସମଭାବାପନ୍ନ ମାନସିକତାର ପ୍ରତୀକ। ତେଣୁ ଜାତି ,ଧର୍ମକୁ ନେଇ ରାଜନୀତି କରିବା ଉଚିତ ନୁହେଁ କି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିବା ଠିକ୍ ନୁହେଁ ବୋଲି ରାଜ ଥାକରେ କହିଥିଲେ।

### ଶାରୀରିକ ସ୍ୱତନ୍ତ୍ରତାକୁ ନେଇ ବମ୍ବେ ହାଇକୋର୍ଟଙ୍କ ରାୟ

## ୨୬ ସପ୍ତାହର ଗର୍ଭ ନଷ୍ଟ କରିବାକୁ ଅନୁମତି

ମୁମ୍ବାଇ,୩୧।୩(ଏଜେନ୍ସି): ମହିଳାଙ୍କୁ ଗର୍ଭଧାରଣ ସ୍ୱତନ୍ତ୍ରତା ଏବଂ ଶାରୀରିକ ସ୍ୱାୟତତା ଓ ପସନ୍ଦକୁ ନେଇ ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ରେବତୀ ମୋହିତ ଡେରେ ଏବଂ ଜଷ୍ଟିସ୍ ନୀଳା ଗୋଖଲେଙ୍କ ଖଣ୍ଡପୀଠ ଜଣେ ୩୨ ବର୍ଷୀୟା ମହିଳାଙ୍କ ଗର୍ଭପାତ ଆବେଦନକୁ ଶୁଣାଣି କରି ତାଙ୍କର ୨୬ ସପ୍ତାହର ଗର୍ଭକୁ ନଷ୍ଟ କରିବାକୁ ଅନୁମତି ଦେଇଛନ୍ତି। ମହିଳାମାନେ ନିଜ ପସନ୍ଦର ଘରୋଇ ହସ୍ପିଟାଲରେ ଗର୍ଭପାତ କରିପାରିବେ ବୋଲି ହାଇକୋର୍ଟ କହିଥିଲା ବେଳେ ଏହା ପୂର୍ବରୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୋର୍ଟରେ ଏକ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ ବୋଲି କହିଛନ୍ତି। ପୂର୍ବରୁ ମହିଳାମାନେ ଆଇନଗତ ଭାବେ ୨୪ ସପ୍ତାହରେ ଗର୍ଭପାତ କରିପାରୁଥିଲେ। ଏବେ କିନ୍ତୁ ବମ୍ବେ ହାଇକୋର୍ଟ ଏହି ଯାଚିକା ମାଧ୍ୟମରେ ମହିଳାଙ୍କ ଶାରୀରିକ ସ୍ଥିତିକୁ ଦେଖି ୨୬ ସପ୍ତାହରେ ଗର୍ଭପାତ ପାଇଁ ଅନୁମତି ଦେଇଛନ୍ତି।

### ଇରାନ-ଆମେରିକା ମଧ୍ୟରେ ଉତ୍ତେଜନା ବଢ଼ିଲା

## ଟ୍ରମ୍ପଙ୍କ ବୋମା ଧମକ ପରେ ଇରାନର କ୍ଷେପଣାସ୍ତ୍ର ସାଜସଜ୍ଜା



ତେହରାନ୍,୩୧।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନକୁ ନେଇ ଏବେ ଇରାନ ଏବଂ ଆମେରିକା ମଧ୍ୟରେ ତିକ୍ତତା ବଢିବା ସହିତ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାକୁ ଯାଉଛି। ଇରାନ ଯଦି ପରମାଣୁ ଚୁକ୍ତି ବୁଝାମଣା ନ କରେ ତେବେ ଇରାନ ଉପରେ ବୋମାମାଡ଼ କରାଯିବ ବୋଲି ଟ୍ରମ୍ପ ଦୁଇ ଦିନ ତଳେ କହିଥିଲା ବେଳେ ସୋମବାର ଏହାର ଦୃଢ ଜବାବ ରଖିଛନ୍ତି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ । ସେ କହିଛନ୍ତି ଯେ, ଆମେରିକା ଯଦି ସେଭଳି କିଛି ଦୁଃସାହାସ କରେ ତେବେ ଆମେ ଠିକଣା ଜବାବ ଦେବାକୁ ପ୍ରସ୍ତୁତ। ଆମେରିକା ଏବଂ ଇସ୍ରାଏଲ ପଟୁ ଇରାନ ପ୍ରତି ସବୁବେଳେ ବିପଦ ରହିଛି। ଏଭଳି ସ୍ଥଳେ ଆମକୁ ଆକ୍ରମଣ ଧମକ ଦେବାକୁ ମଧ୍ୟ ଆମେ ଗୁରୁତ୍ୱ ସହ ଗ୍ରହଣ କରୁ ନାହୁଁ। କିନ୍ତୁ ଯଦି ସେଭଳି କିଛି ହୁଏ ତେବେ ଇରାନ ତାହାର ଠିକଣା ଜବାବ ଦେବ ବୋଲି ଖାମନେଇ ସ୍ୱିଜରଲାଣ୍ଡ ଦୂତାବାସକୁ ସୂଚନା ଦେଇ କହିଛନ୍ତି। ଏହାପୂର୍ବରୁ ମଧ୍ୟ ଖାମନେଇ ଆମେରିକା ପ୍ରତି ସମାନ ଜବାବ ରଖିଥିଲେ। କିନ୍ତୁ ଏବେ ଟ୍ରମ୍ପ ଦେଇଥିବା ଧମକକୁ ନେଇ ଇରାନ ସାମରିକ ପ୍ରସ୍ତୁତି ଆରମ୍ଭ କରିଦେଇଥିବା କୁହାଯାଉଛି। ଏପରିକି ଆମେରିକାର ବିଭିନ୍ନ ଠିକଣାକୁ ନିଶାଣ କରି ଇରାନ ସେନା ନିଜର କ୍ଷେପଣାସ୍ତ୍ର ପ୍ରସ୍ତୁତ କରିଥିବା କୁହାଯାଉଛି। ଏଭଳି ସ୍ଥଳେ ମଧ୍ୟପ୍ରାଚ୍ୟରେ ପୁଣି ଏକ ବଡ଼ ବିବାଦ ମୁଣ୍ଡ ଟେକିବାକୁ ଯାଉଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଇରାନ ପରମାଣୁ ଚୁକ୍ତି ସ୍ୱାକ୍ଷର ନ କଲେ ବୋମାମାଡ଼ କରାଯିବ ବୋଲି ଟ୍ରମ୍ପ ରବିବାର ଧମକ ଦେବା ସହିତ ସ୍ଥିତି ଅକଳ୍ପନୀୟ ହେବ କହିଥିଲେ। ସେତିକି ନୁହେଁ, ୪ ବର୍ଷ ପୂର୍ବରୁ ସେ ଇରାନ ବିରୋଧରେ ଯେଭଳି କଟକଣା ଲାଗାଇଥିଲେ ତା' ଠାରୁ ଆହୁରି କଠୋର କଟକଣା ଲଗାଇବେ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଆମେରିକା ସହ ପ୍ରତ୍ୟକ୍ଷ ଭାବେ ବୁଝାମଣା କରିବା ସମ୍ଭବ ନୁହେଁ ବୋଲି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଥିଲେ। ଆବଶ୍ୟକ ପଡ଼ିଲେ ଓମାନ ମଧ୍ୟସ୍ଥତାରେ ଆଲୋଚନା କରାଯାଇପାରେ ବୋଲି ସେ କହିଥିଲେ। ଏହାର ଦିନକ ପରେ ଖାମନେଇ ଆମେରିକା ପ୍ରତି ଏହି ଜବାବ ରଖିଛନ୍ତି।

### ପାକିସ୍ତାନରେ ପୁଣି ଅଜ୍ଞାତ ବନ୍ଧୁଧାରୀ ସକ୍ରିୟ

## ହାଫିଜ୍ ସୟିଦ ଘନିଷ୍ଠଙ୍କୁ ଗୁଳିକରି ହତ୍ୟା



ଇସଲାମାବାଦ,୩୧।୩(ଏଜେନ୍ସି): ପାକିସ୍ତାନରେ ଭାରତ ବିରୋଧୀ ଆତଙ୍କବାଦୀ ଏବଂ ଅନ୍ୟ ଗୋଷ୍ଠୀଙ୍କ ବିରୋଧରେ ଅଜ୍ଞାତ ବନ୍ଧୁକଧାରୀ ପୁଣି ସକ୍ରିୟ ହୋଇଛନ୍ତି। ସୋମବାର ଇଦ୍ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିଲା ବେଳେ କରାଚୀରେ ଲସ୍କର-ଏ-ତୋଏବା ଆତଙ୍କବାଦୀ ସଂଗଠନ ମୁଖ୍ୟ ହାଫିଜ୍ ସୟିଦ୍‌ର ପ୍ରମୁଖ ସହଯୋଗୀ ଅବଦୁଲ ରେହମାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଅବଦୁଲ ହାଫିଜ୍ ସୟିଦର ଅତ୍ୟନ୍ତ ଘନିଷ୍ଠ ରହିବା ସହିତ ଲସ୍କର ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲା। ଏହାବ୍ୟତୀତ ଅବଦୁଲ ରେହମାନ ଅହଲ-ଏ-ସୁନ୍ନତ ୱାଲ ଜମାତର ସ୍ଥାନୀୟ ନେତା ଭାବେ କାର୍ଯ୍ୟ କରିବା ସହିତ ଏଜେଣ୍ଟଙ୍କ ଜରିଆରେ ପାଣ୍ଠି ସଂଗ୍ରହ କରୁଥିଲା। ତେବେ ସେ ନିଜ କାର୍ଯ୍ୟାଳୟରେ ଥିବା ବେଳେ ଜଣେ ଅଜଣା ବନ୍ଧୁକଧାରୀ ଅତର୍କିତ ଗୁଳି କରିବାରୁ ତା'ର ମୃତ୍ୟୁ ହୋଇଥିବା କୁହାଯାଇଛି। ଅଜ୍ଞାତ ବନ୍ଧୁକଧାରୀ ଜଣକ ଅବଦୁଲ ଉପରକୁ ଗୁଳି କରୁଥିବାର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ଏହାପୂର୍ବରୁ ହାଫିଜ୍ ସୟିଦର ଅନ୍ୟତମ ଘନିଷ୍ଠ ସହଯୋଗୀକୁ ମଧ୍ୟ କିଛି ଦିନ ତଳେ ହତ୍ୟା କରାଯାଇଥିଲା। ଗତ ୧୬ ତାରିଖରେ ଆବୁ କତଲକୁ ଜଣେ ଅଜ୍ଞାତ ବନ୍ଧୁକଧାରୀ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲା। ଆବୁ ଜମ୍ମୁ କଶ୍ମୀରର ବିଭିନ୍ନ ସ୍ଥାନରେ ଆତଙ୍କବାଦ କାର୍ଯ୍ୟ ବଢାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଯେଉଁଥିପାଇଁ ସେ ଭାରତ ସରକାରଙ୍କ ପକ୍ଷରୁ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଘୋଷିତ ହୋଇଥିଲା।

## ମୋଦୀଙ୍କ ଆରଏସଏସ୍ ମୁଖ୍ୟାଳୟ ଗସ୍ତକୁ ନେଇ ଜୋର୍‌ଦାର୍ ରାଜନୀତି

ମୁମ୍ବାଇ,୩୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନାଗପୁର ଗସ୍ତ କରିବା ସହିତ ଏହି ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ୍) ମୁଖ୍ୟାଳୟ ପରିଦର୍ଶନ କରିଥିଲେ। କିନ୍ତୁ ତାଙ୍କର ଏହି ଗସ୍ତକୁ ୨୪ ଘଣ୍ଟା ନ ପୂରୁଣୁ ଜୋରଦାର ରାଜନୀତି ଆରମ୍ଭ ହୋଇଯାଇଛି। ମୋଦୀ ପ୍ରଧାନମନ୍ତ୍ରୀ ହେବାର ୧୨ ବର୍ଷ ପରେ ଆରଏସଏସ୍ ମୁଖ୍ୟାଳୟକୁ ଯିବା ନେଇ ଗତକାଲି ବିଭିନ୍ନ ମହଲରେ ଆଲୋଚନା ହୋଇଥିଲେ ହେଁ ସୋମବାର ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଦେଇଥିବା ବୟାନ ଏହି ପ୍ରସଙ୍ଗକୁ ଆହୁରି ରୋଚକ କରିଛି। ମୋଦୀଙ୍କ ଏହି ଗସ୍ତ ତାଙ୍କର ଅବସରକୁ ନେଇ ରହିଥିଲା ବୋଲି ସଞ୍ଜୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ନାଗପୁର ଗସ୍ତ ସମୟରେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ ଭେଟି ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। କୌଣସି ବିଜେପି ନେତା ୭୫ ବର୍ଷ ବୟସରେ ପଦାର୍ପଣ କଲେ ସକ୍ରିୟ ରାଜନୀତିରୁ ଦୂରେଇବା ନିୟମ ରହିଛି। ଆଗାମୀ ସେପ୍ଟେମ୍ବର ମାସରେ ମୋଦୀଙ୍କୁ ୭୫ ବର୍ଷ ହେବାକୁ ଯାଉଥିବାରୁ ସେ ଏହି ମାସରେ ହିଁ ଅବସର ନେବାକୁ ଯାଉଛନ୍ତି ବୋଲି ସଞ୍ଜୟ କହିଛନ୍ତି। କେବଳ ସେତିକି ନୁହେଁ, କେନ୍ଦ୍ରୀୟ ନେତୃତ୍ୱରେ ପରିବର୍ତ୍ତନ

**ସେପ୍ଟେମ୍ବରରେ ଅବସର ନେବେ ମୋଦୀ: ସଞ୍ଜୟ ରାଉତ**

**୨୦୨୯ ରେ ପୁଣି ପ୍ରଧାନମନ୍ତ୍ରୀ ହେବେ: ଫଡ଼ନଭିସ୍**



ପାଇଁ ଆରଏସଏସ୍ ଚାହୁଁଛି ଏବଂ ସେଥିପାଇଁ ମୋଦୀ ଅବସର ନେବାକୁ ଯାଉଛନ୍ତି। ଏଥିନେଇ ଆରଏସଏସ୍ ନେତାଙ୍କ ସହ ମୋଦୀଙ୍କ ରୁଦ୍ଧଦ୍ୱାର ବୈଠକ ହୋଇଛି। ପରବର୍ତ୍ତୀ ନେତୃତ୍ୱ କାହା ହାତରେ ରହିବ ତାହା ଆରଏସଏସ୍ ନିଷ୍ପତ୍ତି ନେବା ସହିତ ଏହି ନେତା ଜଣକ ମହାରାଷ୍ଟ୍ରରୁ ମନୋନୀତ ହେବେ ବୋଲି ମଧ୍ୟ ସଞ୍ଜୟ କହିଛନ୍ତି।

ଅନ୍ୟପକ୍ଷରେ ସଞ୍ଜୟଙ୍କ ଏଭଳି ଟିପ୍ପଣୀକୁ ନେଇ ବିଜେପି ଦୃଢ ବିରୋଧ କରିବା ସହିତ ସମାଲୋଚନା କରିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ସଞ୍ଜୟଙ୍କ ଆକଳନକୁ ଖାରଜ କରି କହିଛନ୍ତି ଯେ ମୋଦୀ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଦେଶକୁ ନେତୃତ୍ୱ ଦେଇ ଚାଲିବେ। ଏପରିକି ୨୦୨୯ ରେ ମଧ୍ୟ ମୋଦୀ ପୁଣି ପ୍ରଧାନମନ୍ତ୍ରୀ ହେବେ ଏବଂ ଏହାକୁ ଦେଶବାସୀ ଦେଖିବାକୁ ଚାହାନ୍ତି ବୋଲି ସେ କହିଛନ୍ତି। କିନ୍ତୁ ସଞ୍ଜୟ ଯେଭଳି ବୟାନବାଜି କରିଛନ୍ତି ତାହା ଭାରତୀୟ ସଂସ୍କୃତି ବିରୋଧୀ। କାରଣ ଜଣେ ନେତା ସକ୍ରିୟ ରହିଥିଲା ବେଳେ ତାଙ୍କ ଉତ୍ତରାଧିକାରୀ ଖୋଜା ଯାଏ ନାହିଁ। ଯଦି ଜଣେ ବାପା ଜୀବିତ ଥାଆନ୍ତି ସେଠାରେ କ'ଣ ତାଙ୍କ ଉତ୍ତରାଧିକାରୀ ଖୋଜା ଯାଏ କି ବୋଲି ଫଡ଼ନଭିସ୍ ପ୍ରଶ୍ନ କରିଛନ୍ତି। ଏହା କେବଳ ମୋଗଲ ସଂସ୍କୃତିରେ ସମ୍ଭବ ବୋଲି ସେ କହିଛନ୍ତି।

## କୁମାରୀତ୍ୱ ପରୀକ୍ଷା ପାଇଁ ମହିଳାଙ୍କୁ ବାଧ୍ୟ କରାଯାଇପାରିବନି: ହାଇକୋର୍ଟ

ରାୟପୁର,୩୧।୩(ଏଜେନ୍ସି): ମହିଳାମାନଙ୍କ କୁମାରୀତ୍ୱ ପରୀକ୍ଷା କରିବା ସମ୍ଭବ ନୁହେଁ କିମ୍ବା ସେମାନଙ୍କୁ ଏଥିପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଛତିଶଗଡ଼ ହାଇକୋର୍ଟ କହିଛନ୍ତି। ସମ୍ବିଧାନ ଧାରା ୨୧ ଅନୁସାରେ ମହିଳାଙ୍କୁ ସେମାନଙ୍କ ସ୍ୱାଧୀନତା ଏବଂ ସୁରକ୍ଷାକୁ ନେଇ ଅଧିକାର ଦିଆଯାଇଛି। ଯଦି ମହିଳାଙ୍କୁ କୁମାରୀତ୍ୱ ପରୀକ୍ଷା କରିବାକୁ ବାଧ୍ୟ କରାଯାଏ ତେବେ ଏହା ସେମାନଙ୍କ ମୌଳିକ ଅଧିକାର ଏବଂ ସ୍ୱତନ୍ତ୍ରତା କ୍ଷୁଣ୍ଣ କରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଠାରେ ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇ ସେ ଅନ୍ୟ ପୁରୁଷ ସହ ଯୌନ ସମ୍ପର୍କରେ ଲିପ୍ତ ରହିଥିବା ଅଭିଯୋଗ କରିଥିଲେ। ଏହାପରେ ସେ ନିମ୍ନ ଅଦାଲତରେ ଏନେଇ ମାମଲା ଦାଏର କରିବା ସହିତ ପତ୍ନୀଙ୍କ କୁମାରୀତ୍ୱ ପରୀକ୍ଷା ପାଇଁ ଯାଚିକା ଦାଏର କରିଥିଲେ। କିନ୍ତୁ ଅଦାଲତ ଏହାକୁ ଖାରଜ କରିବା ପରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଉପରୋକ୍ତ ଟିପ୍ପଣୀ କରିଛନ୍ତି।

DADLS-08



ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
ସ୍ଥାନ–ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର–କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୋସ, ବିଧାୟିକା, ବାରବାଟୀ–କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ଗରିମାମୟ ଉପସ୍ଥିତି –
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ମୁଖ୍ୟବକ୍ତା –
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ


ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0488/2425

## ଇଦ୍-ଉଲ୍-ଫିତର୍ ପାଳିତ

# ଜାମା ମସ୍‌ଜିଦ ଓ ଇଦ୍‌ଘା'ରେ ସମୂହ ନମାଜ ପାଠ





**ଭଦ୍ରକ/ଧାମନଗର/ବନ୍ତ/ଆଗରପଡ଼ା, ୩୧।୩ (ସମିସ):** ଉତ୍ସାହର ସହ ଭଦ୍ରକ ସହରରେ ସୋମବାର ପବିତ୍ର ଇଦ-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣା ବଜାରସ୍ଥିତ ଜାମା ମସଜିଦରେ ସକାଳ ୯-୧୫ ମିନିଟ ଓ କୁଆଁସ କଦମ୍ବବେଢ଼ାସ୍ଥିତ ଇଦଗା ମଇଦାନରେ ସକାଳ ୯-୩୦ ମିନିଟ ସମୟ ସମେତ ଛଡାକ ମହଲ୍ଲା, କାଜି ମହଲ୍ଲା, ବଡ଼/ସାନ ଶଙ୍କରପୁର, ମିର୍ଜାପୁର, ଅଲାଲପୁର, ଦୁର୍ଗାପୁର, ଶେଖସାହି, ନଂଘା ମହଲ୍ଲା, ହଜାରୀ ନଗର, ସାହାପୁର, ଏଲଖା, ଚରମ୍ପା, ବାଇପାସ ସହିତ ଗ୍ରାମାଞ୍ଚଳର ମସଜିଦ, ପ୍ରାୟ ୬୩ଟି ମସଜିଦରେ ମଧ ହଜାର ହଜାର ସଂଖ୍ୟାରେ ଇସଲାମ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟରେ ସମୂହ ନମାଜ ପାଠ କରିଥିଲେ। ଜାମା ମସଜିଦରେ ହାଫିଜ୍ ମହମ୍ମଦ ସାଦିକ ହୋସେନ ଓ ଇଦଘାରେ ମୌଲାନା ଫଜ୍‌ଲେ ହକ ଖାନ ମୁସଲମାନ ଧର୍ମାବଲମ୍ବୀଙ୍କୁ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜ ପାଠ ପରେ ଉଭୟ ହିନ୍ଦୁ ଭାଇ, ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ ମୋବାରକ ଜଣାଇଥିଲେ। ରୋଜା ଅର୍ଥ କେବଳ ଦିନସାରା ଭୋକିଲା ରହିବା ନୁହେଁ, ବରଂ ଆତ୍ମା ମଧ ଈଶ୍ୱରଙ୍କ ସାନିଧ ଲାଭ ପାଇଁ କ୍ଷୁଧାର୍ଥ ରହିଥାଏ ଏବଂ ଇଦ ପର୍ବ ଖୁସି, ତ୍ୟାଗ, ଦାନ, ପ୍ରୀତି, ଶାନ୍ତିଶୃଙ୍ଖଳା ସହ ଭାଇଚାରା ସହିତ ପର୍ବ ପାଳନକୁ ଇଦ ପର୍ବ କୁହାଯାଏ ବୋଲି ମୁସଲିମ ଜମାତର ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର (ବାବୁ) ନମାଜ ପାଠ ପରେ କହିଛନ୍ତି। ଚନ୍ଦ୍ର ଦର୍ଶନର ସାହାଦାତ ଖବର ରାତ୍ରି ପ୍ରାୟ ୧୨ଟା ପରେ ଆସିଲା ପରେ ଭଦ୍ରକ ମୁସଲିମ ଜମାତ ହଲାଲ କମିଟି ଘୋଷଣା କରାଯାଇଛି। ପବିତ୍ର ଦିବସ ପାଇଁ ସହର ଓ ଗ୍ରାମାଞ୍ଚଳର ସମସ୍ତ ମସଜିଦକୁ ବିଭିନ୍ନ ଆଲୋକମାଳାରେ ସଜାଯାଇଥିବା ଦେଖିବାକୁ ମିଳିଥିଲା। ଇଦଘାଠାରେ ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ସମ୍ପାଦକ ଶେଖ ସିରାଜୁଦ୍ଦିନ, ଜମିଲ ଅଖତର ଖାନ, ଅସରଫ ଅଲି ଖାନ, ମିର୍ଜା ଏକ୍ରାମ ବେଗ, ଅଖତର ଖାନ ଓ ହାଜି କୈୟୁମ ପ୍ରମୁଖ ଉପସ୍ଥିତ ରହିଥିଲେ। ଜାମା ମସଜିଦଠାରେ ମସଜିଦ କମିଟିର ସଭାପତି ହାଜି କାସିମ ଖାନ, ସମ୍ପାଦକ ଶେଖ ହାଫିଜୁଲ୍ଲା, ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶେଖର ମହାପାତ୍ର, ପୂର୍ବତନ ସାଂସଦ ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯୁବନେତା ଅସିତ ପଟ୍ଟନାୟକ, ଯୁବନେତା ନଳିନୀ ମହାନ୍ତି, ସୁଧାକର ରାଉତ, ଅତୀଶ ବେହେରା, ସମାଜସେବୀ ବିଦ୍ୟାଧର ସାହୁ ଓ ଦିଲୀପ ନାୟକ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନୁରୂପ ଭଦ୍ରକ ଏସପି ମାଡକର ସନ୍ଦୀପ ସମ୍ପତ, ଅତିରିକ୍ତ ଏସପି ଡିଆଇବି ଅଂଶୁମାନ ଦ୍ୱିବେଦୀ, ସିଟି ଡିଏସପି ସମ୍ବିତ ମାଝୀ ଓ ଥାନାଧିକାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଇଦ-ଉଲ-ଫିତର ପାଳନ ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ଧାମନଗର ବ୍ଲକ ଓ ସହରାଞ୍ଚଳରେ ପବିତ୍ର ଇଦ-ଉଲ ଫିତର ପର୍ବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଇଦଗା ମଇଦାନରେ ସକାଳ ୮ଟା ସମୟରେ ହଜାର ହଜାର ମୁସଲମାନ ଭାଇ ଏକତ୍ରିତ ହୋଇ ସମୂହ ନମାଜ ପଢିଛନ୍ତି। ଖାନକା ସରିଫ ମତୱଲ୍ଲୀ ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବି ସମୂହ ନମାଜ ପାଠ ପଢାଇଛନ୍ତି। ପରେ




ମତୱଲ୍ଲୀ ବାବାଙ୍କୁ ଇଦଗାଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା ସହିତ ଖାନକା ସରିଫ ନିଆଯାଇଥିଲା। ସେଠାରେ ପୀର ବାବା ହୋଜୁର ମୁଜାହିଦ୍-ଏ-ମିଲ୍ଲତଙ୍କ ଆସ୍ଥାନରେ ପହଞ୍ଚି ଭକ୍ତ ଓ ଶ୍ରଦ୍ଧାଳୁମାନେ ପୀରବାବାଙ୍କୁ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁସଲମାନ ଭାଇମାନେ କାନ୍ଧକୁ କାନ୍ଧ ମିଶାଇ ପରସ୍ପରକୁ ଇଦ୍ ମୁବାରକ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଏକ ମାସ ଧରି ରମଜାନ ମାସରେ ନିଷ୍ଠାର ସହ (ରୋଜା) ଉପବାସ କରିଥାନ୍ତି। ଜହ୍ନ ଦେଖିବା ପରେ ନୂତନ ବସ୍ତ୍ର ପରିଧାନ କରି ଇଦ୍ ପର୍ବ ପାଳନ କରନ୍ତି। ଏହି ପରିପ୍ରେକ୍ଷୀରେ ନିଜ ପାଖରେ ଗଚ୍ଛିତ ଥିବା ଧନ ସମ୍ପତ୍ତି, ସୁନା, ରୁପା ଗହଣା ଓ ଟଙ୍କା ଏବଂ ନିଜ ନିଜର ମୁଣ୍ଡ ପିଛା ଏକ ବର୍ଷର ଇସଲାମିକ ନିୟମ ଅନୁଯାୟୀ କିଛି ବ୍ୟବଧାନ ହିସାବରେ ଜକାତ ଓ ଫିତରା ବାହାର କରି ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଓ ଲୁଗା ବଣ୍ଟନ ସହ ମସଜିଦ ଓ ମଜାର ସରିଫକୁ ଅର୍ଥ ଦାନ କରାଯାଇଥାଏ। ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ଇଦ୍ ପର୍ବ ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ଥିଲେ। ଧାମନଗର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବିଜେଡି ନେତା ଲମ୍ବୋଦର ଜେନା, ଭାରତ ବିଜୟ ଦଳାଇ, ଉମେଶଚନ୍ଦ୍ର ମହାନ୍ତି, ସୁଶାନ୍ତ ରାଉତ, କଂଗ୍ରେସ ନେତା ବାବା ହରେକୃଷ୍ଣ ସେଠୀ, ପ୍ରସନ୍ନ ଧଳଙ୍କ ସମେତ ବହୁ ଦଳୀୟ ନେତା ଓ ସଂଗଠକ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳର ମୁସ୍ତାଫାପୁର, ଦୋବଲ, ଚୁଡାକୁଟି, ବୟାଙ୍ଗଡିହ, ପିତେଇପୁର, ନଦୀଗାଁ, ପଦ୍ଦରବାଟିଆ ଆଦି ସ୍ଥାନରେ ଇଦ୍ ପର୍ବ ପାଳନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଥାନାଧିକାରୀ ଗୋପାଳକୃଷ୍ଣ ଜେନା, ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନ ଓ ଛକ ବଜାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ମୁସଲିମ୍ ସଂପ୍ରଦାୟର ମହାନ ପର୍ବ ଇଦ୍ ଆଗରପଡ଼ାଠାରେ ପାଳନ କରାଯାଇଛି। ବିଭିନ୍ନ ସ୍ଥାନରେ ଥିବା ଇଦଗା ଓ ମସଜିଦକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ମାସେ କାଳ ରୋଜା ପାଳନ ପରେ ସମୂହ ନମାଜ ପାଠ କରିଥିଲେ। ନୂଆବସ୍ତ୍ର ପରିଧାନ ପୂର୍ବକ ମିଷ୍ଟାନ୍ନ ବଣ୍ଟନ କରି ଅନ୍ୟମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ଯୁବନେତା ସତ୍ୟ ସାଧନ ବେଜ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିଜେପି ଡ. ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖ ସ୍ଥାନୀୟ ପୁରୁଷଣ୍ଡ, ଚାରିଘରିଆ, ଘଣ୍ଟଗଡ଼ିଆ ଆଦି ସ୍ଥାନକୁ ଯାଇ ମୁସଲିମ ଭାଇଙ୍କୁ ଇଦ ମୁବାରକ ଜଣାଇଥିଲେ।




## ନଦୀ ଆଡ଼ିବନ୍ଧ ନିର୍ମାଣକୁ ନେଇ ଅସନ୍ତୋଷ

**ଦୋବଲ, ୩୧।୩(ସମିସ):** ଧାମନଗର ବ୍ଲକକୁ ବନ୍ୟା ଯାତନା ଦେବାକୁ ଯାଜପୁର ଜଳସେଚନ ବିଭାଗର ବିରାଟ ଷଡ଼ଯନ୍ତ୍ର। ଏମିତି ଏକ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି, ଯାହାଦ୍ୱାରା ଧାମନଗର ବ୍ଲକର ୧୦ରୁ ଅଧିକ ପଞ୍ଚାୟତ, ତିହିଡ଼ି ଓ ଚାନ୍ଦବାଲିର ଅର୍ଦ୍ଧାଧିକ ଗାଁ ଜଳମଗ୍ନ ହେବ ବୋଲି ଧାମନଗରବାସୀ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ଜୟନ୍ତରା ଓ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଗୌରାଙ୍ଗପୁରକୁ ଯୋଡ଼ିବା ଲାଗି ହୋଇଥିବା ପୋଲ ପାଖରୁ ଯାଜପୁର ପଟେ ଏକ ଘେରିବନ୍ଧ ନିର୍ମାଣ କରାଯାଉଛି। ଏହି ଘେରି ବନ୍ଧଟି ପୋଲର ଆପ୍ରୋଚ ରୋଡକୁ ଲାଗିକି ଆରମ୍ଭ ହୋଇଛି। ବୈତରଣୀ ନଦୀ ପଠାରେ ପାଣି ଧାରେ ଧାରେ ପୂର୍ବ ଦିଗକୁ ପ୍ରାୟ ୨୦୦ ମିଟର ଯାଏ ତିଆରି ଆରମ୍ଭ ହୋଇଛି। ଏହା ଜୟନ୍ତରା ଗାଁକୁ ସୁରକ୍ଷା ଦେଇ କୋଚିଲା ବ୍ୟାରେଜ ଯାଏ ଲମ୍ବିବ ବୋଲି କୁହାଯାଉଛି। ପ୍ରାୟ ଦେଢ଼ କିଲୋମିଟର ଲମ୍ବର ବନ୍ଧ ନିର୍ମାଣ କରିବାକୁ ଯୋଜନା ହୋଇଛି।



କିଛିଦିନ ହେଲା କାମ ଆରମ୍ଭ ହୋଇଥିବାବେଳେ ଧାମନଗର ପଟେ ଥିବା ପଞ୍ଚାୟତର ଲୋକେ ଏବେ ଜାଣିବାକୁ ପାଇଲେ। ଆଉ ଘଟଣାସ୍ଥଳରେ ପହଞ୍ଚି ବିରୋଧ ମଧ୍ୟ କରିଥିଲେ। ଏପଟରୁ ଶତାଧିକ ଲୋକ ଯାଇ କାମକୁ ବିରୋଧ କରିବାରୁ ଘଟଣାସ୍ଥଳରେ ହୋ ହଲ୍ଲା ମଧ ହୋଇଥିଲା। ତେବେ କେଉଁ ପ୍ରକଳ୍ପ, କେବେ ଏହା ମଞ୍ଜୁର ହୋଇଥିଲା, ସେନେଇ ଯାଜପୁର ଜଳସଂପଦ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିଥିଲେ ବି ସେ କିଛି ଉତ୍ତର ଦେଇ ନଥିଲେ। ତେବେ, ଏହି ଘେରିବନ୍ଧ ହେବା ଫଳରେ ଜୟନ୍ତରା ଗାଁର ୧୦ରୁ ୧୫ ଘର ବନ୍ୟା ଦାଉରୁ ମୁକ୍ତି ପାଇବେ। ହେଲେ ବୈତରଣୀ ନଦୀର ବଙ୍କାଣି ପାଖରେ ଥିବା ଏ ଅଞ୍ଚଳଟି ବିରାଟ ବନ୍ୟା ପ୍ଲାବିତ ଅଞ୍ଚଳ। ବନ୍ୟା ସମୟରେ ଲକ୍ଷ ଲକ୍ଷ କ୍ୟୁସେକ ପାଣି ଏଠାରେ ମାଡ଼ିଯାଇଥାଏ। ଏବେ ବନ୍ଧ ହେବା ଦ୍ୱାରା ବନ୍ୟା ଜଳ ଆଉ ସେ ଅଞ୍ଚଳକୁ ପଶିବ ନାହିଁ; ଅର୍ଥାତ ଫ୍ଲଡ ପ୍ଲେନ ଏରିଆ ହ୍ରାସ ପାଇବ। ଯାହା ଫଳରେ ତତକ୍ଷଣାତ ପ୍ରଭାବ ବୈତରଣୀର ବାମପାର୍ଶ୍ୱରେ ଥିବା ଧାମନଗର ବ୍ଲକର ସୋହଡ଼ା ପଞ୍ଚାୟତ, ଗୌରାଙ୍ଗପୁର, ପଧାନି ଉପରେ ପଡ଼ିବ। ସେପଟରୁ ପାଣି ଏପଟକୁ ଠେସ ମାରିବ। ଏହା ଫଳରେ ଗୌରାଙ୍ଗପୁର ଏସକେପରେ ନିର୍ମାଣାଧିନ କଂକ୍ରିଟ ବନ୍ଧ ଭାଙ୍ଗିବା ସହ ଏସକେପ ମାଧ୍ୟମରେ ଭିତରକୁ ପାଣି ପଶିବ। ନ ହେଲେ ଅନ୍ୟ କୌଣସି ଜାଗାରେ ବନ୍ଧ ଭାଙ୍ଗିବ। ଧାମନଗର ପଟରେ ଥିବା ବନ୍ଧଗୁଡ଼ିକ ଯାଜପୁର ତୁଳନାରେ ସେତେ ସୁଦୃଢ଼ ନୁହଁ। ଏଣୁ ପାଣିର ଚାପ ବଢ଼ିଲେ ଧାମନଗର ପଟେ ବନ୍ଧ ଭାଙ୍ଗିବା ଆଶଙ୍କା ରହିଛି। କୌଣସି ସ୍ଥାନରେ ବନ୍ଧ ଭାଙ୍ଗିଲେ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ପଧାନି, ଧୂଷୁରୀ, ଅର୍ଜୁନମପୁର, ହସନାବାଦ ଆଦି ପଞ୍ଚାୟତ କ୍ଷତିଗ୍ରସ୍ତ ହେବ। ଭଦ୍ରକ ଜିଲ୍ଲାର ଧାମନଗର ଅଞ୍ଚଳରେ ଥିବା ବୈତରଣୀ ଅବବାହିକା ଅଂଚଳର ବନ୍ଧବାଡ଼ ସୁରକ୍ଷା ଦାୟିତ୍ୱ ରହିଛି ଯାଜପୁର ଜଳସଂପଦ କାର୍ଯ୍ୟାଳୟ ଅଧିନରେ। ସେହି ଗୋଟିଏ କାର୍ଯ୍ୟାଳୟ ୨ଟି ଜିଲ୍ଲାର ବନ୍ୟା ନିୟନ୍ତ୍ରଣ ଓ ଜନ ସୁରକ୍ଷା କଥା ବୁଝୁଛି। ହେଲେ କାର୍ଯ୍ୟାଳୟଟି ଯାଜପୁରରେ ଥିବାରୁ ସେଠାକାର ଲୋକଙ୍କର ପ୍ରଭାବ ଓ ଚାପ ଯୋଗୁଁ ଅଫିସରମାନେ ଧାମନଗରକୁ ବିପଦରେ ପକାଇ ଯାଜପୁରର ସୁରକ୍ଷା ପାଇଁ କାମ କରୁଥିବା ଅଭିଯୋଗ ହେଉଛି।

## ସୂଚନା ଲୋକସମ୍ପର୍କ ଅଧିକାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**ଭଦ୍ରକ/ଅସୁରାଳି, ୩୧।୩ (ସମିସ):** ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ଅବସର ଗ୍ରହଣ ଉପଲକ୍ଷେ ସଂସ୍କୃତି ଭବନଠାରେ କାର୍ଯ୍ୟରତ ସାମ୍ବାଦିକଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଲେ, ଆଦର୍ଶ ଓ କର୍ମନିଷ୍ଠ ମଣିଷ ଭାବରେ ଶ୍ରୀ ନାୟକ ନିଜର ଦାୟିତ୍ୱ ସୁଚାରୁରୂପେ ସଂପନ୍ନ କରିଛନ୍ତି। ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟର ଗବେଷକ ଡ. ଶଶଧର ଦାସ ଶ୍ରୀ ନାୟକଙ୍କୁ ଜଣେ ସଚ୍ଚୋଟ ଅଧିକାରୀ ବୋଲି ଦର୍ଶାଇଥିଲେ। ସାମ୍ବାଦିକ, ଆଇନଜୀବୀ ଅତିଶ କୁମାର ବେହେରା ସଭାପତିତ୍ୱ କରିଥିବାବଳେ ମଞ୍ଚ ପରିଚାଳନା କରିଥିଲେ ସମ୍ବାଦିକ ରବିନାରାୟଣ ଖିଲାର। ଶ୍ରୀ ନାୟକଙ୍କ ସହ ତାଙ୍କ ଧର୍ମପତ୍ନୀ, ପରିବାର ବର୍ଗଙ୍କୁ ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାୟ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଡିଆଇପିଆରଓ କାର୍ତ୍ତିକନାଥ ମଣ୍ଡଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ସାମଲ, ସଂସ୍କୃତି ଅଧିକାରିଣୀ ତନୁଜା ସିର୍ଜା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରତାପ ଦାସ, ପ୍ରମୋଦ ରାୟ, ସ୍ମୃତିରଂଜନ ସାହୁ, ନରେନ୍ଦ୍ର ସାମଲ, ପାର୍ଥସାରଥୀ ନାୟକ, ରୂପକ ରାୟ, ତପନ ପ୍ରଧାନ, ପ୍ରିୟଦର୍ଶିନୀ ବୋଇତି, ସନାତନ ରାଉତ, ପ୍ରଭାତ ଦାସ ପ୍ରମୁଖ ଶ୍ରୀ ନାୟକଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ସଂପର୍କରେ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ସମ୍ବାଦିକ ଗୌରହରି ନାୟକ ମାନପତ୍ର ପାଠ କରିଥିବାବେଳେ ସଂଜୀବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ଧୂଷୁରୀ ପ୍ରେସ ୟୁନିୟନ ଶ୍ରୀ ନାୟକଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥଶଙ୍କର ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଭାତ ଦାସ, ଗୌରହରି ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ଉପଦେଷ୍ଟା କାହ୍ନୁଚରଣ ପଣ୍ଡା, ଅବସରପ୍ରାପ୍ତ ଅଧାପକ ଅନିଲ କୁମାର ରାଉତ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ ପାଳିତ



**ଭଦ୍ରକ, ୩୧।୩(ସମିସ):** ସୃଷ୍ଟି ନିର୍ମାଣର ପ୍ରଥମ ଦିବସ ଓ ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ ଚୈତ୍ର ଶୁକ୍ଳ ପ୍ରତିପଦାରେ ଆର୍ଯ୍ୟ ସମାଜ ଭଦ୍ରକ ପକ୍ଷରୁ ମହାସମାରୋହରେ ପାଳନ କରାଯାଇଛି। ବେଦ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠାନରେ ପଣ୍ଡିତ ପଣ୍ଡା ସୃଷ୍ଟିର ଆଦ୍ୟ ଦିବସ ଓ ଆର୍ଯ୍ୟ ସମାଜର ମହତ୍ୱ ବର୍ଣ୍ଣନା କରିଥିଲେ ତଥା ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସଭାପତି ସୁଶ୍ରୀ ବୀଣାପାଣି ପଣ୍ଡା ଓ ସହ ଆଚାର୍ଯ୍ୟ ଲକ୍ଷ୍ମୀଧର ପଣ୍ଡାଙ୍କ ଯଜମାନତ୍ୱରେ ଯଜ୍ଞ କାର୍ଯ୍ୟ ସଂପନ୍ନ ପରେ ସମାଜର ସଦସ୍ୟା ସ୍ମିତାରାଣୀ ନାୟକ, ସୁସଂଧ୍ୟା ପଣ୍ଡା, ମଧୁମିତା ସାହୁ, ନର୍ମଦା ନାୟକ ଓ ସଂସ୍କୃତି ପଣ୍ଡା ବେଦମନ୍ତ୍ର ପାଠ ଓ ଭଜନ ପରିବେଷଣ କରିଥିଲେ। ଲକ୍ଷ୍ମୀଧର ପଣ୍ଡା ଆର୍ଯ୍ୟ ସମାଜର ସଂସ୍କାର ଦିଗ ଓ ବୈଚାରିକ ଦିଗ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଂପାଦକ ସୁଧୀର ମୁଦୁଲି ସୃଷ୍ଟି ଆରମ୍ଭ ଦିବସରେ ମହତ୍ୱ ବ୍ୟାଖ୍ୟା କରିଥିଲେ। ରବିନାରାୟଣ ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକର ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଦ୍ୱାନ ବିଦୂଷୀ ଓ ଆର୍ଯ୍ୟ ସମାଜର ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ; ୪ ଗୋରୁ ଆହତ



**ଭଣ୍ଡାରିପୋଖରୀ, ୩୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ନୌରଙ୍ଗପୁର ଗାଁର ଦୁର୍ଯ୍ୟୋଧନ ନାୟକଙ୍କ ଘର ଅଗ୍ନିକାଣ୍ଡରେ ଜଳିଯାଇଛି। ପବନର ବେଗ ତୀବ୍ର ଥିବାରୁ ଆଖି ପିଛୁଳାକେ ସବୁ ଭସ୍ମୀଭୂତ ହୋଇଯାଇଛି। ପରିବାର ଲୋକେ ନିଦରେ ଶୋଇଥିବାରୁ କୌଣସି ସାମଗ୍ରୀ ଉଦ୍ଧାର କରିପାରି ନଥିଲେ। ବାସଗୃହ ସଂଲଗ୍ନ ଗୁହାଳରୁ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡିପାଉଁଶ ହୋଇଯାଇଛି। ସେହିପରି ୨ଟି ବାଛୁରି ଓ ୨ଟି ଗାଇ ଅଗ୍ନିକାଣ୍ଡରେ ଆହତ ହୋଇଥିବା ଜଣାଯାଇଛି। ଖବର ପାଇ ଭଣ୍ଡାରିପୋଖାରୀରୁ ଦମକଳବାହିନୀ ଆସି ଅଗ୍ନିକୁ ଆୟତ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡା, ରାଜସ୍ୱ ନିରୀକ୍ଷକ କୀର୍ତିରଞ୍ଜନ ମଲ୍ଲିକ ଓ ସହକାରୀ ରାଜସ୍ୱ ନିରୀକ୍ଷକ କୃତିବାସ ମହାଳିକ ସୋମବାର ଅନୁଧ୍ୟାନ କରି ସହାୟତା ଯୋଗାଇବାକୁ ପଦକ୍ଷେପ ଗ୍ରହଣ କରିଥିବା ଜଣାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ଦୋବଲ, ୩୧।୩(ସମିସ):** ଦୋବଲ ଜୋନ ଦେହୁଡି ଆନନ୍ଦପୁର ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଗୋପାଳଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ 'ଅମୃତଦର୍ଶନ'ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟବକ୍ତା ପୂର୍ବୋତ୍ତର ସଂଭାଗ ସମ୍ପାଦକ ଅମୂଲ୍ୟପ୍ରସାଦ ନାୟକ, ସ୍ୱତନ୍ତ୍ର ଅତିଥି ସମ୍ବଲପୁରସ୍ଥିତ ଏମସିଏଲର ଡେପୁଟି ମ୍ୟାନେଜର ପ୍ରଣୟ ଡହଲୱାଲ ଓ ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟବ୍ୟାଙ୍କ ଦୋବଲ ଶାଖା ପରିଚାଳକ ନିଗମାନନ୍ଦ ନାୟକ ଯୋଗ ଦେଇଥିଲେ। ସହ ପ୍ରଧାନଆଚାର୍ଯ୍ୟ ପ୍ରକାଶଚନ୍ଦ୍ର ଜେନା ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ କମିଟିର ସମ୍ପାଦକ ଗଦାଧର ସାହୁ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଗୁରୁମା ପ୍ରତିଭା ପାଣିଗ୍ରାହୀ ଓ ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଗୀତିନାଟ୍ୟ 'ମହିଷାମର୍ଦ୍ଦିନୀ' ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ, କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କମିଟିର ସଭାପତି ଆଶିଷଚନ୍ଦ୍ର ନନ୍ଦ, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରତାପ ଆଦିଆ, ଗୁରୁଜୀ ଅଶୋକ ଶତପଥୀ, ବିନୋଦ ଦାସ, ମନୋଜ ଜେନା ଓ ଗୁରୁମା ଲଳିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପୋତିହେଉଛି ନଦୀଶଯ୍ୟା; ଚାଷୀଙ୍କୁ ମିଳୁନି ପାଣି



**ବନ୍ତ/ଆଗରପଡ଼ା, ୩୧।୩(ସମିସ):** ଭଦ୍ରକ ଜିଲ୍ଲା ଦେଇ ସାଳନ୍ଦୀ ନଦୀର ଅନେକଗୁଡ଼ିଏ ଶାଖା ପ୍ରଶାଖା ପ୍ରବାହିତ ହୋଇଛି। ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାର ଅଧିକାଂଶ ସ୍ଥାନରେ କୃଷି କାର୍ଯ୍ୟ ପାଇଁ ଏହି ନଦୀ ଜଳକୁ ଉପଯୋଗ କରାଯାଇଥାଏ। ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରବାହିତ ଏହି ନଦୀର ଶଯ୍ୟା ପ୍ରାୟତଃ ପୋତି ହୋଇଯାଇଥିବା ଦେଖିବାକୁ ମିଳୁଛି। ନଦୀ କୂଳରେ ଚାଷ ପାଇଁ ଆବଶ୍ୟକ ପାଣି ଚାଷୀମାନେ ସଂଗ୍ରହ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଦୀ ପାଶ୍ୱର୍ରୁ ମାଟି ଅତଡ଼ା ଖସୁଛି। ସାଳନ୍ଦୀରେ ଜଳ ପତନ ସାମାନ୍ୟ ବୃଦ୍ଧି ପାଇଲେ ଏହା ଗାଁ ମଧ୍ୟକୁ ପଶିଆସି ଲୋକମାନଙ୍କର କ୍ଷୟକ୍ଷତି ଘଟୁଛି। ଏଥିନେଇ ନଦୀକୂଳିଆ ଗ୍ରାମବାସୀ ସଦାସର୍ବଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ସରକାରୀ ସ୍ତରରେ ପଥର ପ୍ୟାକିଂ ବା କୂଳରେ କଂକ୍ରିଟ ୱାଲର ବ୍ୟବସ୍ଥା ଥିଲେ ମଧ ତାହା ଏଠାରେ ନିର୍ମାଣ ହୋଇପାରି ନାହିଁ। ଗତ ୧୯୯୯ ମସିହାର ମହାବାତ୍ୟା ସମୟରେ ଏହି ନଦୀର ବନ୍ୟା ହଦଗଡ଼ ଡ୍ୟାମର ତଳି ଅଞ୍ଚଳରେ ଜଳ ନିଷ୍କାସନ ହୋଇପାରି ନଥିବାରୁ ଲୋକମାନେ ଦୀର୍ଘ ଦିନ ଧରି ପାଣି ଘେରରେ ରହିଥିଲେ। ନଦୀ ଶଯ୍ୟା ଖନନ ପାଇଁ ପ୍ରାକ୍ତନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ପ୍ରଚେଷ୍ଟାରେ ସାଳନ୍ଦୀ ସଂସ୍କାର ଯୋଜନାରେ ଅର୍ଥ ମଂଜୁର ହୋଇଥିଲା ଓ ପରେ ଏହାର କାର୍ଯ୍ୟ ମଧ ହୋଇଥିଲା। ମାତ୍ର ଏହି କାର୍ଯ୍ୟ ଠିକ୍‌ଭାବେ ହୋଇନଥିବାରୁ ବର୍ତ୍ତମାନ ଯଥା ପୂର୍ବଂ ତଥା ପରଂ ଅବସ୍ଥା ହୋଇଥିବାର ଜଣାପଡ଼ିଛି।

## ସାମାଜିକ ପରିବର୍ତ୍ତନ ପାଇଁ ସାମଗ୍ରୀକ ପ୍ରୟାସ ଜରୁରୀ

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ ପାଳିତ

**ଭଦ୍ରକ, ୩୧।୩(ସମିସ)**



ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଗଭଳି ସେମାନଙ୍କ ପ୍ରତି ଅବିଚାର, ଅବହେଳା ମନୋଭାବର ପରିବର୍ତ୍ତନ ପାଇଁ ସାମଗ୍ରୀକ ପ୍ରୟାସ ନିହାତି ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳ, ଭଦ୍ରକ ପୌରପ ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ସଂଯୋଜକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ସ୍ୱୀକୃତି ଯୋଜନାରେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ, ଭଣ୍ଡାରିପୋଖରୀ ବିଏସ୍‌ଏସ୍ ଓ ଶାନ୍ତ୍ୱନା ଦାସ, ଟ୍ରାନ୍ସଜେଣ୍ଡର ସୌମ୍ୟା ଦାସ, ଶ୍ରାବଣୀ ମଲ୍ଲିକ୍ ଏହି ଦିବସ ପାଳନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ପ୍ରସାରିତ ଟ୍ରାନ୍ସଜେଣ୍ଡର ସମାଜ ଉପରେ ଆଧାରିତ ଏକ କାର୍ଯ୍ୟକ୍ରମକୁ ଦୂରଦର୍ଶନର ଜଣା ଅଜଣାକୁ ଜିଲ୍ଲାପାଳଙ୍କ ପରିଚାଳନାରେ ମଞ୍ଚରେ ପ୍ରଦର୍ଶିତ କରାଯାଇଥିଲା। ଟ୍ରାନ୍ସଜେଣ୍ଡର ରଶ୍ମିରଞ୍ଜନ ବେହେରା ଓ ମାନସୀ ଟୁଡୁଙ୍କୁ ପ୍ରମାଣପତ୍ର ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

# କଳାହାଣ୍ଡି କପ୍ — ଶୁଭଙ୍କରଙ୍କ ଶତକ; ଜାକିଙ୍କୁ ୫ ୱିକେଟ







କଟକ,୩୧।୩(ସମିସ): ଚଳିତ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଗ୍ରୁପ-ଡି, ଇ ଏବଂ ଏଫ୍‌'ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଜାରି ରହିଛି। ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ୧୬୫ ରନରେ ପୁରୀକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୪ ୱିକେଟ ବିନିମୟରେ ୨୯୫ ରନ କରିଥିଲା। ଶୁଭଙ୍କର ବିଶ୍ୱାସ ୧୦୪ ବଲରୁ ୧୨୨ ରନର ଅପରାଜିତ ଇନିଂସ ଖେଳିଥିଲେ। ଜ୍ଞାନ ରଞ୍ଜନ ନାୟକ ଏବଂ ସାହିଲ ସିଂହ ଯଥାକ୍ରମେ ୬୧ ଏବଂ ୫୪ ରନ କରିଥିଲେ। ପୁରୀର ପଦ୍ମଲୋଚନ ପଣ୍ଡା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପୁରୀ ୧୩୦ ରନରେ ଅଲଆଉଟ ହୋଇଥିଲା। ଗୌତମ ସୁନା ୩ଟି ଏବଂ ମାଣିକ ସୁନାପୁରି ୨ଟି ୱିକେଟ ହାସଲ କରିଥିଲେ। ଶତକୀୟ ପାଳି ଖେଳିଥିବା ଶୁଭଙ୍କର ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସନସାଇନ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୧୫୬ ରନରେ ବରଗଡ଼କୁ ପରାସ୍ତ କରିଛି। ୫ ୱିକେଟ ସଫଳତା ସହ ମ୍ୟାଚ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିବା ସୟଦ ଜାକି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚରେ ସମ୍ବଲପୁର-ଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୪୫ ରନ କରିଥିଲା। ଶ୍ରେଷ୍ଠ ସିଂହ ୭୪ବଲରୁ ୯୩ ରନର ଦ୍ରୁତ ପାଳି ଖେଳିଥିଲେ। ୨୪୬ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବରଗଡ଼ ୮୯ ରନରେ ଅଲଆଉଟ ହୋଇଥିଲା। ଜାକି ୧୨ରନ ବିନିମୟରେ ୫ଟି ୱିକେଟ ହାସଲ କରିଥିଲେ। ସେହିଭଳି କ୍ଷମାସାଗର ବଳଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭଦ୍ରକ ୬ ୱିକେଟରେ ରାୟଗଡାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡା ୯୬ ରନରେ ଅଲଆଉଟ ହୋଇଥିବା ବେଳେ କ୍ଷମାସାଗରଙ୍କୁ ୩ଟି ୱିକେଟ ମିଳିଥିଲା। ୫୨ରନର ଅପରାଜିତ ପାଳି ଖେଳି କ୍ଷମାସାଗର ୩୨ଓଭର ପୂର୍ବରୁ ଦଳକୁ ଜିତାଇଥିଲେ। ରେଳବାଇ ଷ୍ଟାଡିୟମ ଗ୍ରାଉଣ୍ଡରେ କଟକ-ବି ୨୪ ରନରେ କିଟ୍‌କୁ ପରାସ୍ତ କରିଛି। କଟକ-ବି ୮ ୱିକେଟ ବିନିମୟରେ ୨୫୩ ରନ କରିଥିଲା। ଚୌଧୁରୀ ଏସ୍ ମହାନ୍ତି ସର୍ବାଧିକ ୭୧ ରନ କରିଥିଲେ। କିଟ୍‌ର ୨୫୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି କିଟ୍ ୨୨୯ ରନରେ ଅଲଆଉଟ ହୋଇଥିଲା। କଟକ-ବି'ର ତାପସ ଲେଙ୍କା ୩ଟି ୱିକେଟ ଦଖଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଭୁବନେଶ୍ୱର-ଏ ୧୪୪ରନରେ ଦେବଗଡ଼କୁ, ଅନୁଗୋଳ ୨୬ ରନରେ ବଲାଙ୍ଗିରକୁ, ମାଲକାନଗିରି ୫ ୱିକେଟରେ ବାଲେଶ୍ୱରକୁ, ଝାରସୁଗୁଡା ୬ ୱିକେଟରେ ସୋନପୁରକୁ, ଗଞ୍ଜାମ ୫ ୱିକେଟରେ ଢେଙ୍କାନାଳକୁ ହରାଇଛି।

# ରାଜ୍ୟ କାନୋଏ ସ୍ପ୍ରିଣ୍ଟ, ସାଲାଲୋମ ଉଦ୍‌ଯାପିତ



କଟକ,୩୧।୩(ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ କାନୋଏ ସ୍ପ୍ରିଣ୍ଟ ଏବଂ କାନୋଇ ସାଲାଲୋମ୍ ଚାମ୍ପିଅନସିପ ଆୟୋଜିତ ହୋଇଯାଇଛି। ଉପକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସହ ଅନୁବନ୍ଧିତ ସମସ୍ତ ଜିଲ୍ଲାରୁ ଉଭୟ ପୁରୁଷ ଏବଂ ମହିଳା ବର୍ଗର ପ୍ରତିଯୋଗୀଙ୍କୁ ମିଶାଇ ଶତାଧିକ ଖେଳାଳି ଭାଗ ନେଇଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯିବ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଓଏସ୍‌ଡି ଧୀରଜ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଗତପୁରରେ କାୟାକିଂ ଓ କାନୋଇଂ କ୍ରୀଡ଼ାର ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ନେଇ ସହଯୋଗ କରାଯିବ ବୋଲି କ୍ରୀଡ଼ା ନିର୍ଦ୍ଦେଶକ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କାୟାକିଂ ଓ କାନୋଇଂ ସଂଘର ସଭାପତି ତଥା ବିଧାୟକ ଫକୀର ମୋହନ ନାଏକ, ନିହାର ଦାସ ପଟ୍ଟନାୟକ, ସାଇ କେନ୍ଦ୍ରର ଉପନିର୍ଦ୍ଦେଶକ ତ୍ରୈଲୋକ୍ୟ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଜାତୀୟ ଉପକନିଷ୍ଠ ଅସିଚାଳନା ପ୍ରତିଯୋଗିତା — ମଣିପୁର ଚାମ୍ପିଅନ, ଓଡ଼ିଶା ରନର୍ସଅପ୍




ଭୁବନେଶ୍ୱର, ୩୧।୩ (ସମିସ): କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ମାର୍ଚ୍ଚ ୨୭ରୁ ଚାଲିଥିବା ଜାତୀୟ ଉପକନିଷ୍ଠ ଅସିଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସର୍ବାଧିକ ୩୫ ପଏଣ୍ଟ ପାଇ ମଣିପୁର ଚାମ୍ପିଅନ୍ ଓ ୨୯ ପଏଣ୍ଟ ପାଇ ହରିୟାଣା ରନର୍ସ ଅପ୍ ହୋଇଥିଲା। ଓଡ଼ିଶାକୁ ମାତ୍ର ଗୋଟିଏ ପଏଣ୍ଟ ମିଳିଥିଲା। ପ୍ରତିଯୋଗିତା ଶେଷରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଓ ଚଳଚ୍ଚିତ୍ର ତାରକା ଶ୍ରୀତମ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ରାଜୀବ ମେହେଟା, ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ● ପ୍ରଥମ ରାଜ୍ୟ ସ୍କୁଲସ୍ତରୀୟ କୁଡୋ — କଟକ ଚାମ୍ପିଅନ, ଖୋର୍ଦ୍ଧା ରନର୍ସଅପ୍



ଭୁବନେଶ୍ୱର, ୩୧।୩ (ସମିସ): କଟକ ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ରାଜ୍ୟ ସ୍କୁଲସ୍ତରୀୟ କୁଡୋ ପ୍ରତିଯୋଗିତାରେ କଟକ ଜିଲ୍ଲା ଚାମ୍ପିଅନ ଓ ଖୋର୍ଦ୍ଧା ଜିଲ୍ଲା ରନର୍ସ ଅପ୍ ହୋଇଛି। ପ୍ରତିଯୋଗିତା ଶେଷରେ କଟକ ୩୮ ସ୍ୱର୍ଣ୍ଣ, ୪୪ ରୌପ୍ୟ ଓ ୭୩ଟି କାଂସ୍ୟ ସହ ୧୫୫ଟି ପଦକ ବିଜୟୀ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ୨୨ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୭ଟି କାଂସ୍ୟ ସହ ୬୯ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ୧୪ ସ୍ୱର୍ଣ୍ଣ ସହ ୨୬ଟି ପଦକ ଜିତି ବାଲେଶ୍ୱର ତୃତୀୟ, ୪ ସ୍ୱର୍ଣ୍ଣ ସହ ୧୧ଟି ପଦକ ଜିତି ଦେବଗଡ଼ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତା ଶେଷରେ କୁଡୋ ଆସୋସିଏସନ ଅଫ୍ ଓଡ଼ିଶା ସଭାପତି ଶିବାଶିଷ କର ଓ ସମ୍ପାଦକ ନିତାଇ ଶଙ୍କର ଗୁଇଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଖୋର୍ଦ୍ଧା ଜିଲା ପ୍ରତିଯୋଗୀଙ୍କୁ ଜିଲ୍ଲା ସଂଘ ସଭାପତି ଗୌରବ କର, ସମ୍ପାଦିକା ସସ୍ମିତା ବେହେରା ଉପଦେଷ୍ଟା ବିଭୂତି ଚମ୍ପତି ଅଭିନନ୍ଦନ ଜଣାଇଛନ୍ତି।

## ଏଲ୍‌ଏଲ୍‌ସିସି କପ୍ କ୍ରିକେଟ: ସେମିରେ ସହିଦ୍ ସ୍ପୋର୍ଟିଂ




ଭୁବନେଶ୍ୱର, ୩୧।୩ (ସମିସ): ପୁରୁଣା ଭୁବନେଶ୍ୱରର ଟାଉନ୍ କ୍ଲବ୍‌କୁ ହରାଇ ସହିଦ୍ ସ୍ପୋର୍ଟିଂ କ୍ଲବ୍ ଚତୁର୍ଥ ଏଲ୍‌ଏଲ୍‌ସିସି କପ୍ ୧୫ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଆଇଆର୍‌ସି ଭିଲେଜ ପଡ଼ିଆରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟାଉନ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୩୬ ରନ୍ କରିଥିଲା। ଦଳ ପକ୍ଷରୁ ଅନୁରାଗ ସାମନ୍ତରାୟ ସର୍ବାଧିକ ୧୦୫ ଓ ଇଶାନ ମହାପାତ୍ର ୯୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବିଶ୍ୱ ସାମନ୍ତରାୟ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସହିଦ୍ ସ୍ପୋର୍ଟିଂ ୩୦ ଓଭରରେ ୮ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୩୭ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ସୁପ୍ରତିକ ମିଶ୍ର ୧୦୯, ମହେଶ କୁମାର ପଟ୍ଟନାୟକ ୪୮ ରନ୍ କରିଥିଲେ। ଟାଉନ୍ କ୍ଲବ୍‌ର ଶ୍ଳୋକ ସଂକଳ୍ପ ୪ଟି, ଅଭିଷେକ ବିଶ୍ୱାଳ ୨ଟି ୱିକେଟ ନେଇଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ। ସୁପ୍ରତିକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଅତିଥି ମୋନାଲିସା ରାଉତ ଓ ୱାର୍ଡ ନଂ-୨୭ର କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ।

## ଫାଓ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୩୧।୩ (ସମିସ): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଚାଲିଥିବା ଜୁନିୟର୍ ଲିଗ୍‌ରେ ସୋମବାର ଓଡ଼ିଶାର ଦୁଇ ଦଳ ଫାଓ ଏକାଡେମୀ ଓ ଓଡ଼ିଶା ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। ପଶ୍ଚିମବଙ୍ଗର ଅଘୋରନାଥ ପାର୍କ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଫାଓ ଏକାଡେମୀ ୯-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ବିଜୟୀ ଦଳର ସତ୍ୟଜିତ୍ ସିଂ ୩ ଓ ଅଧିନାୟକ ଅଜିତ୍ ମାଝୀ ୩ଟି ଗୋଲ୍ ଦେଇଥିଲେ।

## ନିଖିଳ ଓଡ଼ିଶା ଓପନ ବାହୁକୁସ୍ତି — ଆଦିତ୍ୟ, ଚନ୍ଦନ ଓ ମଧୁସ୍ମିତା ଶ୍ରେଷ୍ଠ




ଭୁବନେଶ୍ୱର, ୩୧।୩ (ସମିସ): କଟକ ଚୌଧୁରୀବଜାର କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ ପରିସରରେ ମଠସାହି ମା ମଙ୍ଗଳା ପୂଜା କମିଟି ଓ ବାପୁଜୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ଓପନ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ବିଭାଗରେ ଆଦିତ୍ୟ ନାୟକ, ବରିଷ୍ଠ ପୁରୁଷ ବିଭାଗରେ ଚନ୍ଦନ ମହାପାତ୍ର ଓ ମହିଳା ବିଭାଗରେ ମଧୁସ୍ମିତା ସେନାପତି ଶ୍ରେଷ୍ଠ ପ୍ରତିଯୋଗୀ ବା ଚାମ୍ପିଅନ ଅଫ୍ ଚାମ୍ପିଅନ୍ସ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତାର କନିଷ୍ଠ ବିଭାଗ ୫୦ କେଜିରେ ବଦ୍ରି ରାଜ, ୬୦ କେଜିରେ ପୀୟୂଷ ପ୍ରଧାନ, ୭୦ କେଜିରେ ମଳୟ ରାଉତ, ୮୦ କେଜିରେ ରାମ ଦାସ, ୯୦ କେଜିରେ ଆଦିତ୍ୟ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗ ୫୫ କେଜିରେ ସଞ୍ଜିତ ନାୟକ, ୬୦ କେଜିରେ ଆଲୋକ ମହାପାତ୍ର, ୬୫ କେଜିରେ ରାହୁଲ ମୁଖୀ, ୭୦ କେଜିରେ ବିକି ନାୟକ, ୭୫ କେଜିରେ ଚିନ୍ମୟ ରାଉତ, ୮୦ କେଜିରେ ଆକାଶ ମୁଖୀ, ୮୫ କେଜିରେ ଦେବାଶିଷ ଦାସ, ୯୦ କେଜିରେ ମୁକେଶ ମାହାର, ୧୦୦ କେଜିରେ ଚନ୍ଦନ ମହାପାତ୍ର, ଏବଂ ୧୧୦ କେଜିରୁ ଊର୍ଦ୍ଧ୍ୱ ବିଭାଗରେ ବିଜୟରାଜ ମୁଖୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ମଧ୍ୟ ଶ୍ରେଷ୍ଠ ପ୍ରତିଯୋଗୀମାନେ ବିଜୟୀ ହୋଇଥିଲେ।

ସେମାନଙ୍କ ମଧ୍ୟରୁ ୫୦ କେଜିରେ ମଧୁସ୍ମିତା ସେନାପତି, ୬୦ କେଜିରେ ଦୀପାଳି ନାୟକ, ୭୦ କେଜିରେ ଦେବସ୍ମିତା ଗୋସ୍ୱାମୀ ପ୍ରଥମ ସ୍ଥାନରେ ରହିଥିଲେ। ଖେଳ ଶେଷରେ ମା ମଙ୍ଗଳା ପୂଜା କମିଟିର ସଭାପତି ମଧୁସୂଦନ ଘଡେଇ ଓ ସମ୍ପାଦକ ଅନୀଲ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ବିଧାୟିକା ସୋଫିଆ ଫିର୍ଦୋସ ମୁଖ୍ୟ ଅତିଥି, ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ସବିତା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।



























## ପଦାର୍ପଣରେ ଅଶ୍ୱନିଙ୍କ ଘାତକ ବୋଲିଂ, ରିକେଲଟନଙ୍କ ଅର୍ଦ୍ଧଶତକ

# କୋଲକାତାକୁ ହରାଇ ମୁମ୍ବାଇର ପ୍ରଥମ ବିଜୟ

ମୁମ୍ବାଇ,୩୧।୩ (ଏଜେନ୍ସି)



ପଦାର୍ପଣକାରୀ ପେସ୍ ବୋଲର ଅଶ୍ୱନି କୁମାରଙ୍କ ଘାତକ ବୋଲିଂ ଓ ର୍ୟାନ୍ ରିକେଲଟନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ୮ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରି ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଅଶ୍ୱନି ୨୪ ରନ୍‌ରେ ୪ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୧୬.୨ ଓଭରରେ ମାତ୍ର ୧୧୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୨.୫ ଓଭରରେ ମାତ୍ର ୨ ୱିକେଟ ହରାଇ ୧୨୧ ରନ୍ କରିବା ସହ ସହଜ ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର ରିକେଲଟନ ୪୧ ବଲ୍‌ରୁ ୪ ଚୌକା ଓ ୫ ଛକା ସହ ୬୨ ଓ ସୂର୍ଯ୍ୟକୁମାର ଯାଦବ ୯ ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ରୋହିତ ଶର୍ମା ୧୩ ଓ ୱିଲ ଜ୍ୟାକ୍ସ ୧୬ ରନ୍ କରି ଆନ୍ଦ୍ରେ ରସେଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଶ୍ୱନି ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ମୁମ୍ବାଇ ତୃତୀୟ ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲାବେଳେ କୋଲକାତା ଦ୍ୱିତୀୟ ପରାଜୟ ବରଣ କରିଛି।

### କୋଲକାତାର ବ୍ୟାଟିଂ ବିଫଳ


ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନାଇଟ୍ ରାଇଡର୍ସ ପ୍ରଥମ ଓଭରରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ସୁନିଲ ନାରାୟଣ (୦), ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ କ୍ୱିଣ୍ଟନ ଡି କକ୍ (୧)ଙ୍କୁ ଆଉଟ କରି ଟ୍ରେଣ୍ଟ ବୋଲ୍ଟ ଓ ଦୀପକ ଚହର ଏହି ବିପର୍ଯ୍ୟର ଧାରା ଆରମ୍ଭ କରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଚତୁର୍ଥ ଓଭର ବୋଲିଂ କରିବାକୁ ଡେବ୍ୟୁଟାଣ୍ଟ ଅଶ୍ୱନି କୁମାରଙ୍କୁ ବଲ ଦେଇଥିଲେ। ୨୩ ବର୍ଷୀୟ ଏହି ଫାଷ୍ଟ ବୋଲର ଅଶ୍ୱନି ଆଇପିଏଲ୍‌ରେ ବୋଲିଂ କରିଥିବା ପ୍ରଥମ ବଲ୍‌ରେ ପ୍ରତିପକ୍ଷ କୋଲକାତା ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କୁ ଆଉଟ କରିଥିଲେ। ରାହାଣେଙ୍କ ସଟ୍ ଧରିବାକୁ ତିଳକ ବର୍ମାଙ୍କୁ କିଛିଟା କଷ୍ଟ କରିବାକୁ ପଡ଼ିଥିଲା। ଏହା ପରେ ଅଶ୍ୱନି ଜଣଙ୍କ ପରେ ଜଣେ ୪ଜଣ ଖେଳାଳିଙ୍କୁ ଆଉଟ କରିବା ଫଳରେ କୋଲାକାତାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ଅଙ୍ଗକ୍ରିସ ରଘୁବଂଶୀ ସର୍ବାଧିକ ୨୬ ରନ୍ କରିଥିଲେ। ରିଙ୍କୁ ସିଂ ୧୭ ଓ ଇମ୍ପାକ୍ଟ ପ୍ଲେୟର ମନୀଷ ପାଣ୍ଡେ ୧୯ ରନ୍ କରି କିଛିଟା ସମ୍ମାନ ରଖିଥିଲେ। ଶେଷଭାଗରେ ରମଣଦୀପ ସିଂ କିଛି ବଡ଼ ସଟ୍ ଖେଳିଥିଲେ ମଧ୍ୟ ୧୨ଟି ବଲ୍‌ର ସାମନା କରିବା ପରେ ୨୨ ରନ୍‌ରେ ଆଉଟ ହୋଇଥିଲେ।

ମୁମ୍ବାଇ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବେଶ ପ୍ରଭାବଶାଳୀ ନେତୃତ୍ୱ ନେଇଥିଲେ। ତାଙ୍କର ସମସ୍ତ ଚାଲ ଏହି ମ୍ୟାଚ୍‌ରେ ସଫଳ ହୋଇଥିଲା ଓ ପ୍ରତ୍ୟେକ ବୋଲିଂ ବଦଳରେ ସଫଳତା ମିଳିଥିଲା। ଡେବ୍ୟୁଟାଣ୍ଟ ଅଶ୍ୱନି କୁମାର ୩ ଓଭର ବୋଲିଂ କରି ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଦୀପକ ଚହରଙ୍କୁ ୨ଟି ୱିକେଟ ମିଳିଥିଲା। ଟ୍ରେଣ୍ଟ ବୋଲ୍ଟ, ପାଣ୍ଡ୍ୟା, ବିଗ୍ନେଶ ପୁଥୁର ଓ ମିଚେଲ ସାଣ୍ଟନରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**କୋଲକାତା ନାଇଟ୍ ରାଇଡର୍ସ**: ୧୧୬/୧୦, ୧୬.୨ ଓଭର (ରଘୁବଂଶୀ-୨୯, ରମଣଦୀପ-୨୨, ରାହାଣେ-୧୧, ରିଙ୍କୁ-୧୭, ଅଶ୍ୱିନ କୁମାର-୪/୨୪, ଦୀପକ ଚହର-୨/୧୯)।

**ମୁମ୍ବାଇ ଇଣ୍ଡିଆନ୍ସ**: ୧୨୧/୨, ୧୨.୫ ଓଭର (ର୍ୟାନ୍ ରିକେଲଟନ-ଅପରାଜିତ - ୬୨, ୱିଲ ଜ୍ୟାକ୍ସ-୧୬, ରୋହିତ ଶର୍ମା-୧୩, ସୂର୍ଯ୍ୟକୁମାର ଯାଦବ- ଅପରାଜିତ ୨୭, ଆନ୍ଦ୍ରେ ରସେଲ-୨/୩୫, )।



### ଆଇପିଏଲ୍‌ରେ ଆଜି

ଲକ୍ଷ୍ନୌ ବନାମ ପଞ୍ଜାବ

ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍ସ / ଜିଓ ହଟଷ୍ଟାର

ଆଇପିଏଲ୍‌ର ପ୍ରଥମ ବଲରେ ୱିକେଟ

## ଅଶ୍ୱନି ୧୦ମ ବୋଲର

ମୁମ୍ବାଇ, ୩୧।୩ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ କୋଲକାତାର ଆଜିଙ୍କ୍ୟ ରାହାଣେଙ୍କୁ ପ୍ରଥମ ବଲ୍‌ରେ ଆଉଟ କରି ମୁମ୍ବାଇର ପଦାର୍ପଣକାରୀ ମିଡିୟମ ପେସ୍ ବୋଲର ଅଶ୍ୱିନ କୁମାର ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ଆଇପିଏଲ୍‌ର ୧୮ତମ ସଂସ୍କରଣରେ ଅଶ୍ୱିନ ପଦାର୍ପଣ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ୱିକେଟ ପାଇବାରେ ୧୦ମ ତଥା ମୁମ୍ବାଇ ଇଣ୍ଡିଆନ୍ସର ଚତୁର୍ଥ ବୋଲର ହୋଇଛନ୍ତି। ୨୦୦୮ରେ ଆଇପିଏଲ୍ ଆରମ୍ଭ ହୋଇଥିଲାବେଳେ କୋଲକାତାର ଇଶାନ୍ତ ଶର୍ମା ଓ ପଞ୍ଜାବ କିଙ୍ଗ୍‌ସର ୱିଲକିନ୍ ମୋଟା ସେମାନଙ୍କ ପଦାର୍ପଣ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ୱିକେଟ ପାଇଥିଲେ। ଏହା ପରେ ୨୦୦୯ରେ ୩ଜଣଙ୍କୁ ଏହି ସଫଳତା ମିଳିଥିଲା। ଏହି ବର୍ଷ ରାଜସ୍ଥାନ ରୟାଲ୍ସର ଶେନ୍ ହାରଉଡ୍ ଓ ଅମିତ ସିଂ, କୋଲକାତାର ଚାର୍ଲ ଲାଙ୍ଗଭେଲ୍ଡଙ୍କୁ ଏହି ସଫଳତା ମିଳିଥିଲା। ୨୦୧୦ରେ ମୁମ୍ବାଇ ଇଣ୍ଡିଆନ୍ସର ଅଲି ମୁରତାଜା, ୨୦୧୨ରେ ଦିଲ୍ଲୀ କ୍ୟାପିଟାଲ୍ସର ଟିଡି ସୁଧୀନ୍ଦ୍ର, ୨୦୧୦ରେ ମୁମ୍ବାଇର ଆଲଜରୀ ଯୋଶେଫ, ୨୦୨୨ରେ ଚେନ୍ନାଇର ମାଥିଶ ପତିରାଣା ଓ ୨୦୨୫ରେ ଅଶ୍ୱନି କୁମାର ଏହି ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି।


## ପରାଗଙ୍କୁ ୧୨ ଲକ୍ଷ ଜରିମାନା

ଗୌହାଟୀ, ୩୧।୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରବିବାର ରାତିରେ ସ୍ଥାନୀୟ ବର୍ଷାପରା ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୬ ରନରେ ରୋମାଞ୍ଚକ ଭାବେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ଅର୍ଥାତ୍ ଧାର୍ଯ୍ୟ ସମୟ ମଧ୍ୟରେ ୨୦ ଓଭର ବୋଲିଂ ଶେଷ କରିପାରି ନ ଥିବାରୁ ଅଧିନାୟକ ଭାବେ ପରାଗଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି।

## 'ପଟୌଦି ଟ୍ରଫି'କୁ ଅବସର ଦେବ ଇସିବି



ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଲମ୍ବା ସମୟ ଧରି 'ପଟୌଦି ଟ୍ରଫି' ଖେଳାଯାଇ ଆସୁଛି। ଇଂଲଣ୍ଡ ମାଟିରେ ଘରୋଇ ଦଳ ବିପକ୍ଷରେ ଭାରତ ଯେଉଁ ଟେଷ୍ଟ ସିରିଜ ଖେଳିଥାଏ ତାହା ପଟୌଦି ଟ୍ରଫି ନାମରେ ନାମିତ ହୋଇଥାଏ। ପୂର୍ବତନ ଭାରତୀୟ ଅଧିନାୟକ ମନସୁର୍ ଅଲି ଖାନ ପଟୌଦିଙ୍କ ସମ୍ମାନାର୍ଥେ ଇସିବି ଭାରତ ବିପକ୍ଷ ଟେଷ୍ଟ ସିରିଜକୁ ନାମକରଣ କରିଥିଲା। ତେବେ ଆଗାମୀ ଦିବସରେ 'ପଟୌଦି ଟ୍ରଫି'କୁ ଅବସର ଦେବାକୁ ଇସିବି ଯୋଜନା କରୁଥିବା ଜଣାପଡ଼ିଛି। ଆଇପିଏଲ୍ ଶେଷ ହେବାପରେ ଭାରତୀୟ କ୍ରିକେଟ୍ ଦଳ ଜୁନ୍-ଜୁଲାଇରେ ଇଂଲଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଭାରତୀୟ ଦଳ ଘରୋଇ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜରେ ହିଁ ଇସିବି 'ପଟୌଦି ଟ୍ରଫି'କୁ ସବୁଦିନ ପାଇଁ ଅବସର ଦେବ ବୋଲି ଜଣାପଡ଼ିଛି। ଏହା ପଛର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଆଉ ଜଣେ ମହାନ କ୍ରିକେଟର୍‌ଙ୍କ ନାମରେ ନୂତନ ଟ୍ରଫି ହୋଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଇସିବି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇନାହିଁ। ଉଲ୍ଲେଖଯୋଗ୍ୟ, ୨୦୦୭ରେ ଭାରତୀୟ ଦଳ ଯେତେବେଳେ ଟେଷ୍ଟ ସିରିଜ ଖେଳିବା ଲାଗି ଇଂଲଣ୍ଡ ଗସ୍ତ କରିଥିଲା ସେତେବେଳେ ଇସିବି ଏହାକୁ 'ପଟୌଦି ଟ୍ରଫି' ନାମରେ ନାମିତ କରିଥିଲା। ସେବେଠାରୁ ଇଂଲଣ୍ଡ ମାଟିରେ ଭାରତ ଯେତେସବୁ ଟେଷ୍ଟ ସିରିଜ ଖେଳିଛି ତାହା ଏହି ନାମରେ ଖେଳାଯାଉଥିଲା। ମନସୁର୍ ଅଲି ୧୯୬୧ରୁ ୭୫ ମଧ୍ୟରେ ଭାରତ ପାଇଁ ୪୬ ଟେଷ୍ଟ ଖେଳିଥିଲେ।







ଇନ୍‌ଷ୍ଟାରେ ସର୍ବାଧିକ ଫଲୋଅର୍ସ ଆଇପିଏଲ୍ ଟିମ୍

## ପ୍ରଥମ ସ୍ଥାନ ଲାଗି ଚେନ୍ନାଇ-ବେଙ୍ଗାଲୁରୁ ମଧ୍ୟରେ ଲଢ଼େଇ

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଆଇପିଏଲ୍‌ର ଚଳିତ ଅଷ୍ଟାଦଶ ସଂସ୍କରଣରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛି। ଉଦ୍‌ଘାଟନୀ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସକୁ ୭ ୱିକେଟ୍‌ରେ ହରାଇଥିବା ବେଙ୍ଗାଲୁରୁ ଶୁକ୍ରବାର ରାତିରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷରେ ୫୦ ରନର ବଡ଼ ବ୍ୟବଧାନରେ ଜିତିଥିଲା। ଏହି ଅବସରରେ ପଡ଼ିଆ ବାହାରେ ଚେନ୍ନାଇ ବିପକ୍ଷରେ ବେଙ୍ଗାଲୁରୁ ଆଉ ଏକ ବିଜୟ ଦିଗରେ ଅଗ୍ରସର ହେଉଛି। ରିପୋର୍ଟ ଅନୁଯାୟୀ, ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ସର୍ବାଧିକ ଫଲୋଅର୍ସ ଥିବା ଆଇପିଏଲ୍ ଟିମ୍ ମଧ୍ୟରେ ଏବେ ଚେନ୍ନାଇକୁ ପଛରେ ପକାଇବାକୁ ଯାଉଛି ଆର୍‌ସିବି। ଇନ୍‌ଷ୍ଟାଗ୍ରାମରେ ଚେନ୍ନାଇର ଫଲୋଅର୍ସ ସଂଖ୍ୟା ୧୭.୭ ମିଲିୟନ (ଏକ କୋଟି ୭୭ ଲକ୍ଷ) ଥିଲା। ଯାହାକୁ ସୋମବାର ସକାଳେ ଆର୍‌ସିବି ଟପି ୧୭.୮ ମିଲିୟନରେ ପହଞ୍ଚିଥିଲା। କିନ୍ତୁ ରାତିସୁଦ୍ଧା ରିପୋର୍ଟ ଲେଖା ହେଲାବେଳକୁ ଉଭୟଙ୍କ ଫଲୋଅର୍ସ ସଂଖ୍ୟା ୧୭.୮ରେ ରହିଛି।

## ବିହାରରେ ଏସିଆ କପ୍ ହକି

ନୂଆଦିଲ୍ଲୀ,୩୧।୩ (ଏଜେନ୍ସି): ହକି ଇଣ୍ଡିଆ ଓ ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣର ମିଳିତ ସହଯୋଗରେ ବିହାରର ରାଜଗିରିଠାରେ ଚଳିତବର୍ଷ ଏସିଆ କପ୍ ପୁରୁଷ ହକି ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହା ଅଗଷ୍ଟ ୨୯ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ରେ ଶେଷ ହେବ। ଏହା ଫଳରେ ରାଜଗିରି ହକି ଖେଳର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବାକୁ ଯାଉଛି। ଗତବର୍ଷ ନଭେମ୍ବର ମାସରେ ଏଠାରେ ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହୋଇଥିଲା। ଏଥିରେ ଭାରତ ଟାଇଟଲ ଜିତିଥିଲା।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS